ଇନ୍‌ଷ୍ଟାଗ୍ରାମ୍‌ରେ ସୋନିଆଙ୍କ ଆତ୍ମଜୀବନୀ

ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 209 ଭାଗ ୩୪ | ସଂଖ୍ୟା ୨୦୯ | Friday 23 October 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର, ୨୩ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଦୁର୍ଘଟଣାରେ ଦୁଇ ଆଥଲେଟ୍‌ଙ୍କ ମୃତ୍ୟୁ

ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ା ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୨।୧୦ (ସଂଚାର ବ୍ୟୁରୋ): ଗତକାଲି ରାତିରେ କଟକ-ଭୁବନେଶ୍ୱର ଜାତୀୟ ରାଜପଥର ଫୁଲନଖରା ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଓଡ଼ିଶାର ଦୁଇ ଯୁବ କ୍ରୀଡ଼ାବିତ୍ ଜୟରାମ ଦଣ୍ଡପାଟ ଓ ମଲୟ ବାରିକଙ୍କର ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ଏହି ଦୁର୍ଘଟଣା ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଘଟିଥିଲା। ଉଭୟ କ୍ରୀଡ଼ାବିତ୍‌ଙ୍କୁ କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ସେଠାରେ ପହଞ୍ଚିବା ପରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଜୟରାମ ଦେଶର ଅନ୍ୟତମ ଦ୍ରୁତତମ 'ଅଣ୍ଡର-୨୩' ଦୌଡ଼ାଳି ଭାବରେ ଖ୍ୟାତି ଅର୍ଜନ କରିଥିଲେ। ସେହିପରି ମଲୟ ୪୦୦ ମିଟର ଦୌଡ଼ ଇଭେଣ୍ଟରେ ଖ୍ୟାତି ଅର୍ଜନ କରିଥିଲେ। ୨୨ତମ ଜାତୀୟ ଜୁନିୟର (ଅଣ୍ଡର-୨୦) ଫେଡେରେସନ୍ ଆଥଲେଟିକ୍ସ ଚାମ୍ପିୟନସିପ୍‌ରେ ଜୟରାମ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ପୁରୁଷ ବିଭାଗର ୧୦୦ ମିଟର ଦୌଡ଼କୁ ୧୦.୬୭ ସେକେଣ୍ଡରେ ଓ ୨୦୦ ମିଟର ଦୌଡ଼କୁ ୨୧.୫୯ ସେକେଣ୍ଡରେ ପୂରଣ କରି ବିଜୟୀ ହୋଇଥିଲେ। ଏହି ଦୁଇ କ୍ରୀଡ଼ାବିତ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା 'ହାଇ ପରଫରମାନ୍ସ ସେଣ୍ଟର'ରେ ପ୍ରଶିକ୍ଷଣ ନେଉଥିଲେ। ସେମାନଙ୍କର ଏଭଳି ଅକାଳ ବିୟୋଗ ଓଡ଼ିଶାର କ୍ରୀଡ଼ା ଜଗତକୁ ଗଭୀର ଶୋକରେ ବୁଡ଼ାଇ ଦେଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏକ ସଡ଼କ ଦୁର୍ଘଟଣାରେ କ୍ରୀଡ଼ାବିତ୍ ଜୟରାମ ଓ ମଲୟଙ୍କ ଦୁଃଖଦ ମୃତ୍ୟୁ ଖବର ଶୁଣି ମୁଁ ଗଭୀର ମର୍ମାହତ। ସେମାନଙ୍କର ଅକାଳ ବିୟୋଗ ଓଡ଼ିଶାର କ୍ରୀଡ଼ା ଜଗତ ପାଇଁ ଏକ ବଡ଼ କ୍ଷତି। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା

ଦ୍ୱାରା ପୃଷ୍ଠା-୬

ଇଣ୍ଡିଆ କେମ୍-୨୦୨୬

ଖଣିରୁ କେମିକାଲ୍ ଅର୍ଥନୀତି ଆଡ଼କୁ ମୁହାଁଇଛି ଓଡ଼ିଶା

- ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପ
- ଟ୍ରିଲିୟନ୍ ଡଲାର୍ ସ୍ୱପ୍ନ ପୂରଣରେ ଓଡ଼ିଶାର ପ୍ରମୁଖ ଭୂମିକା ରହିବ
- ୩.୫୨ ଲକ୍ଷ କୋଟିରୁ ଅଧିକ ନିବେଶ ସୁଯୋଗ ସୃଷ୍ଟି ହୋଇସାରିଛି
- ଦ୍ରୁତ ଗତିରେ ଆଗଉଛି ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା: ମୁଖ୍ୟମନ୍ତ୍ରୀ

ମୁମ୍ବାଇ,୨୨।୧୦: ମୁମ୍ବାଇର ବମ୍ବେ ଏକ୍ସିବିସନ୍ ସେଣ୍ଟରଠାରେ 'ଇଣ୍ଡିଆ କେମ୍ ୨୦୨୬'ର ୧୪ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଫିକ୍କିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ଶିଳ୍ପ ମହାକୁମ୍ଭରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟକୁ ଖଣିଭିତ୍ତିକ ଅର୍ଥନୀତିରୁ କେମିକାଲ୍ ଓ ପେଟ୍ରୋକେମିକାଲ୍-ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର କରାଇବାର ସଂକଳ୍ପ ପ୍ରକାଶ କରିଛନ୍ତି। ୨୦୪୦ ସୁଦ୍ଧା ଭାରତର ୧ ଟ୍ରିଲିୟନ୍ ଡଲାରର କେମିକାଲ୍ ଅର୍ଥନୀତି ଲକ୍ଷ୍ୟକୁ ସାକାର କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଏବଂ ସମୃଦ୍ଧ ଓଡ଼ିଶାର ଅଂଶୀଦାର ହେବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ଖଣିଭିତ୍ତିକ ଅର୍ଥନୀତିରୁ ଏକ କେମିକାଲ୍‌ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି। ରାଜ୍ୟର ଖଣିଜ ସମ୍ପଦ, ବନ୍ଦର, ଶିଳ୍ପ ଭିତ୍ତିଭୂମି ଏବଂ ନୂତନ ନିବେଶ ସୁଯୋଗଗୁଡ଼ିକୁ କାମରେ ଲଗାଇ ଏହି ରୂପାନ୍ତରଣ କରାଯିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପାରାଦୀପ, ଗୋପାଳପୁର ଓ ଧାମରା ବନ୍ଦର ମାଧ୍ୟମରେ ଓଡ଼ିଶାର ରଣନୈତିକ ସୁବିଧାଗୁଡ଼ିକୁ ଆଲୋକପାତ କରିଥିଲେ, ଯାହାକି ଆଭ୍ୟନ୍ତରୀଣ ଏବଂ ଆନ୍ତର୍ଜାତିକ ବଜାର ସହ ସଂଯୋଗ ସ୍ଥାପନ କରିବାରେ ସହାୟକ ହେଉଛି। ସେ ପାରାଦୀପ ପେଟ୍ରୋଲିୟମ, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ ଇନଭେଷ୍ଟମେଣ୍ଟ ରିଜନ (ପିସିପିଆଇଆର), ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ଼ର ରିଫାଇନାରୀ ଓପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ଗୁରୁତ୍ୱ ସମ୍ପର୍କରେ କହି ପଲିମର, ପ୍ୟାକେଜିଂ ଏବଂ ଟେକ୍ସିକାଲ୍ ଟେକ୍ସଟାଇଲ୍ସ କ୍ଷେତ୍ରରେ ଡାଉନ୍‌ଷ୍ଟ୍ରିମ୍ ସୁଯୋଗ ସୃଷ୍ଟି କରୁଛି ବୋଲି କହିଥିଲେ।

ଗୋପାଳପୁରରେ ରେଫ୍ରିଜରେଣ୍ଟସ, ଫ୍ଲୋରୋକେମିକାଲ୍ସ, ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ତଥା ତାଳଚେର ଏବଂ ଲଖନପୁରରେ କୋଇଲା ଗ୍ୟାସୀୟକରଣଭିତ୍ତିକ

ପୃଷ୍ଠା-୬

ସୁପ୍ରିମ କୋର୍ଟଙ୍କ ତାଗିଦ୍ ପରେ ଚେତିଲେ ସରକାର

- ଗ୍ରାମୀଣ ରାସ୍ତାରେ ବ୍ଲାକସ୍ପଟ୍ ଚିହ୍ନଟ ପ୍ରକ୍ରିୟା ଆରମ୍ଭ
- ପଦଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧୦ (ସଂଚାର ବ୍ୟୁରୋ): ସଡ଼କ ଦୁର୍ଘଟଣା ଓ ପଦଚାରୀଙ୍କ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଅଭିମୁଖ୍ୟ ପରେ ରାଜ୍ୟ ସରକାର ଏବେ ସମସ୍ତ ପ୍ରକାରର ଗ୍ରାମୀଣ ରାସ୍ତାରେ ଦୁର୍ଘଟଣାପ୍ରବଣ ବ୍ଲାକସ୍ପଟ୍ ଚିହ୍ନଟ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। କ୍ଷେତ୍ରସ୍ତରୀୟ ଯାଞ୍ଚ ଓ ଓ ବ୍ଲାକସ୍ପଟ୍ ଚିହ୍ନଟ ପ୍ରକ୍ରିୟାକୁ ଜୋରଦାର କରିବା ଓ ଦୁର୍ଘଟଣା ଏଡ଼ାଇବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସବୁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ପକ୍ଷରୁ ସମ୍ବିଧାନର ଧାରା ୧୯ ଓ ୨୧ ଅଧୀନରେ ଫୁଟପାଥ୍ ଓ ସୁରକ୍ଷିତ ରାସ୍ତାରେ ଚାଲିବାର ଅଧିକାରକୁ ଏକ ମୌଳିକ ଅଧିକାର ବୋଲି କହିବା ସହ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ରାସ୍ତା ଓ ଅନ୍ୟାନ୍ୟ ଗ୍ରାମୀଣ ରାସ୍ତାରେ ଥିବା ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକୁ ତୁରନ୍ତ ଠିକ୍ କରିବାକୁ କୁହାଯାଇଛି।

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଦିତି ସିଂହ ଓଡ଼ିଶା ସରକାରଙ୍କୁ ଚିଠି ଲେଖି ତୁରନ୍ତ ପରିବହନ କମିଶନର ଓ ସମ୍ପୃକ୍ତ ବିଭାଗ ସହିତ ବୈଠକ କରି ଜିଲ୍ଲାସ୍ତରୀୟ ତଥ୍ୟ ଆଧାରରେ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ଓ ଅକ୍ଟୋବର ୩୦ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ତାଗିଦ୍ ଓ କେନ୍ଦ୍ର ସରକାରଙ୍କ ଚିଠି ପରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ସବୁ ଜିଲ୍ଲା ଅଫିସକୁ ଚିଠି ଲେଖି ଆକ୍ସନଟେକେନ ରିପୋର୍ଟ ମାଗିଥିବା ଜଣାପଡ଼ିଛି।

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ୨୦୨୩

ପୃଷ୍ଠା-୬

● ଆରମ୍ଭ ହେଲା କାର୍ତ୍ତିକ ବ୍ରତ, ପରିବା ଦର ଆକାଶଛୁଆଁ

ହାଟକୁ ଗଲେ ଉଡୁଛି ହୋସ୍

୬୦-୭୦ ଟଙ୍କା ତଳେ ନାହିଁ ଦର

ଭୁବନେଶ୍ୱର, ୨୨।୧୦ (ସଂଚାର ବ୍ୟୁରୋ): ଆଜିଠୁ ପୁରୀରେ ଆରମ୍ଭ ହେଲା କାର୍ତ୍ତିକ ବ୍ରତ। ଆଉ ଦିନ କେଇଟା ପରେ ଆରମ୍ଭ ହେବ କାର୍ତ୍ତିକ ମାସ। ହେଲେ ହାଟକୁ ଗଲେ ପରିବା ଦର ଶୁଣି ହୋସ୍ ଉଡ଼ିଯାଉଛି। ରୋଷେଇ ଘର ବଜେଟ ଉପରେ ପଡ଼ିଲାଣି ଚଡ଼କ। ଯେଉଁଟି ଟଙ୍କା ଶହେ ଧରି ହାଟକୁ ଗଲେ ଚଳିଯାଉଥିଲା, ଏବେ ପାଞ୍ଚ ଶହ ଧରି ଗଲେ ବି ବ୍ୟାଗ୍ ବର୍ତ୍ତିହେଉନାହିଁ। ଏଭଳି ସ୍ଥିତି କେବଳ କଟକ, ଭୁବନେଶ୍ୱରର ନୁହେଁ, ରାଜ୍ୟର ସବୁ ହାଟରେ ସମାନ ସ୍ଥିତି। କୌଣସି ଗୋଟିଏ ପରିବା କିଲୋ ପିଛା ୬୦ କିମ୍ବା ୭୦ରୁ କମ୍ ନାହିଁ। ଏବେଠୁ ଏମିତି ସ୍ଥିତି, କାର୍ତ୍ତିକ ଆରମ୍ଭ ହେଲେ ଦର କ'ଣ ହବ, ସେନେଇ ଚିନ୍ତାରେ ସାଧାରଣ ଲୋକ।

ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁର। ଯୁଆଡ଼େ ଦେଖିବେ ଫୁଲ କୋବି ଶହେକୁ ବିନ୍ଧୁ ୧୪୦, ପୋଟଳ ୬୦କୁ କ୍ୟାପସିକମ୍ ୧୦୦। ଟମାଟୋ, ଝୁଡ଼ଙ୍ଗ, ବାଇଗଣ, ଭେଣ୍ଡି ତ ୫୦ ସେପଟେ। ଫଳରେ ଚିନ୍ତାରେ ନିମ୍ନ ମଧ୍ୟବିତ୍ତ ପରିବାର। ଛତିଶଗଡ଼ ଓ ଆନ୍ଧ୍ର ସୀମାନ୍ତ କୋରାପୁଟ ବଜାରରେ ବି ପରିବା ଦାମ୍ ଆକାଶଛୁଆଁ। ଏଇଠି ବି ସେଇ ସମାନ ସ୍ଥିତି। ୫୦ ଉପରେ କଥା କହୁଛନ୍ତି ପରିବା ବେପାରୀ। ଆଗରୁ ତାଜା ପରିବା ବେଶ୍ ଶସ୍ତାରେ ମିଳୁଥିଲା। ଏବେ ନା ଦର କମୁଛି ନା ତାଜା ପରିବା ମିଳୁଛି। ସାଧାରଣ ଫୁଲକୋବିଟିଏ କିଣିବା ପୂର୍ବରୁ ଦର ଶୁଣିବା ପରେ ଚିକେନ୍ ନେଇଯିବାକୁ ମନ କରୁଛନ୍ତି ଗ୍ରାହକ। ଏଠାକାର ବ୍ୟବସାୟୀଙ୍କ କହିବା କଥା ବର୍ଷା ଯୋଗୁ ପରିବା ଉତ୍ପାଦନ ପ୍ରଭାବିତ ହେବା ସହ ପରିବହନ ଖର୍ଚ୍ଚ ଅଧିକ ବଢ଼ିଛି, ଯେଉଁଥିପାଇଁ ଖୁଚୁରା ବ୍ୟବସାୟୀ ଦର ବଢ଼ାଇବାକୁ ବାଧ୍ୟ

ପୃଷ୍ଠା-୬

ପୁଣି ଅକ୍ଟୋବରରେ ଆସୁଛି ବଡ଼ ବାତ୍ୟା!

୨୫ ପରେ ସ୍ପଷ୍ଟ ହେବ ତୀବ୍ରତା ଓ ଗତିପଥ



ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ପୁଣି ଅକ୍ଟୋବର ଶେଷ ଭାଗକୁ ଆସୁଛି ବାତ୍ୟା। ତେବେ ଏହାର ସ୍ଥିତି ଆସନ୍ତା ୨୫ ତାରିଖ ପରେ ହେବ ସ୍ପଷ୍ଟ। ଏଥିପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ଥିବା ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି। ଅକ୍ଟୋବର ୨୩ ତାରିଖ ବେଳକୁ ଦକ୍ଷିଣ ପୂର୍ବ ଓ ପୂର୍ବ କେନ୍ଦ୍ର ବଙ୍ଗୋପ ସାଗରରେ ଲଘୁଚାପ ସୃଷ୍ଟି ହେବାର ଆକଳନ କରାଯାଇଛି। ଏହାପରେ ଅଧିକ ଘନୀଭୂତ ହୋଇ ୨୪ ବେଳକୁ ସଦୃଶ୍ୟ ଲଘୁଚାପ ଓ ୨୫ ତାରିଖ ଅପରାହ୍ନରେ ଅବପାତରେ ପରିଣତ ହେବା ନେଇ ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ। ୨୭ ତାରିଖ ବେଳକୁ ଏହା ବାତ୍ୟାର ରୂପ ନେଇ ସିଭିଅର ସାଇକ୍ଲୋନ୍ ଭାବେ ଆନ୍ଧ୍ରପ୍ରଦେଶ ମୁହାଁ ହେବ। ୨୮ ତାରିଖରେ ଏହା ଉପକୂଳ ଛୁଇଁବ ବୋଲି ଆକଳନ କରାଯାଇଛି। ତେଣୁ ଅବପାତ ରୂପ ନେବା ପରେ ବାତ୍ୟାକୁ ନେଇ ସଠିକ୍ ଚିତ୍ର ସାମ୍ନାକୁ ଆସିବ ବୋଲି ପାଣିପାଗ ବିଶେଷଜ୍ଞ କହୁଛନ୍ତି। ଏହା ବାତ୍ୟାର ରୂପ ନେବା ପରେ ଅଧିକ ଶକ୍ତିଶାଳୀ ହେବା ନେଇ ମଧ୍ୟ ଆକଳନ କରାଯାଉଛି।

ବଙ୍ଗୋପ ସାଗରରେ ସମ୍ଭାବ୍ୟ ଭୀଷଣ ବାତ୍ୟାକୁ ନେଇ ଉପକୂଳ ରାଜ୍ୟ ବିଶେଷ କରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଚିନ୍ତା ବଢ଼ିଛି। ବର୍ତ୍ତମାନର ପାଣିପାଗ ମଡେଲ୍‌ର ଆକଳନ ଅନୁଯାୟୀ, ଆସନ୍ତା ୨୮ ତାରିଖ ପାଖାପାଖି ଆନ୍ଧ୍ରପ୍ରଦେଶର କାକିନାଡ଼ା ନିକଟରେ ବାତ୍ୟା ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉପକୂଳ ଆନ୍ଧ୍ରପ୍ରଦେଶ ସମେତ ଓଡ଼ିଶା ଓ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। କେତେକ ସ୍ଥାନରେ ଜଳବନ୍ଦୀ ଓ ସ୍ଥାନୀୟ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହିଛି। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି। ଏଥିସହ ୨୬ ତାରିଖ ଅପରାହ୍ନରୁ

ପୃଷ୍ଠା-୬

■ ସତ୍ୟପାଠରେ ସ୍ପଷ୍ଟ କଲେ ନେହା

ସିଜେପି କନ୍ସଟ ପ୍ଲେସ୍ ଆନ୍ଦୋଳନରେ ନ ଥିଲେ

ନୂଆଦିଲ୍ଲୀ,୨୨।୧୦: ଗତ ଅକ୍ଟୋବର ୧୬ ତାରିଖରେ କନ୍ସଟ ପ୍ଲେସ୍‌ରେ ସିଜେପି ପକ୍ଷରୁ ହୋଇଥିବା ଆନ୍ଦୋଳନରେ ସେ ମହଜୁଦ ନ ଥିଲେ। ବରଂ ସେ ମଞ୍ଚରେ ଆନ୍ଦୋଳନରେ ସକ୍ରିୟ ଥିଲେ ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ ଆସୋସିଏସନ୍ (ଏଆଇଏସଏ) ଅଧ୍ୟକ୍ଷା ତଥା ଛାତ୍ରନେତ୍ରୀ ନେହା ବୋରା। ସେ ଦିଲ୍ଲୀ ହାଇକୋର୍ଟରେ ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରି ଏଭଳି କହିଛନ୍ତି। ସେହିପରି ଜାତୀୟ ପତାକା 'ତ୍ରିରଙ୍ଗା' ଉତ୍ତୋଳନ କରିବା ପାଇଁ କୌଣସି ପ୍ରକାର ସରକାରୀ ଅନୁମତିର ଆବଶ୍ୟକତା ନାହିଁ। ଶାନ୍ତି ବଜାୟ ରଖିବା ନାଁରେ ପୁଲିସ

ପୃଷ୍ଠା-୬

ଓରାଙ୍ଗଉଟାନ୍‌ଙ୍କ ଘର ବାହୁଡ଼ା

ଇଣ୍ଡୋନେସିଆ ଫେରିଯିବେ ୫ ଦୁର୍ଲ୍ଲଭ ବନ୍ୟଜନ୍ତୁ!



ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରୁ ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ ଶାବକ ଖୁବ୍‌ଶୀଘ୍ର ନିଜ ଦେଶ ଇଣ୍ଡୋନେସିଆକୁ ଫେରିଯିବେ। ବର୍ତ୍ତମାନ ଏହି ବିରଳ ବନ୍ୟପ୍ରାଣୀମାନେ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସ୍ୱତନ୍ତ୍ର ଯତ୍ନରେ ଅଛନ୍ତି। ଜାକର୍ତ୍ତାରେ ଥିବା ଭାରତୀୟ ଦୂତାବାସର ସୂଚନାନୁଯାୟୀ, ଦୁଇ ଦେଶ ମଧ୍ୟରେ କୂଟନୈତିକ ଓ ପ୍ରଶାସନିକ ସ୍ତରରେ ଏହି ଓ ର । ଙ୍ଗ ଉ ଟ । ନ ମ । ନ ଙ୍କୁ ଫେରାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ଏହି ଶାବକମାନଙ୍କର ପ୍ରଜାତି ଓ ମୂଳ ସ୍ଥାନର ଯାଞ୍ଚ କରିବା ପାଇଁ ନଭେମ୍ବରରେ ଇଣ୍ଡୋନେସିଆ ବନ ମନ୍ତ୍ରଣାଳୟର ଏକ ଉଚ୍ଚସ୍ତରୀୟ ବନ୍ୟପ୍ରାଣୀ ବିଶେଷଜ୍ଞ ଦଳ ଓଡ଼ିଶା ଗସ୍ତ କରିବେ। ସୂଚନା ଥାଉକି, ସେପ୍ଟେମ୍ବରରେ ବାଲେଶ୍ୱରର ବିଚିତ୍ରପୁର ସମୁଦ୍ରକୂଳିଆ ଜଙ୍ଗଲରୁ ଏହି ୫ଟି କୁନି ଓରାଙ୍ଗଉଟାନ୍‌ଙ୍କୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ତୋରା ଚାଲାଣକାରୀମାନେ ଏମାନଙ୍କୁ ସେଠାରେ ଛାଡ଼ି ପଳାଇଥିବା ସନ୍ଦେହ କରାଯାଉଛି। କିଏ ଓ କାହିଁକି ଓରାଙ୍ଗଉଟାନଙ୍କୁ ଜଙ୍ଗଲରେ ଛାଡ଼ିଛନ୍ତି, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ

ପୃଷ୍ଠା-୬

ଇସ୍ରାଏଲ୍‌ରେ ମଶାଲ ଜାଳିବେ ମୋଦି

ଫୋନରେ ନିମନ୍ତ୍ରଣ କଲେ ନେତାନ୍ୟାହୁ

ନୂଆଦିଲ୍ଲୀ, ୨୨।୧୦: ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଛନ୍ତି। ଇସ୍ରାଏଲର ସ୍ୱାଧୀନତା ଦିବସ ଅବସରରେ ପିଏମ୍ ମୋଦିଙ୍କୁ ଭାରତୀୟ ପାଇଲଟ୍ ସ୍ମିତ୍ ମଜ୍ଜାରଙ୍କ ସହ ମଶାଲ ଜାଳିବା ପାଇଁ ସେ ନିମନ୍ତ୍ରଣ କରିଛନ୍ତି। ନେତାନ୍ୟାହୁ ଏକ୍ସରେ ଏହି ସୂଚନା ଦେଇଛନ୍ତି। ଏକ୍ସରେ ସେ ଲେଖିଛନ୍ତି, ମୁଁ ମୋର ବନ୍ଧୁ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଛି ଓ ଇସ୍ରାଏଲର ସ୍ୱାଧୀନତା ଦିବସରେ ସାହସୀ ଭାରତୀୟ ପାଇଲଟଙ୍କ ସହ ତାଙ୍କୁ ମଶାଲ ଜଳାଇବାକୁ ନିମନ୍ତ୍ରଣ କରିଛି। ପ୍ରଧାନମନ୍ତ୍ରୀ ମୋଦି ଏହି ନିମନ୍ତ୍ରଣ ପାଇଁ ଧନ୍ୟବାଦ ଜଣାଇବା ସହ ଦୁଇ ଦେଶ ମଧ୍ୟରେ ଦୃଢ଼ ଓ ଦୀର୍ଘସ୍ଥାୟୀ ସମ୍ପର୍କକୁ ପ୍ରଶଂସା କରିଥିବା ନେତାନ୍ୟାହୁ ଏକ୍ସରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନେତାନ୍ୟାହୁଙ୍କ ସହ ଫୋନ ଯୋଗେ ବାର୍ତ୍ତାଳାପ କରିଥିବା ଏକ୍ସରେ ସ୍ପଷ୍ଟ କରିଛନ୍ତି।

ତିବ୍ବତରେ ଭୂକମ୍ପ

ତୀବ୍ରତା ୭.୦

ନୂଆଦିଲ୍ଲୀ, ୨୨।୧୦: ଚୀନ୍‌ର ଦକ୍ଷିଣ-ପଶ୍ଚିମ ଅଞ୍ଚଳ ତିବ୍ବତରେ ଗୁରୁବାର ରାତି ପ୍ରାୟ ୧୦ଟା ୩୩ ମିନିଟରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଚାଇନା ଆର୍ଥକ୍ୱେକ୍ ନେଟୱର୍କ ସେଣ୍ଟର ସୂଚନାନୁଯାୟୀ, ରିକ୍ଟର ସ୍କେଲରେ ଏହାର ତୀବ୍ରତା ଥିଲା ୭.୦। ଭୂ କ ମ୍ପ ର କେନ୍ଦ୍ରସ୍ଥଳ ନିକଟସ୍ଥ ଏକ ଗାଁରେ ଦୁଇଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଏହାସହ କେ

କେନାଲ୍ କୂଳ ଜମି ମରୁଡି ଧାନ ଫସଲ ନଷ୍ଟ ଆଶଙ୍କା।

କେନ୍ଦ୍ରାପଡା,୨୨।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୨୧ ନମ୍ବର କାଡା କେନାଲ୍ରେ ପାଣି ନ ଆସିବାରୁ କେନାଲ୍ କୂଳରେ ଥିବା ଶହେ ଏକରରୁ ଉଦ୍ଧ୍ୱର୍ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ଏ ନେଇ ଗୁରୁବାର ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଚାଷ ଜମିରେ ଜଳ ଯୋଗାଇ ଦେବାପାଇଁ ଦାବି କରିଛନ୍ତି। ଦାବି ମୁତାବକ ଓସ୍ତପୁର ପଞ୍ଚାତ ସାରଙ୍ଗ ଗ୍ରାମର ଶତାଧିକ ଚାଷୀଙ୍କ ଚାଷ ଜମି କେନାଲ୍ କୂଳରେ ଅବସ୍ଥିତ। ମାତ୍ର ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ ମାଟି ପକାଇ ଦେଇଥିବାରୁ ତାଙ୍କ ଚାଷ ଜମିକୁ ଜଳ ଯାଇପାରୁନାହିଁ। ଫଳରେ ଶହେ ଏକରରୁ ଉଦ୍ଧ୍ୱର୍ ଜମି ମରୁଡିରେ ପରିଣତ ହେବାର ଆଶଙ୍କା ରହିଛି। ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀକୁ ଜଣାଇବା ପରେ ଅଧୀକ୍ଷଣ ଯନ୍ତ୍ରୀ ତୁରନ୍ତ ସେଠାରେ ପହଁଚି ଚାଷ ଜମିକୁ ଜଳ ଦେବା ପାଇଁ ବ୍ୟବସ୍ଥା କରିଥିବା ଜଣାପଡ଼ିଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ

ଶିବ ପ୍ରସାଦ ଭୋଳଙ୍କ ନେତୃତ୍ୱରେ ବିବେକାନନ୍ଦ ଖଟୁଆ, ମହନୀ ରାଉତ, ଦୁଃଶାସନ ଖଟୁଆ, ସୁଖଦ ରାଉତ, ଦାମୋଦର ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

ରାସ୍ତା କଡରୁ ଜବରଦଖଲ ଉଚ୍ଛେଦ ଓ ବାଲିଯାତ୍ରା ଉତ୍ସବ ସ୍ଥାନାନ୍ତର ଦାବି।

କେନ୍ଦ୍ରାପଡା ୨୨/୧୦- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡ଼ା ଗ୍ରାମର କେତେକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ଗୋପ, କଳପଡା ଓ ଛଗରିଆ କଳପଡା ପୁର୍ତ୍ତ ବିଭାଗ ରାସ୍ତାକୁ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଏକ ସପ୍ତାହରୁ ଉଦ୍ଧ୍ୱର୍ ସମୟ ଧରି ବୋଇତ ବନ୍ଦାଣ ସମିତି କଳପଡା ପକ୍ଷରୁ ବାଲିଯାତ୍ରା ଉତ୍ସବ ନାମରେ ଅବରୋଧ କରି ଆସୁଅଛି। ଉକ୍ତ ରାସ୍ତାରେ ପାଟକୁରା ଅଞ୍ଚଳରୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଓ ମୁଖ୍ୟ ଚିକିତ୍ସାଳୟକୁ ଏକମାତ୍ର ରାସ୍ତା ହୋଇଥିବାରୁ ଉକ୍ତ ରାସ୍ତାରେ ଆମ୍ବୁଲାନ୍ସ, ଅଗ୍ନିଶମ ଓ ଜରୁରୀକାଳୀନ ଗାଡି ଗୁଡିକ ଯାତାୟତରେ ଅସୁବିଧାର ସମ୍ମୁଖୀନ ହୁଏ। ସାଧାରଣ ଲୋକେ ଏହା ପାଇଁ ହିନସ୍ତା ହେଉଛନ୍ତି। ଗତ ଜୁନ୍ ମାସରେ କଳପଡା ସେତୁ ସଂଲଗ୍ନ ବଗଡ଼ା ମୌଜାର ଉକ୍ତ ରାସ୍ତାରୁ ଜବରଦଖଲ ହଟାଯାଇଥିଲା। ଫଳରେ ଉଭୟ ଗ୍ରାମ ମଧ୍ୟରେ ତୀବ୍ର ଉତ୍ତେଜନା ସୃଷ୍ଟି ହେବା ସହ ଆଇନ୍ ଶୃଙ୍ଖଳା ପରିସ୍ଥିତି ଦେଖାଦେଇଥିଲା। ତେଣୁ ଏହି ବିଷୟକୁ ଗୁରୁତର ସହ ଗ୍ରହଣ କରି ରାସ୍ତା ଅବରୋଧ ଜନିତ ସମସ୍ୟାର ତ୍ୱରିତ ସମାଧାନ କରିବା ସହ ବାଲିଯାତ୍ରା ଉତ୍ସବକୁ ଲୁଣାନଦୀକୂଳ ବୋଇତ ବନ୍ଦାଣ ସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ନିବେଦନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ସୁବନି ସାହୁ, ଧରଣୀଧର ପାତ୍ର, ଅକ୍ଷୟ ପାଣି, ସୁବାଷ ଚନ୍ଦ୍ର ଜେନା, ସରୋଜ ଦାସ, ମନୋଜ କୁମାର ସାହୁ, ରଘୁନାଥ ପରିଡା, ଅଶ୍ୱିନୀ ଦାସ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ହସ୍ତାକ୍ଷର ଥିବା ଏକ ଦାବିପତ୍ର ଜିଲ୍ଲାପାଳଙ୍କ ସହିତ କେନ୍ଦ୍ରାପଡା ତହସିଲଦାର, ସଦରଥାନା ଅଧିକାରୀ, ରାଜସ୍ୱ ନିରୀକ୍ଷକ ବଗଡ଼ାଙ୍କୁ ପ୍ରଦାନ କରାଯାଇଛି।

ରାଜନଗର ମାଧରାପୃଷ୍ଠରୁ ମେଲାଣି ନେଉଛନ୍ତି ମା' ଜଗତଜନନୀ ଦୁର୍ଗା। ରାଜନଗର ଅଞ୍ଚଳରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଦେଖାଦେଇଛି ଉତ୍ସାହ ଓ ଭାବବିହ୍ୱଳ ପରିବେଶ। ଦୀର୍ଘଦିନର ପୂଜାର୍ଚ୍ଚନା ପରେ ମା'ଙ୍କୁ ଭକ୍ତିପୂତ ବିଦାୟ ଦେଉଛନ୍ତି ଶ୍ରଦ୍ଧାଳୁ। ଢୋଲ, ମହୁରୀ ଓ ବିଭିନ୍ନ ବାଦ୍ୟର ତାଳେ ତାଳେ ମା'ଚାପ ଖେଳୁଛନ୍ତି ଭସାଣି ଶୋଭାଯାତ୍ରାରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଛି। ଭକ୍ତମାନେ ନାଚଗୀତ ସହ ମା'ଙ୍କୁ ବିଦାୟ ଜଣାଉଥିବା ବେଳେ ଚାରିଆଡ଼େ ଶୁଭୁଛି "ଜୟ ମା' ଦୁର୍ଗା" ଧ୍ୱନି। ମା'ଙ୍କ ଆଗମନରେ ଯେପରି ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା, ସେହିପରି ଭସାଣି ବେଳେ ଭକ୍ତଙ୍କ ମନରେ ଦେଖାଦେଇଛି ଭାବପ୍ରବଣତା। ଆସନ୍ତା ବର୍ଷ ପୁଣି ମା'ଙ୍କ ଆଗମନକୁ ଅପେକ୍ଷା କରି ଭକ୍ତମାନେ ମା'ଙ୍କୁ ମେଲାଣି ଦେଉଛନ୍ତି। "ଆସନ୍ତା ବର୍ଷକୁ ପୁଣି ଆସିବ ମା'ଙ୍କ ଆଗମନ, ଭକ୍ତଙ୍କ ମନରେ ରହିବ ମା'ଙ୍କ ଆଶୀର୍ବାଦ।"

ପୁରାତନ ଛାତ୍ରସଂସଦର ୩୯ତମ ବାର୍ଷିକ ଉତ୍ସବ



ମାର୍ଶାଘାଇ, ୨୨।୧୦(ସଂଚାର ବ୍ୟୁରୋ): ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରସଂସଦର ୩୯ତମ ବାର୍ଷିକ ଉତ୍ସବ ମହାନବମୀ ତିଥିରେ ମଙ୍ଗଳବାର ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରସଂସଦ ସଭାପତି ତଥା ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ମଧୁସୂଦନ ବେହେରା ସଭାପତିତ୍ୱ କରିଥିଲେ। ମାର୍ଶାଘାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଫକୀର ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉଚ୍ଚ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଯୁଗ୍ମ ସମ୍ପାଦକ ତଥା ପୁରାତନ ଛାତ୍ର ଦିଲ୍ଲୀପ କୁମାର ସାହୁ, ମଣି ନାଗେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପୁରାତନ ଛାତ୍ର ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ବାମଦେବ ମହାପାତ୍ର ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ସହିତ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଛାତ୍ରସଂସଦର ପୂର୍ବତନ ସଭାପତି ଚନ୍ଦ୍ରମଣି ସାହୁଙ୍କର ଅଳ୍ପ ଦିନ ତଳେ ପରଲୋକ ହୋଇଥିବାରୁ ତାଙ୍କ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ଆଇନଜୀବି ବିଚିତ୍ରାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିଲେ।ସମ୍ପାଦକ ହିମାଂଶୁ ଶେଖର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ।ଷ ପୁରାତନ ଛାତ୍ର ତଥା ଗୁଇନ୍ଦା ବିଭାଗ ଡ଼ିଏସପି ପ୍ରେମାନନ୍ଦ ଲେଙ୍କା, ଇଂ ସୌମ୍ୟରଞ୍ଜନ ରଥ, ଇଂ ସଂଗ୍ରାମ କେଶରୀ ଜେନା, ପ୍ରବୋଧ ନାୟକ, ଅଶ୍ୱିନୀ ଅମିତାଭ ନାୟକ, ଗଣେଶ ବସନ୍ତିଆ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ପିସିସି ପଛୁଆବର୍ଗ ସେଲ୍‌ର ସାଧାରଣ ସମ୍ପାଦକ ହେଲେ ବେଣୁଧର ସାହୁ

କେନ୍ଦ୍ରାପଡ଼ା, ୨୨।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର କଂଗ୍ରେସ ସଂଗଠକ ବେଣୁଧର ସାହୁଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ପଛୁଆବର୍ଗ ସେଲ୍‌ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ନିଖିଳ ଭାରତ କଂଗ୍ରେସ କମିଟି ପଛୁଆବର୍ଗ ସେଲ୍‌ର ଅଧ୍ୟକ୍ଷ ଡ. ଅନିଲ ଜୟହିନ୍ଦ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟରେ ପଛୁଆବର୍ଗର ଲୋକଙ୍କୁ ସଂଗଠିତ କରିବା ସହ କଂଗ୍ରେସର ସାଂଗଠନିକ ଭିତ୍ତିକୁ ଅଧିକ ମଜଭୁତ କରିବା ଲକ୍ଷ୍ୟରେ ଏହି ନିଯୁକ୍ତି ଦିଆଯାଇଛି। ନୂତନ ଦାୟିତ୍ୱ ପାଇଁ ବେଣୁଧର ସାହୁ ପିସିସି ସଭାପତି ଭକ୍ତ ଚରଣ ଦାସ, କୋଷାଧ୍ୟକ୍ଷ ଇଂ. ସିଦ୍ଧାର୍ଥସ୍ୱରୂପ ଦାଶ ଏବଂ ପ୍ରଦେଶ କଂଗ୍ରେସ ପଛୁଆବର୍ଗ ସେଲ୍‌ର ଅଧ୍ୟକ୍ଷ ସରୋଜ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ନିଯୁକ୍ତି ପରେ ଜିଲ୍ଲା କଂଗ୍ରେସ ମହଲରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ପିସିସି ସାଧାରଣ ସମ୍ପାଦକ ହଳଧର ସେଠୀ, ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ଭାଗିରଥି ଜେନା, ପ୍ରଶାନ୍ତ ରାଉତ ଏବଂ ଅନ୍ୟାନ୍ୟ ଦଳୀୟ ନେତା ଓ କର୍ମୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରଶାସନର ଜୋରଦାର ପ୍ରସ୍ତୁତି

ଲଟେରି ମାଧ୍ୟମରେ ୪୯ଟି ମେଢ଼ର ଭସାଣି କ୍ରମ ନିର୍ଦ୍ଧାରଣ; ଶାନ୍ତି ଓ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୨୨।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜାକୁ ଶାନ୍ତି, ସଦ୍‌ଭାବନା ଓ ଭାଇଚାରାର ପରିବେଶରେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପରିଷଦ ସଭାଳନୀ କକ୍ଷରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ସହ ମେଢ଼ ଲଟେରି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭସାଣି ଶୋଭାଯାତ୍ରାରେ ଶୃଙ୍ଖଳା, ଟ୍ରାଫିକ୍ ନିୟନ୍ତ୍ରଣ, ଜନସାଧାରଣଙ୍କ ସୁରକ୍ଷା ଓ ପରିବେଶ ସୁରକ୍ଷାକୁ ଚଳିତ ବର୍ଷ ପ୍ରାଥମିକତା ଦିଆଯାଇଛି। ବୈଠକରେ ଦୁଇଟି ପ୍ରମୁଖ ଭସାଣି ମାର୍ଗରେ ଯିବାକୁ ଥିବା ମେଢ଼ଗୁଡ଼ିକର କ୍ରମ ଲଟେରି ମାଧ୍ୟମରେ ସ୍ଥିର କରାଯାଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡରୁ କେଶପୁର ଅଭିମୁଖେ ଯିବାକୁ ଥିବା ୨୨ଟି ମେଢ଼ ଏବଂ ପୁରୁଣା ବସ୍‌ଷ୍ଟାଣ୍ଡରୁ ନୂଆ ବସ୍‌ଷ୍ଟାଣ୍ଡ ଅଭିମୁଖେ ଯିବାକୁ ଥିବା ୨୭ଟି ମେଢ଼ର କ୍ରମ ନିର୍ଦ୍ଧାରଣ କରାଯାଇଛି। ଏହାଦ୍ୱାରା ଭସାଣି ଶୋଭାଯାତ୍ରାକୁ ସୁବ୍ୟବସ୍ଥିତ କରିବା ସହ ଭିଡ଼ ନିୟନ୍ତ୍ରଣ ଓ ଯାତାୟାତ ବ୍ୟବସ୍ଥାକୁ ସହଜ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କେଶପୁର ମାର୍ଗରେ ପ୍ରଥମେ ସାନ୍ତସାହିର ବ୍ୟାସ ସରୋବର ପୂଜା କମିଟି, ଦ୍ୱିତୀୟରେ ସାନ ମଙ୍ଗଳାର ରାଧାକୃଷ୍ଣ ପୂଜା କମିଟି ଏବଂ ତୃତୀୟରେ ଜଇପୁରାର ଲକ୍ଷ୍ମୀ ନାରାୟଣ ପୂଜା କମିଟିର ମେଢ଼ ଯିବାକୁ କ୍ରମ ସ୍ଥିର ହୋଇଛି। ଏହି ତାଲିକାରେ ଭଗେଶ୍ୱରପୁର, ଏକଶାଖଣ୍ଡି, ବଡ଼ ମଙ୍ଗଳା, ନସଡ଼ିପୁର, ଟାଉନ ବଳରାମପୁର, ସୁନ୍ଦରାପାଳ, କନିଆଯୋର, କେଶପୁର ବଜାର, ସୁନାଇଲ, ତଳବାରଙ୍ଗ, ମନକରପୁର, ଅଯୋଧ୍ୟାନଗର ଓ ଗୋପ ଅଞ୍ଚଳର ପୂଜା କମିଟିଗୁଡ଼ିକ ସ୍ଥାନ ପାଇଛନ୍ତି। ସେହିପରି ନୂଆ ବସ୍‌ଷ୍ଟାଣ୍ଡ ମାର୍ଗରେ ପ୍ରଥମେ ମା' ଥାନପତି କ୍ଲବ୍, ଦ୍ୱିତୀୟରେ ମା' କାକଟ ମଙ୍ଗଳା କ୍ଲବ୍ ଏବଂ ତୃତୀୟରେ ମୀରପାଟଶାର ଦ୍ରୌପଦୀ ବସ୍ତ୍ରହରଣ ପୂଜା କମିଟିର ମେଢ଼ ଯିବ।

କାଜୁ ଜଙ୍ଗଲରେ ଜୁଆଆଡ୍ଡା ସାଙ୍ଗକୁ ଜମୁଛି ଧଳା ଜହରର ଆସର

ମହାକାଳପଡ଼ା,୨୨।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ରାମନଗର ମୌଜାରେ ଉଦ୍ୟାନ କୃଷି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୧୯୭୨/୭୩ରେ କାଜୁ ତାରା ରୋପଣ କରାଯାଇଥିଲା। ଏହି ଜଙ୍ଗଲରେ ୩୫୪ ଏକର ବାଲିଆ ଜମିରେ ଦଶ ହଜାର ଗଛ ରୋପଣ କରାଯାଇ ଜଙ୍ଗଲ ସୃଷ୍ଟି କରାଯାଇଥିଲା । ଏହି ଜଙ୍ଗଲ ୧୯୮୦ରେ ରାଜ୍ୟ କାଜୁ ନିଗମ ଅଧୀନକୁ ଆସିଥିଲା। ସେହିପରି ପିତାପାଟ ମୌଜାରେ ୧୮୪ ଏକର ପାଞ୍ଚ ହଜାର ଓ ବାହାକୁଦରେ ମୌଜାରେ ୨୮୨ ଏକରରେ ସାତ ହଜାର କାଜୁ ଗଛ ରହିଛି। ୧୯୯୯ ମହାବାତ୍ୟା ପରେ ଜଙ୍ଗଲ ଧୀରେ ଧୀରେ ତାର ପୂର୍ବତ୍ୱ ସ୍ଥିତି ହରାଇଛି । ସେହିପରି ଏହି ବିଶାଳ କାଜୁ ଜଙ୍ଗଲ ପାଲଟିଛି ଜୁଆ ନିଶାଡି ମାନଙ୍କ ଚରା ଭୂଇଁ । ବିଶେଷ କରି ଯୁବ ପିଢ଼ିଙ୍କ ଭବିଷ୍ୟତ ବରବାଦ ହେବା ଆଶଙ୍କା କୁହାଯାଉଛି । ଏହି ଜଙ୍ଗଲରେ ନିରୋଳା ସ୍ଥାନ ଦେଖି ଅପରାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଗହଳିଆ କାଜୁ ଗଛ ମୂଳେ ଜୁଆ ଆଡ୍ଡା ଜମାଇଥାନ୍ତି । ଏଥିରେ ବିଭିନ୍ନ ନିଶା ଦ୍ରବ୍ୟ ସମେତ ଧଳା ଜହର, ଗଞ୍ଜେଇ ଅଫିମ ଚରସ ଆଦି ନିଶା ପାନରେ କବଳିତ ବହୁ ସ୍ୱଳ୍ପ ବୟସର ପିଲାମାନେ ନିଶାଗ୍ରସ୍ତ ହେଉଛନ୍ତି ।

କୁମାର ପୂର୍ଣ୍ଣିମାରେ ଗାଁ ଦାଣ୍ଡରେ ଜମୁଛି ଖେଳର ଆସର, ଛଦ୍ମବେଶରେ ମନ ମୋହୁଛନ୍ତି କୁନି କୁନି ପିଲା

କେନ୍ଦ୍ରାପଡ଼ା, ୨୨।୧୦(ସଂଚାର ବ୍ୟୁରୋ): କୁମାର ପୂର୍ଣ୍ଣିମା ଆସିଲେ ଗାଁଠୁ ସହର ସବୁଠି ଦେଖିବାକୁ ମିଳେ ଉତ୍ସବର ମାହୋଲ। ଏହି ପର୍ବକୁ ନେଇ ଗାଁ ଗାଁରେ ଜମି ଉଠୁଛି ଖେଳକୁଦର ଆସର। କେଉଁଠି ପିଲାଙ୍କ ହସଖୁସି ତ ଆଉ କେଉଁଠି ବିଭିନ୍ନ ଛଦ୍ମବେଶରେ କୁନି କୁନି ପିଲାଙ୍କ ଗାଁ ପରିକ୍ରମା। ରାତିର ଜହ୍ନ ଆଲୁଅରେ ଏଭଳି ମନୋରମ ଦୃଶ୍ୟ ଗ୍ରାମାଞ୍ଚଳର ପରିବେଶକୁ କରିଦେଉଛି ଅଧିକ ଆକର୍ଷଣୀୟ। କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକର ପଦ୍ମପୁର ଅଞ୍ଚଳରେ ଏହି ନିଆରା ପରମ୍ପରାର ଝଲକ ଦେଖିବାକୁ ମିଳିଛି।କୁମାର ପୂର୍ଣ୍ଣିମାର ଆଗମନ ସହିତ ଗାଁ ଦାଣ୍ଡରେ ଆରମ୍ଭ ହୋଇଯାଇଛି ପିଲାମାନଙ୍କ ଆନନ୍ଦ ଓ ଉଲ୍ଲାସ। ଦଳ ଦଳ ହୋଇ କୁନି କୁନି ପିଲାମାନେ ବିଭିନ୍ନ ଛଦ୍ମବେଶ ଧାରଣ କରି ଗାଁର ଗଳିକନ୍ଦି ବୁଲୁଛନ୍ତି। ସେମାନଙ୍କର ବିଭିନ୍ନ ବେଶଭୂଷା ଓ ମଜାଳିଆ ଅଭିନୟ ଦେଖିବାକୁ ଗାଁ ଲୋକଙ୍କ ଭିଡ଼ ଜମୁଛି। ପିଲାଙ୍କ ଖେଳକୁଦ, ହସଖୁସି ଓ କୋଳାହଳରେ ଗ୍ରାମ୍ୟ ପରିବେଶ ହୋଇଉଠୁଛି ଚଳଚଞ୍ଚଳ।

କଦମଛନ୍ଦା ମହାମାୟା ମଣ୍ଡପରେ ସାର୍ବଜନୀନ ଦୁର୍ଗାପୂଜା ମହାସମାରୋହରେ ସମ୍ପନ୍ନ

ପୂଜା ମଣ୍ଡପରେ ଯୋଗ ଦେଲେ ବିଧାୟକ

ଗରଦପୁର, ୨୨।୧୦(ସଂଚାର ବ୍ୟୁରୋ): ଗରଦପୁର ବ୍ଲକ ଅନ୍ତର୍ଗତ କଦମଛନ୍ଦା ମହାମାୟା ମଣ୍ଡପରେ ସାର୍ବଜନୀନ ଦୁର୍ଗାପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ତପୋ ଷଷ୍ଠୀ ଠାରୁ ଭାସାଣୀ ପର୍ଯ୍ୟନ୍ତ ସୁସଜ୍ଜିତ ମଣ୍ଡପରେ ବିଲ୍ୱବରଣ, ନବପତ୍ରିକା ପ୍ରବେଶ, ମହାସପ୍ତମୀ, ମହାଷ୍ଟମୀ ସନ୍ଧିପୂଜା, ବଳିଦାନ, ମହାନବମୀ ପୂଜା ଓ ଦଶହରାରେ ଅପରାଜିତା ପୂଜା ସହ ବିସର୍ଜନ କାର୍ଯ୍ୟ ଯଥା ସମୟରେ ଅନୁଷ୍ଠିତ ହୋଇଥିଲା।

ଏହି ପୂଜା ଦିନରେ ପାଟକୁରାର ବିଧାୟକ ଅରବିନ୍ଦ ମହାପାତ୍ର ପୂଜା ମଣ୍ଡପରେ ଯୋଗ ଦେଇ ଅଞ୍ଚଳ ବାସୀଙ୍କ ପାଇଁ ଶୁଭ ମାନାସିଥିଲେ। ସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟହ ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ଚଣ୍ଡୀପାଠ, ହୋମଯଜ୍ଞ ଓ ସନ୍ଧ୍ୟା ଆଳତି ଶହ ଶହ ଭକ୍ତଙ୍କ ଉପସ୍ଥିତିରେ ସମାପନ ହୋଇଥିଲା। ଏହାସହ କୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଏହି ଅବସରରେ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧିକାରୀ ମଳୟ କୁମାର ମହାନ୍ତି ମୁଖ୍ୟ ଅତିଥି, କଦମଛନ୍ଦା ନୋଡାଲ ମଧ୍ୟ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳାମ୍ବର ପୃଷ୍ଟି ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ରବି ନାରାୟଣ ସିଂହ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ମହାସମାରୋହରେ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାକୁ ନିକଟସ୍ଥ ପାଇକା ନଦୀରେ ବିସର୍ଜନ କରାଯାଇଥିଲା। ଏହି ପୂଜା କାର୍ଯ୍ୟ ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ସିଂହ, ରବି ନାରାୟଣ ସିଂହ, ଅଶୋକ ସିଂହ, ଦେବେନ୍ଦ୍ର ସିଂହ, ସୁକାନ୍ତ ଲେଙ୍କା, ଆଶିଷ କୁମାର, ଚନ୍ଦନ ଏବଂ ନୂଆଗାଁ ଗ୍ରାମର ଯୁବକମାନଙ୍କ ପ୍ରତ୍ୟକ୍ଷ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ବୋଲି ମହାମାୟା ପରିଷଦର ସଭାପତି ରୁଦ୍ର ସିଂହ ଜଣାଇଛନ୍ତି।

ଶିବାନନ୍ଦ ଆଶ୍ରମରେ ନବଦୁର୍ଗା କୁମାରୀ ପୂଜନ

କେନ୍ଦ୍ରାପଡ଼ା,୨୨।୧୦(ସଂଚାର ବ୍ୟୁରୋ): ଦିବ୍ୟଜୀବନ ସଂଘର ଶିବାନନ୍ଦ ଆଶ୍ରମରେ ଶାରଦୀୟ ନବରାତ୍ର ଅବସରରେ ନବଦୁର୍ଗା କୁମାରୀ ପୂଜନ ଓ ସପ୍ତଶତୀ ପାରାୟଣ ଉତ୍ସବ ସମ୍ପନ୍ନ ହୋଇଯାଇଛି। ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବଦିନ ବ୍ୟାପୀ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନା ପ୍ରତିଷ୍ଠା ଲକ୍ଷ୍ୟରେ ଆଶ୍ରମରେ ଚଣ୍ଡୀପାଠ, ହୋମଯଜ୍ଞ, ଜପ ଓ ପାରାୟଣ ଆଦି ଧାର୍ମିକ ଅନୁଷ୍ଠାନ କରାଯାଇଥିଲା। ବିଶ୍ୱବାସୀଙ୍କ କଲ୍ୟାଣ ଏବଂ ସମାଜର ମଙ୍ଗଳ କାମନା କରି ଶ୍ରୀମା ଏକାଗ୍ରଚିତ୍ତରେ ଉପବାସ ବ୍ରତ ପାଳନ କରିଥିଲେ। ବିଶ୍ୱଶାନ୍ତି ସହ

ରାଜଧାନୀରେ ଭଷାଣୀ ଶୋଭାଯାତ୍ରା

● ବିଦାୟ ନେଲେ ମା', ପୁଣି ଆର ବର୍ଷକୁ ଅପେକ୍ଷା

ବିନା ଡିଜେରେ ଭସାଣୀ ଉତ୍ସବ ସମ୍ପନ୍ନ

ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ସରିଲା ଦଶହରା। ପୁଣି ଆର ବର୍ଷକୁ ଅପେକ୍ଷା। ଆଜି ବିଦାୟ ନେଇଛନ୍ତି ମା'। ଗତ ମାସେ ଧରି ମା'ଙ୍କ ଆବାହନ ପାଇଁ ଯେତିକି ଉତ୍ସବ ମୁଖର ଥିଲା ରାଜ୍ୟ, ଆଜି ମହାମାୟାଙ୍କର ଭସାଣି ଉତ୍ସବ ବି ସେମିତି ଯାକଜମକରେ ପାଳନ ହେଉଛି। ମା'ଙ୍କ ମୂର୍ତ୍ତି ବିସର୍ଜନ ପାଇଁ ଦୟା, କୁଆଖାଇ ନଦୀ ପଠାରେ ବିଏମସି ପକ୍ଷରୁ ଅସ୍ଥାୟୀ ପୋଖରୀ ଖୋଳାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମଧ୍ୟ ସଚେତନ କରିବା ପାଇଁ ନୋଟିସ ବୋର୍ଡ ଲଗାଯାଇଛି।

ଭୁବନେଶ୍ୱରରେ ଭସାଣି ଉତ୍ସବ ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ଜାରି ହୋଇଛି କଟକଣା। ଟ୍ରାଫିକ୍ ନିୟନ୍ତ୍ରଣ ସହ ଜନସାଧାରଣଙ୍କ ସୁବିଧା ପାଇଁ ସହରର ୪ଟି ରାସ୍ତାରେ ହେଉଛି ଭସାଣି ଶୋଭାଯାତ୍ରା। ଅପରାହ୍ନ ୨ଟାରୁ ରାତି ୧ଟା ପର୍ଯ୍ୟନ୍ତ ଲାଗୁ ରହିବ ଏହି କଟକଣା। ଭସାଣିକୁ ଦୃଷ୍ଟିରେ ରଖି ବିଭିନ୍ନ ରାସ୍ତାରେ ଟ୍ରାଫିକ୍ ଡାଇଭର୍ସନ ମଧ୍ୟ କରାଯାଇଛି। ଦେବୀ ଦୁର୍ଗାଙ୍କ ବିସର୍ଜନ ପାଇଁ ଚିହ୍ନଟ ହୋଇଛି ୬ଟି ସ୍ଥାନ। କୁଆଖାଇ ନଦୀ, ପଳାଶୁଣି, ହଂସପାଳ, ଲିଙ୍ଗିପୁରର ଦୟା ନଦୀ ନିକଟ, ବାସୁଆଘାଇ ଟଙ୍କପାଣି ରୋଡ୍, ଜଟଣୀର ସେଞ୍ଚୁରିଆନ ନିକଟ, ଚନ୍ଦକା ଅଞ୍ଚଳ ଓ ବାଲିପାଟଣାର ଭିଙ୍ଗାରପୁର ଅଞ୍ଚଳରେ କୃତ୍ରିମ ପୋଖରୀରେ ବିସର୍ଜନ କରାଯାଉଛି। ମୂର୍ତ୍ତି ବିସର୍ଜନ ସ୍ଥାନରେ ଉଭୟ ପୁଲିସ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିପରି ସବୁ ମେଢ଼ ସହ ପୁଲିସ କର୍ମଚାରୀ ରହିଛନ୍ତି। ସହରାଞ୍ଚଳ ପୁଲିସ ଆଇନର ଧାରା ୯୬ ଅନୁସାରେ ଏହି କଟକଣା ଜାରି ହୋଇଛି। ପୁଲିସ, ଅଗ୍ନିଶମ, ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରୀକାଳୀନ ଗାଡ଼ିକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ତେବେ ଚଳିତ ବର୍ଷ ରାଜଧାନୀର ଭସାଣିରେ ଡିଜେର ଛାତିଥରା ଶବ୍ଦ ଉପରେ କଟକଣା ଲଗାଯାଇଛି। ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ରାତି ୧୦ଟା ପରେ ମେଢ଼ ଆଗରେ ଶୁଭିବନି ବାଜା। କେବଳ ପାରମ୍ପରିକ ବାଜାରେ ସମସ୍ତ ମେଢ଼କୁ ମେଲାଣି ଦେବେ ମଣ୍ଡପ କାର୍ଯ୍ୟକର୍ତ୍ତା। ଯଦି କେହି ଭସାଣରେ ଡିଜେକୁ ସାମିଲ କରିବ, ତେବେ କମିଶନରେଟ୍ ପୁଲିସ ଡିଜେ ମାଲିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସତର୍କ କରାଇ ଦିଆଯାଇଛି। ପ୍ରତି ମଣ୍ଡପରୁ ଭସାଣି ପାଇଁ ମେଢ଼ ବାହାରିବା ସମୟରେ ସ୍ଥାନୀୟ ଥାନାଧିକାରୀଙ୍କ ସହ ନିଜେ ଜୋନ ଏସିପି ମଧ୍ୟ ଉପସ୍ଥିତ ରହିଛନ୍ତି।

● ଶାକ୍ତିପୂର୍ଣ୍ଣ ପୂଜା ପାଇଁ ପୂଜା କମିଟି ଓ ପ୍ରଶାସନକୁ କୃତଜ୍ଞତା

ଭକ୍ତି, ସଂସ୍କୃତି ଓ ସାମାଜିକ ଏକତାର ମହାପର୍ବ ଦୁର୍ଗାପୂଜା

ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ଆସ୍ଥା, ଶକ୍ତି ଉପାସନା ଓ ଅଧର୍ମ ଉପରେ ଧର୍ମର ବିଜୟର ମହାନ ବାର୍ତ୍ତା ବହନ କରୁଥିବା ପବିତ୍ର ଶାରଦୀୟ ଦୁର୍ଗାପୂଜା ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ଭକ୍ତି, ଉତ୍ସାହ, ଶାନ୍ତି ଓ ସଦ୍‌ଭାବର ପରିବେଶ ମଧ୍ୟରେ ପାଳିତ ହୋଇଛି। ଏହି ଅବସରରେ ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର ଉତ୍ତର ଭୁବନେଶ୍ୱରର ପ୍ରାୟ ୬୩ଟି ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରି ମା' ଦୁର୍ଗାଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିସହ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଭାବବିନିମୟ କରି ସେମାନଙ୍କୁ ଶାରଦୀୟ ଶୁଭେଚ୍ଛା ଜଣାଇଥିଲେ।

ପଟିଆର କେଦାରନାଥ କଳାକୃତି, ଚନ୍ଦ୍ରଶେଖରପୁର, ମଞ୍ଚେଶ୍ୱର, ଚକେଇସିଆଣି, ପଳାଶୁଣୀର ହଓ୍ୱା ମହଲ ଶୈଳୀର ତୋରଣ, ଗାଡ଼କଣ, ଡମଣାରେ ଚାରିଧାମର ଆକର୍ଷଣୀୟ କଳାକୃତି, ରଘୁନାଥପୁର, କଳାରାହାଙ୍ଗ, ଇଞ୍ଚଣା, ଗଞ୍ଜରପୁର, ବରିମୁଣ୍ଡା, ନହରକଣ୍ଟା, ନଖରା, ନୟାପଲ୍ଲୀ, ଜୟଦେବ ବିହାର, ଭିଏସ୍‌ଏସ୍ ନଗର, ରସୁଲଗଡ଼ର ରାଜମହଲ ଶୈଳୀର ତୋରଣ, ଭରତପୁର, ସାଲିଆସାହି ଓ ଟାଙ୍ଗୀବଜାରେ ୭୨ ଫୁଟ ଉଚ୍ଚର ମା'ଙ୍କ ପ୍ରତିମା ସମେତ ବିଭିନ୍ନ ସ୍ଥାନର ଅନନ୍ୟ କଳାକୃତି ଓ ସାଜସଜ୍ଜା ଦୁର୍ଗାପୂଜାର ଆକର୍ଷଣକୁ ବହୁଗୁଣିତ କରିଥିଲା। ଏହି ମହାପର୍ବ ଜାତି, ବର୍ଣ୍ଣ ଓ ଭେଦଭାବର ଉର୍ଦ୍ଧ୍ୱରେ ରହି ଭାଇଚାରା, ପାରସ୍ପରିକ ସହଯୋଗ ଓ ସଦ୍‌ଭାବକୁ ସୁଦୃଢ଼ କରିବାର ଅବସର ସୃଷ୍ଟି କରିଥାଏ ବୋଲି ସେ କହିଛନ୍ତି। ଉତ୍ତର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଏତେ ବ୍ୟାପକ ଆୟୋଜନକୁ ସଫଳ କରିବାରେ ପୂଜା କମିଟିର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଜନସାଧାରଣଙ୍କ ନିଷ୍ଠା, ପରିଶ୍ରମ ଓ ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ। ସମସ୍ତଙ୍କ ସାମୂହିକ ଉଦ୍ୟମ, ଦାୟିତ୍ୱବୋଧ ଓ ଶୃଙ୍ଖଳିତ ଆଚରଣ ଯୋଗୁଁ ପୂଜା ଉତ୍ସବ ଶାନ୍ତିପୂର୍ଣ୍ଣ ଓ ଆନନ୍ଦମୟ ପରିବେଶରେ ସମ୍ପନ୍ନ ହୋଇପାରିଛି। ଏଥିପାଇଁ ଶ୍ରୀ ମହାପାତ୍ର ସମସ୍ତ ପୂଜା କମିଟିର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି।

■ ପୂର୍ବତଟ ରେଳପଥର 'ଜନ ସମ୍ବାଦ' ଅଭିଯାନ

ଯାତ୍ରୀଙ୍କ ସହ ଭାବ ବିନିମୟ କଲେ ମହାପ୍ରବନ୍ଧକ

ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ପକ୍ଷରୁ ଆଜି ବିଭିନ୍ନ ରେଳ ଷ୍ଟେସନରେ 'ଜନ ସମ୍ବାଦ' ଅଭିଯାନ ଆୟୋଜନ କରାଯାଇଛି। ରେଳପଥ ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗକୁ ସୁଦୃଢ଼ କରିବା, ଯାତ୍ରୀମାନଙ୍କୁ ସଚେତନ କରିବା ଓ ରେଳ ସେବାର ଉନ୍ନତି ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମର ଅଂଶସ୍ୱରୂପ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀଙ୍କ ସହ ଭାବ ବିନିମୟ କରିବା ସହ ରେଳ ସେବା ଓ ଯାତ୍ରୀ ସୁବିଧା ସମ୍ପର୍କରେ ସେମାନଙ୍କ ମତାମତ ଓ ପରାମର୍ଶ ଗ୍ରହଣ କରିଥିଲେ। ଏଥିସହ ସେ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧା ଓ ସ୍ୱଚ୍ଛତାର ସମୀକ୍ଷା କରିଥିଲେ। ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଯୋଗାଇବା ସହ ରେଳ ଷ୍ଟେସନ ପରିସରକୁ ସ୍ୱଚ୍ଛ ଓ ଯାତ୍ରୀ ଅନୁକୂଳ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହାପ୍ରବନ୍ଧକ ଷ୍ଟେସନ ପରିସରରେ ଆୟୋଜିତ ସ୍ୱଚ୍ଛତା ଅଭିଯାନର ମଧ୍ୟ ନେତୃତ୍ୱ ନେଇଥିଲେ। ଯାତ୍ରୀମାନଙ୍କ ପାଇଁ ଏକ ସ୍ୱଚ୍ଛ, ସୁସ୍ଥ ଓ ଉତ୍ତମ ପରିବେଶ ସୁନିଶ୍ଚିତ କରିବାରେ ପରିମଳ ଓ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସେ ବାର୍ତ୍ତା ଦେଇଥିଲେ। ଏହି ପଦକ୍ଷେପରେ ରେଳପଥର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରି ରେଳ ଷ୍ଟେସନଗୁଡ଼ିକୁ ସ୍ୱଚ୍ଛ, ସୁନ୍ଦର ଓ ଯାତ୍ରୀ ଅନୁକୂଳ ରଖିବା ଦିଗରେ ସାମୂହିକ ଦାୟିତ୍ୱବୋଧର ପରିଚୟ ଦେଇଥିଲେ। 'ଜନ ସମ୍ବାଦ' ଅଭିଯାନ ରେଳ ଅଧିକାରୀ, ଯାତ୍ରୀ ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରୁଛି। ଏହା ମାଧ୍ୟମରେ ଯାତ୍ରୀମାନଙ୍କ ଆବଶ୍ୟକତା ବୁଝିବା, ସେମାନଙ୍କ ସମସ୍ୟାର ସମାଧାନ କରିବା ଓ ରେଳ ସେବାର ଉନ୍ନତି ପାଇଁ ମୂଲ୍ୟବାନ ପରାମର୍ଶ ସଂଗ୍ରହ କରିବା ସମ୍ଭବ ହେଉଛି। ଏହି ଅଭିଯାନ ସମୟରେ ରେଳ ଅଧିକାରୀ ଓ କର୍ମଚାରୀମାନେ ଯାତ୍ରୀ ସୁରକ୍ଷା, ସ୍ୱଚ୍ଛତା, ଦାୟିତ୍ୱପୂର୍ଣ୍ଣ ଯାତ୍ରା ଓ ରେଳ ପରିସରର ସଠିକ୍ ବ୍ୟବହାର ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରୁଛନ୍ତି।

■ କୋଟିଆ ପ୍ରସଙ୍ଗରେ ସାଂସଦଙ୍କ ମତ

ସମାଧାନ ପାଇଁ ମିଳିତ ଉଦ୍ୟମ ଆବଶ୍ୟକ

ଭୁବନେଶ୍ୱର/ନୂଆଦିଲ୍ଲୀ, ୨୨।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ଓ ପ୍ରତ୍ୟେକ ଓଡ଼ିଆ ଜାତି ପାଇଁ କୋଟିଆ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଆମେ ସମସ୍ତେ ଜାଣିଛନ୍ତି। କୋଟିଆ ହେଉଛି ଓଡ଼ିଶାର ଅସ୍ମିତା, ସାର୍ବଭୌମତ୍ୱ ଓ ଅଖଣ୍ଡତାର ପରିଚୟ। ଓଡ଼ିଆ ଭାବେ କୋଟିଆକୁ ନେଇ ଦୀର୍ଘ ସମୟ ଧରି ଦେଖାଯାଇଥିବା ସୀମା ବିବାଦ ନିଶ୍ଚୟ ଭାବେ ଚିନ୍ତାଜନକ। ଦଳ ମତ ନିର୍ବିଶେଷରେ ଓଡ଼ିଶାର ସ୍ୱାର୍ଥ ପାଇଁ ସମସ୍ତେ ଏକାଠି ହୋଇ ମିଳିତ ଭାବେ ଏହାର ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ସେ ନିଜେ ଏପ୍ରିଲ ୨୦୧୮, ଫେବ୍ରୁଆରୀ ୨୦୧୯ ଓ ଏପ୍ରିଲ ୨୦୨୩ରେ କୋଟିଆ ଗ୍ରାମକୁ ଗସ୍ତ କରି ସେଠାକାର ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଅଞ୍ଚଳରେ ଆନ୍ଧ୍ରପ୍ରଦେଶର ବାରମ୍ବାର ହସ୍ତକ୍ଷେପ ତଥା ସୀମା ବିବାଦକୁ ନେଇ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ସେ ନଭେମ୍ବର ୧୮, ୨୦୨୦ ଓ ଅକ୍ଟୋବର ୩୧, ୨୦୨୨ରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ସେପ୍ଟେମ୍ବର ୨୨, ୨୦୨୧ରେ ଆନ୍ଧ୍ରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ।

ଏହି ଗୁରୁତ୍ୱପୂର୍ଣ୍ଣ ସୀମାନ୍ତ ଅଞ୍ଚଳର ସମସ୍ୟାର ସମାଧାନ କରିବା ପାଇଁ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉଚ୍ଚ ସ୍ତରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥାବାର୍ତ୍ତା ମାଧ୍ୟମରେ ଏକ ଅନୁକୂଳ ବାତାବରଣ ତିଆରି କରି ସମାଧାନର ସ୍ଥାୟୀ ବାଟ କାଢ଼ିବା ଆବଶ୍ୟକ। ଓଡ଼ିଶାର ଭୌଗୋଳିକ ସୀମାକୁ ସୁରକ୍ଷିତ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଭଳି ମହାପୁରୁଷଙ୍କ ତ୍ୟାଗ ଓ ବଳିଦାନ କେବେହେଲେ ବ୍ୟର୍ଥ ଯିବ ନାହିଁ। ଓଡ଼ିଆ ଅସ୍ମିତା ପାଇଁ ଆମର ଏହି ନିରନ୍ତର ଲଢ଼େଇ ଜାରି ରହିବ। ଓଡ଼ିଶାର ଏକତା, ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ରକ୍ଷା କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

କୋଟିଆ ବିବାଦରେ ସରକାରଙ୍କୁ ଘେରିଲେ ବିଜେଡି, କଂଗ୍ରେସ

■ ୧୫ଜଣିଆ ପ୍ରତିନିଧି ଦଳ ପଠାଇଲେ ନବୀନ

■ ସରକାରଙ୍କ ଅଭିମୁଖ୍ୟ ନେଇ ପ୍ରଶ୍ନ ଉଠାଇଲେ ଭକ୍ତ

ଭୁବନେଶ୍ୱର, ୨୨।୧୦ (ସଂଚାର ବ୍ୟୁରୋ): ଯେବେଠୁ କୋଟିଆରେ ନିର୍ବାଚନ ପାଇଁ ଆନ୍ଧ୍ର ପ୍ରଦେଶ ବିଜ୍ଞପ୍ତି ଜାରି କରିଛି, ସେହି ଦିନଠୁ ଓଡ଼ିଶାରେ ରାଜନୀତି ପାରା ବଢ଼ି ଚାଲିଛି। ସରକାର କୋଟିଆ ଆମର ଓଡ଼ିଆ ଅସ୍ମିତା, ସ୍ୱାଭିମାନର ପ୍ରତୀକ କହୁଥିବା ବେଳେ ବିରୋଧୀ ଏ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବାରେ ଲାଗିଛନ୍ତି। ରାଜ୍ୟ ସରକାରଙ୍କ ଅପାରଗତା ଓ ଦୂରଦୃଷ୍ଟିର ଅଭାବ କାରଣରୁ ଏମିତି ସ୍ଥିତି ଉପୁଜିଛି। ଏହି କ୍ରମରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଜେଡିର ଏକ ଉଚ୍ଚସ୍ତରୀୟ ୧୫ଜଣିଆ ପ୍ରତିନିଧି ଦଳକୁ ଆସନ୍ତାକାଲି କୋଟିଆ ଗସ୍ତ କରି ତାଙ୍କୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପ୍ରତିନିଧି ଦଳର ସଦସ୍ୟମାନେ ହେଲେ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ଜଗନ୍ନାଥ ସାରକା, ରବି ନାରାୟଣ ନନ୍ଦ, ପୂର୍ବତନ ସାଂସଦ ଝିନ୍ନ ହିକକା ଓ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ପ୍ରଭୁ ଜାନି, ମାନସ ମାଡକାମୀ, ରଘୁରାମ ପଡ଼ାଲ, ପ୍ରଫୁଲ ପାଙ୍ଗୀ, ପ୍ରୀତମ ପାଢ଼ୀ, ବିଜେଡି ସାଧାରଣ ସମ୍ପାଦକ ଭର୍ତ୍ତୃ ବକ୍ସିପାତ୍ର, ବିଜେଡି ଆଦିବାସୀ ସେଲ୍ ସାଧାରଣ ସମ୍ପାଦକ କୌଶଲ୍ୟା ହିକକା, କୋରାପୁଟ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମୋଲେକା ଓ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ। ଏହି ପ୍ରତିନିଧି ଦଳ କୋଟିଆ ଅଞ୍ଚଳର ଲୋକଙ୍କ ସହ ଆଲୋଚନା କରିବା ସହ ଉପାନ୍ତ ଅଞ୍ଚଳ ପରିଦର୍ଶନ କରିବ ଓ ଜିଲ୍ଲା ପ୍ରଶାସନ ସହ ମଧ୍ୟ ଆଲୋଚନା କରିବ।

ସେପଟେ କୋଟିଆ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। କୋଟିଆ ବିବାଦର ସମାଧାନ ପାଇଁ ସରକାରଙ୍କ ଆଭିମୁଖ୍ୟକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମକୋର୍ଟରେ ମାମଲାକୁ ଦୀର୍ଘଦିନ ଧରି ଝୁଲାଇ ରଖିବା ପରିବର୍ତ୍ତେ ଆଲୋଚନା ମାଧ୍ୟମରେ ବିବାଦର ତୁରନ୍ତ ସମାଧାନ କରିବାକୁ ସେ ଦାବି କରିଛନ୍ତି। ଭକ୍ତ ଦାସ କହିଛନ୍ତି ଯେ କେନ୍ଦ୍ରରେ ବିଜେପି ସରକାର ଥିବାବେଳେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସରକାର ଆଲୋଚନା କରି କୋଟିଆ ସମସ୍ୟାର ସମାଧାନ କରିପାରିବେ। ଏଥିପାଇଁ ସୁପ୍ରିମକୋର୍ଟକୁ ଯିବା ପରିବର୍ତ୍ତେ ତୁରନ୍ତ ରାଜନୈତିକ ଓ ପ୍ରଶାସନିକ ସ୍ତରରେ ପଦକ୍ଷେପ ନେବା ଆବଶ୍ୟକ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କମିଟି ଗଠନ, ଅଧିକାରୀସ୍ତରୀୟ ବୈଠକ ଓ ରିପୋର୍ଟ ପ୍ରସ୍ତୁତି ଭଳି ପଦକ୍ଷେପରେ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଆନ୍ଧ୍ରପ୍ରଦେଶ ସରକାରଙ୍କ ଆଗରେ ଓଡ଼ିଶା ସରକାର ଦୁର୍ବଳ ଆଭିମୁଖ୍ୟ ଗ୍ରହଣ କରୁଥିବା ଅଭିଯୋଗ କରିବା ସହ ରାଜ୍ୟର ସ୍ୱାର୍ଥ ଓ ଭୂମିର ସୁରକ୍ଷା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି। କୋଟିଆ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କ ନିଷ୍କ୍ରିୟତାକୁ ସମାଲୋଚନା କରି ଭକ୍ତ ରାଜ୍ୟ ସରକାରଙ୍କ ଦକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ମନ୍ଦିରରେ ଦଳିତଙ୍କ ପ୍ରବେଶର ଶତାବ୍ଦୀ ପୂର୍ତ୍ତି

■ ସାରା ଭାରତରେ ବର୍ଷବ୍ୟାପୀ ପାଳନ ହେବ

■ ଗାନ୍ଧିଜୀଙ୍କ ନେତୃତ୍ୱ ଓ ମୁରୁଗାନଙ୍କ ଭୂମିକା ପ୍ରଶଂସନୀୟ

ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ଦଳିତ ମନ୍ଦିର ପ୍ରବେଶର ଶତାବ୍ଦୀ ପୂର୍ତ୍ତି ଉପଲକ୍ଷେ ଦେଶବ୍ୟାପୀ ଏକ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ, ଯାହା ଆସନ୍ତା ଅକ୍ଟୋବର ୨୦୨୭ରେ ତିରୁପତିଠାରେ ଏକ ବୃହତ ଜନସଭା ସହ ସମାପ୍ତ ହେବ ବୋଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଚିନ୍ତା ମୋହନ ଗୁରୁବାର କହିଛନ୍ତି।

ସ୍ଥାନୀୟ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଚିନ୍ତା ମୋହନ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ୨୦୨୭ ଅକ୍ଟୋବର ୧୩ ପର୍ଯ୍ୟନ୍ତ ଚାଲିବ। ଅସ୍ପୃଶ୍ୟତା ବିରୋଧରେ ସଂଗ୍ରାମ ଓ ପୂଜାପାଠ ସ୍ଥାନରେ ସମାନ ଅଧିକାରର ଦାବିକୁ ଦର୍ଶାଇବା ପାଇଁ ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, ବାରାଣସୀ, ଅଯୋଧ୍ୟା, ବେଙ୍ଗାଲୁରୁ, ଚେନ୍ନାଇ, କେରଳ ଓ ଶ୍ରୀଶୈଳମ୍ ସମେତ ବିଭିନ୍ନ ସହର ଓ ତୀର୍ଥକ୍ଷେତ୍ରଗୁଡ଼ିକରେ ବୈଠକ, ସେମିନାର, ଆଲୋଚନାଚକ୍ର ଏବଂ ଜନସଭା ଅନୁଷ୍ଠିତ ହେବ।

ପ୍ରାୟ ଶହେ ବର୍ଷ ପୂର୍ବରୁ ତିରୁପତି ନିକଟସ୍ଥ ତିରୁଚାନୁର ମନ୍ଦିରରେ ମୁରୁଗାନ ନାମକ ଜଣେ ଦଳିତ ବ୍ୟକ୍ତିଙ୍କ ସହ ଜଡ଼ିତ ଏକ ଘଟଣାକୁ ମନେ ପକାଇ ଚିନ୍ତା ମୋହନ ଦଳିତ ମନ୍ଦିର ପ୍ରବେଶ ଅଭିଯାନର ଶ୍ରେୟ ମହାତ୍ମା ଗାନ୍ଧି ଓ କଂଗ୍ରେସକୁ ଦେଇଛନ୍ତି। ତାଙ୍କ କହିବାନୁସାରେ, ପଞ୍ଚମ ସଂପ୍ରଦାୟର ବୋଲି କୁହାଯାଉଥିବା ମୁରୁଗାନ ମନ୍ଦିରରେ ପ୍ରବେଶ କରି କର୍ପୂର ଆରତୀ ଅର୍ପଣ କରିଥିଲେ। ପରବର୍ତ୍ତୀ ସମୟରେ ପୁଲିସ ଧାରା ୨୯୫ ଅଧୀନରେ ଏକ ମାମଲା ରୁଜୁ କରି ତାଙ୍କୁ ତିରୁପତି ଜେଲରେ ରଖିଥିଲା ବୋଲି ସେ କହିଛନ୍ତି। ଚିନ୍ତା ମୋହନ କହିଛନ୍ତି ଯେ ପରେ ସି. ରାଜଗୋପାଳାଚାରୀ ତିରୁପତି ଆସି କୋର୍ଟରେ ଏହି ମାମଲା ଲଢ଼ିଥିଲେ, ଯାହା ମୁରୁଗାନଙ୍କୁ ଦଣ୍ଡରୁ ବଞ୍ଚାଇବାରେ ସାହାଯ୍

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଞ୍ଚାର

୪ ଶୁକ୍ରବାର ୨୩ ଅକ୍ଟୋବର ୨୦୨୬, ଭୁବନେଶ୍ୱର

Friday 23 October 2026, Bhubaneswar

ଫ୍ରାନ୍ସର ରାଜନୈତିକ ଅଶାନ୍ତି

ଫ୍ରାନ୍ସ ଆଜି ଗଭୀର ରାଜନୈତିକ ଓ ସାମାଜିକ ସଙ୍କଟର ସମ୍ମୁଖୀନ। ୨୦୨୬ ଅକ୍ଟୋବରରେ ଦେଶବ୍ୟାପୀ ପ୍ରତିବାଦ, ଦଙ୍ଗା ଓ ଲୁଟପାଟ ଘଟଣା ଦେଖାଯାଇଛି, ଯାହା ଗତ କିଛି ବର୍ଷର ସବୁଠାରୁ ଭୟଙ୍କର ଅଶାନ୍ତି ଭାବରେ ବିବେଚିତ ହୋଇଛି। ପ୍ରାୟ ପାଞ୍ଚ ଲକ୍ଷରୁ ଅଧିକ ଲୋକ ରାସ୍ତାରେ ଓହ୍ଲାଇଥିଲେ। ଦୋକାନ ଲୁଟ ହୋଇଛି, ଗାଡ଼ି ଜଳିଛି, ପୋଲିସ ଓ ପ୍ରତିବାଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି ଏବଂ ହଜାର ହଜାର ଲୋକ ଗିରଫ ହୋଇଛନ୍ତି। ଏହି ଘଟଣା କେବଳ ଏକ ଆକସ୍ମିକ ବିସ୍ଫୋରଣ ନୁହେଁ; ଏହା ଦୀର୍ଘଦିନରୁ ଜମା ହୋଇଥିବା ଅସନ୍ତୋଷର ପରିଣାମ।

ସବୁକିଛି ଆରମ୍ଭ ହୋଇଥିଲା ସେପ୍ଟେମ୍ବରରେ। ପ୍ୟାରିସ ଉପନଗରର ଏକ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଶିକ୍ଷକ ଅଭାବ, ଅତ୍ୟଧିକ ଭିଡ଼ ଓ ଜୀର୍ଣ୍ଣ ଭବନ ବିରୋଧରେ ଧର୍ମଘଟ ଆରମ୍ଭ କରିଥିଲେ। ବିଦ୍ୟାଳୟଗୁଡ଼ିକରେ ମୂଷାଙ୍କ ଉପଦ୍ରବ, ବର୍ଷା ପାଣି ଲିକେଜ୍ ଓ ଅପର୍ଯ୍ୟାପ୍ତ ସୁବିଧା ଥିବାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ୍ ହେବା ପରେ ଆନ୍ଦୋଳନ ଦେଶବ୍ୟାପୀ ବ୍ୟାପିଗଲା। ଶିକ୍ଷା ବ୍ୟବସ୍ଥାର ଏହି ସଙ୍କଟ କେବଳ ଏକ ଲକ୍ଷଣ। ଏହା ପଛରେ ରହିଛି ଜନସାଧାରଣଙ୍କ ଜୀବନଯାତ୍ରାର କ୍ରମବର୍ଦ୍ଧମାନ କଷ୍ଟ। ଇନ୍ଧନ ମୂଲ୍ୟ ଆକାଶକୁ ଛୁଁଆ ଏହାର ଏକ ପ୍ରମୁଖ କାରଣ। ଇରାନ ବିରୋଧରେ ଚାଲିଥିବା ଯୁଦ୍ଧ ଯୋଗୁଁ ଜାଗତିକ ତେଲ ମୂଲ୍ୟ ବୃଦ୍ଧି ପାଇଛି ଏବଂ ୟୁରୋପ, ବିଶେଷ କରି ଫ୍ରାନ୍ସ, ଏହାର ସିଧାସଳଖ ପ୍ରଭାବ ଅନୁଭବ କରୁଛି। ଜୀବନ ନିର୍ବାହ ଖର୍ଚ୍ଚ ବଢ଼ିବା, ବେକାରୀ ଓ ସାର୍ବଜନୀନ ସେବାର ଅବନତି ସାଧାରଣ ଲୋକଙ୍କୁ ବିରକ୍ତ କରିଦେଇଛି। ୨୦୧୮ର ୟେଲୋ ଭେଷ୍ଟ ମୁଭମେଣ୍ଟର (ତୈଳ ଦର ବୃଦ୍ଧି ପାଇଁ ଡ୍ରାଇଭରଙ୍କୁ ଗାଡିରେ ଫ୍ଲୋରୋସେଣ୍ଟ ହାଇ-ଭିଜିବିଲିଟି ହଳଦିଆ ଜ୍ୟାକେଟ୍ (GILETS JAUNES) ରଖିବା ବାଧ୍ୟତାମୂଳକ) ସ୍ମୃତି ପୁଣି ଜାଗ୍ରତ ହୋଇଛି। ସେତେବେଳେ ଇନ୍ଧନ କର ବିରୋଧରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଆଜି ପୁନର୍ଜୀବିତ ହୋଇ ବ୍ୟାପକ ଅସନ୍ତୋଷକୁ

ପ୍ରତିଫଳିତ କରୁଛି। ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରୋଙ୍କ ଦଶବର୍ଷୀୟ ଶାସନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୨୭ ରାଷ୍ଟ୍ରପତି ନିର୍ବାଚନ ଆଗରୁ ରାଜନୈତିକ ପାରାଲିସିସ୍ ସ୍ପଷ୍ଟ ଦେଖାଯାଉଛି। ୨୦୨୪ ନିର୍ବାଚନ ପରେ କୌଣସି ଦଳର ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ନ ଥିବାରୁ ସରକାର ବଜେଟ୍ ପାସ୍ କରିବାରେ ବିଫଳ ହେଉଛି। ସାର୍ବଜନୀନ ଋଣ ଜିଡିପିର ପ୍ରାୟ ୧୧୯ ଶତକଡ଼ା ପର୍ଯ୍ୟନ୍ତ ପହଞ୍ଚିଛି। ସରକାର ୫୪ ବିଲିୟନ ୟୁରୋ ସଞ୍ଚୟ କରିବାକୁ ଚେଷ୍ଟା କରୁଥିବାବେଳେ ସାଧାରଣ ଲୋକ ମାଗଣା ସେବା କମିବା ଓ ବେତନ ବୃଦ୍ଧି ନ ହେବାରୁ କ୍ରୋଧିତ।

ଏହି ଅଶାନ୍ତିର ମୂଳରେ ରହିଛି ଅସମାନତା। ଧନୀ ଓ ଗରିବ ମଧ୍ୟରେ ବ୍ୟବଧାନ ବଢ଼ିବା, ଯୁବପିଢ଼ିର ଭବିଷ୍ୟତ ପ୍ରତି ଅନିଶ୍ଚିତତା ଏବଂ ସରକାରୀ ନୀତିରେ ବିଶ୍ୱାସ ହ୍ରାସ ପାଇବା ଏହାକୁ ଆଗେଇ ନେଇଛି। ସରକାର କେତେକ ଉଗ୍ରବାମପନ୍ଥୀ ଗୋଷ୍ଠୀଙ୍କୁ ଦୋଷ ଦେଉଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହାକୁ ରାଜନୈତିକ ଲାଭ ପାଇଁ ବ୍ୟବହାର କରୁଛନ୍ତି। ମାରିନ୍ ଲେ ପେନ୍‌ଙ୍କ ଭଳି ଦକ୍ଷିଣପନ୍ଥୀ ନେତାମାନେ ସୁରକ୍ଷା ଓ ପ୍ରବାସୀ ମୁଦ୍ଦାକୁ ଆଗକୁ ନେଉଛନ୍ତି, ଯେତେବେଳେ ବାମପନ୍ଥୀମାନେ ଆର୍ଥିକ ନ୍ୟାୟର ଦାବି କରୁଛନ୍ତି।

ହିଂସା କେବେହେଲେ ସମାଧାନ ନୁହେଁ। ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ରହିବା ଆବଶ୍ୟକ, କିନ୍ତୁ ଲୁଟ, ଅଗ୍ନିକାଣ୍ଡ ଓ ସାର୍ବଜନୀନ ସମ୍ପତ୍ତି ନଷ୍ଟ କରିବା ଗଣତନ୍ତ୍ରକୁ ଦୁର୍ବଳ କରେ। ମାକ୍ରୋଙ୍କ ସରକାରଙ୍କୁ ବୁଝିବାକୁ ହେବ ଯେ କେବଳ ପୋଲିସ ବଳ ପ୍ରୟୋଗ ଯଥେଷ୍ଟ ନୁହେଁ। ଶିକ୍ଷା ବ୍ୟବସ୍ଥାର ଉନ୍ନତି, ଇନ୍ଧନ ମୂଲ୍ୟ ନିୟନ୍ତ୍ରଣ ଓ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବା ଆବଶ୍ୟକ।ଫ୍ରାନ୍ସର ଏହି ସଙ୍କଟ କେବଳ ଏକ ଦେଶର ସମସ୍ୟା ନୁହେଁ। ଏହା ୟୁରୋପୀୟ ସମାଜରେ ବୃଦ୍ଧି ପାଉଥିବା ଆର୍ଥିକ ଅସମାନତା ଓ ରାଜନୈତିକ ବିଭାଜନର ପ୍ରତିଫଳନ। ଯଦି ସରକାର ଜନତାଙ୍କ କଷ୍ଟକୁ ଗମ୍ଭୀରତାର ସହ ନ ନେଇ କେବଳ ଶକ୍ତି ପ୍ରଦର୍ଶନ କରେ, ତେବେ ଏହି ଅଗ୍ନି ଆହୁରି ବଡ଼ ରୂପ ନେଇପାରେ। ଗଣତନ୍ତ୍ରର ସୁସ୍ଥତା ପାଇଁ ଶାନ୍ତିପୂର୍ଣ୍ଣ ସଂଳାପ ଓ ବାସ୍ତବବାଦୀ ସମାଧାନ ହିଁ ଏକମାତ୍ର ପଥ।

ଲୁହଭିଜା ଆଖିରେ ମା'ଙ୍କୁ ମେଲାଣି, ହୃଦୟରେ ଅସରନ୍ତି ଭକ୍ତି

ପୁଣି ଆସିବେ ମା', ଅପେକ୍ଷାରେ ଭକ୍ତଙ୍କ ଆତୁର ପ୍ରାଣ

ଶାରଦୀୟ ଦୁର୍ଗାପୂଜାର ଆଗମନ ସହ ଯେଉଁ ଆନନ୍ଦ, ଉଲ୍ଲାସ, ଉତ୍ସାହ ଓ ଭକ୍ତିର ମହାସ୍ରୋତ ଜନମାନସକୁ ଆଚ୍ଛାଦିତ କରିଥିଲା, ମା'ଙ୍କ ମେଲାଣି ବେଳେ ସେହି ପରିବେଶ ଏକ ଅଦ୍ଭୁତ ଭାବପ୍ରବଣତାରେ ପରିଣତ ହୋଇଯାଏ। କିଛିଦିନ ପୂର୍ବରୁ ଯେଉଁ ମଣ୍ଡପଗୁଡ଼ିକ ରଙ୍ଗିନ ଆଲୋକମାଳା, ଆକର୍ଷଣୀୟ ସାଜସଜ୍ଜା, ଧୂପଦୀପର ସୁଗନ୍ଧ, ଶଙ୍ଖଧ୍ୱନି, ଘଣ୍ଟନାଦ ଓ ମନ୍ତ୍ରୋଚ୍ଚାରଣରେ ମୁଖରିତ ହୋଇଉଠିଥିଲା, ଆଜି ସେହି ମଣ୍ଡପଗୁଡ଼ିକ ମା'ଙ୍କ ବିଦାୟର ନିରବ ସାକ୍ଷୀ ପାଲଟିଛନ୍ତି। ଚାରିଆଡ଼େ ଭକ୍ତିମୟ ପରିବେଶ, ମନରେ ଅସରନ୍ତି ଭାବନା ଏବଂ ଆଖିରେ ଲୁହର ଧାରା। ମା'ଙ୍କୁ ବିଦାୟ ଦେବାର ଏହି ମୁହୂର୍ତ୍ତ କେବଳ ଏକ ଧାର୍ମିକ ପରମ୍ପରାର ଅଂଶ ନୁହେଁ; ଏହା ମଣିଷ ଓ ମାତୃଶକ୍ତି ମଧ୍ୟରେ ଥିବା ଗଭୀର ଆତ୍ମିକ ସମ୍ପର୍କର ଏକ ଅନନ୍ୟ ପ୍ରକାଶ। ମା' ଦୁର୍ଗା ଆମ ପାଇଁ କେବଳ ପୂଜାମଣ୍ଡପରେ ବିରାଜମାନ ଏକ ଦିବ୍ୟ ପ୍ରତିମା ନୁହନ୍ତି; ସେ ଆମର ଆସ୍ଥା, ବିଶ୍ୱାସ, ଶକ୍ତି, ସାହସ, ଆଶା ଓ ଆତ୍ମବଳର ଚିରନ୍ତନ ଉତ୍ସ। ତାଙ୍କ ଆଗମନ ଆମ ମନରେ ନୂତନ ଆଶା ସଞ୍ଚାର କରେ, ତାଙ୍କ ଆରାଧନା ଆମକୁ ଜୀବନର ସଂଘର୍ଷ ମଧ୍ୟରେ ଦୃଢ଼ ହୋଇ ଠିଆ ହେବାକୁ ପ୍ରେରଣା ଦିଏ ଏବଂ ତାଙ୍କ ବିଦାୟ ଆମକୁ ଆତ୍ମଚିନ୍ତନ କରିବାର ଏକ ଅମୂଲ୍ୟ ସୁଯୋଗ ପ୍ରଦାନ କରେ। ମା'ଙ୍କୁ ମେଲାଣି ଦେବା ବେଳେ ଆମ ହୃଦୟରୁ ଆପେ ଆପେ ଉଚ୍ଚାରିତ ହୁଏ- **"ମା', ପୁଣି ଆସିବ। ଆମକୁ ଆଶୀର୍ବାଦ କରିବ। ଆମ ଦୁଃଖ ଦୂର କରିବ ଏବଂ ଆମ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେବ।"**

ମା' ଦୁର୍ଗାଙ୍କ ପୂଜା ଭାରତୀୟ ସଂସ୍କୃତି, ପରମ୍ପରା ଓ ଆଧ୍ୟାତ୍ମିକ ଚେତନାର ଏକ ଅବିଚ୍ଛେଦ୍ୟ ଅଂଶ। ଶାରଦୀୟ ଦୁର୍ଗୋତ୍ସବ ଆସିଲେ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ଏକ ନୂତନ ଉତ୍ସାହର ସଞ୍ଚାର

ହୁଏ। ଶିଶୁଙ୍କ ମୁହଁରେ ହସ, ଯୁବପିଢ଼ିଙ୍କ ମନରେ ଉଲ୍ଲାସ, ବୟସ୍କଙ୍କ ହୃଦୟରେ ଭକ୍ତି ଏବଂ ପରିବାରଗୁଡ଼ିକ ମଧ୍ୟରେ ଆତ୍ମୀୟତାର ଭାବ ଏହି ପର୍ବକୁ ଅଧିକ ମହିମାମୟ କରିଥାଏ। ମା'ଙ୍କ ଆଗମନ ପାଇଁ ଦୀର୍ଘଦିନର ପ୍ରସ୍ତୁତି, ପୂଜାମଣ୍ଡପର ସାଜସଜ୍ଜା, ମୂର୍ତ୍ତି ନିର୍ମାଣରେ ଶିଳ୍ପୀଙ୍କ ନିଷ୍ଠା, ଆୟୋଜକମାନଙ୍କ ପରିଶ୍ରମ ଏବଂ ଭକ୍ତମାନଙ୍କ ଅକୁଣ୍ଠ ସହଯୋଗ ଏହି ମହୋତ୍ସବର ସାମୂହିକ ଚରିତ୍ରକୁ ପ୍ରତିଫଳିତ କରେ। ମା'ଙ୍କ ଦର୍ଶନ ପାଇଁ ଲମ୍ବା ଧାଡ଼ିରେ ଠିଆ ହେବା, ପରିବାର ସହ ପୂଜାମଣ୍ଡପ ବୁଲିବା, ଅଞ୍ଜଳି ଅର୍ପଣ କରିବା ଏବଂ ମା'ଙ୍କ ଚରଣରେ ନିଜର ମନୋକାମନା ଜଣାଇବା ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି। କିନ୍ତୁ ପର୍ବର ଅବସାନ ସହ ଯେତେବେଳେ ମା'ଙ୍କ ବିସର୍ଜନର ସମୟ ଆସେ, ସେତେବେଳେ ଆନନ୍ଦର ସେହି ମୁହୂର୍ତ୍ତଗୁଡ଼ିକ ସ୍ମୃତିରେ ପରିଣତ ହେବାକୁ ଲାଗେ। ମା'ଙ୍କ ମୁଖମଣ୍ଡଳକୁ ଶେଷ ଥର ପାଇଁ ଦର୍ଶନ କରିବା ବେଳେ ଅନେକ ଭକ୍ତଙ୍କ ଆଖି ଲୁହରେ ଭରିଯାଏ। ସେହି ଲୁହ ଦୁର୍ବଳତାର ପ୍ରତୀକ ନୁହେଁ; ତାହା ହେଉଛି ଅନ୍ତରର ଅଗାଧ ଶ୍ରଦ୍ଧା, ଅତୁଟ ବିଶ୍ୱାସ ଓ ମାତୃସ୍ନେହ ପ୍ରତି ମଣିଷର ଗଭୀର ଭାବନାର ପ୍ରତିଫଳନ।

ମା'ଙ୍କ ବିଦାୟ ଆମକୁ ମାତୃତ୍ୱର ମହାନତା ମଧ୍ୟ ସ୍ମରଣ କରାଏ। ମା' କେବଳ ଜନ୍ମଦାତ୍ରୀ ନୁହନ୍ତି; ସେ ହେଉଛନ୍ତି ସ୍ନେହ, ତ୍ୟାଗ, କରୁଣା, ସହନଶୀଳତା ଓ ନିଃସ୍ୱାର୍ଥ ସେବାର ଜୀବନ୍ତ ପ୍ରତୀକ। ଦୁର୍ଗା ମା'ଙ୍କ ଦଶଭୁଜା ରୂପ ଆମକୁ ଏହି ବାର୍ତ୍ତା ଦିଏ ଯେ ନାରୀ କେବଳ କୋମଳତାର ପ୍ରତୀକ ନୁହନ୍ତି; ସେ ଶକ୍ତି, ସାହସ, ଧୈର୍ଯ୍ୟ ଓ ପରିବର୍ତ୍ତନର ଅପାର ସମ୍ଭାବନାର ଅଧିକାରିଣୀ। ଜଣେ ମା' ନିଜ ପରିବାରକୁ ଯେପରି ସ୍ନେହ ଓ ସଂସ୍କାରରେ ବାନ୍ଧି ରଖନ୍ତି, ସେହିପରି ମା' ଦୁର୍ଗାଙ୍କ ଆଦର୍ଶ ସମଗ୍ର ସମାଜକୁ ନ୍ୟାୟ, ନିଷ୍ଠା ଓ ମାନବିକତାର ସୂତ୍ରରେ ବାନ୍ଧି ରଖିବାର ପ୍ରେରଣା ଦିଏ। ତେଣୁ ମା'ଙ୍କୁ ପୂଜା କରିବା ସହ ପ୍ରତ୍ୟେକ ନାରୀଙ୍କୁ ସମ୍ମାନ ଦେବା, ତାଙ୍କ ଅଧିକାରର ସୁରକ୍ଷା କରିବା ଏବଂ ତାଙ୍କୁ ନିଜ ସ୍ୱପ୍ନ ପୂରଣ କରିବାର ସମାନ ସୁଯୋଗ ପ୍ରଦାନ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଯେଉଁ ସମାଜରେ ନାରୀ ସୁରକ୍ଷିତ, ସମ୍ମାନିତ ଓ ସଶକ୍ତ, ସେହି ସମାଜ ହିଁ ପ୍ରକୃତ ଅର୍ଥରେ ପ୍ରଗତିଶୀଳ। ନାରୀଙ୍କ ପ୍ରତି ଅସମ୍ମାନ, ହିଂସା, ଭେଦଭାବ ଓ ଅନ୍ୟାୟକୁ ଦୂର କରିବା ପାଇଁ ଆମକୁ କେବଳ ଆଇନର ଆଶ୍ରୟ ନୁହେଁ, ବରଂ ନିଜ ମନୋଭାବରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ହେବ। ମା' ଦୁର୍ଗାଙ୍କ ଆରାଧନା ସେତେବେଳେ ସାର୍ଥକ ହେବ, ଯେତେବେଳେ ଆମେ ପ୍ରତ୍ୟେକ ମହିଳାଙ୍କ ମଧ୍ୟରେ ମାତୃଶକ୍ତିର ମହିମାକୁ ଅନୁଭବ କରିପାରିବା।

ପୌରାଣିକ କଥା ଅନୁସାରେ, ମହିଷାସୁର ଭଳି ଅସୁରର ଅତ୍ୟାଚାରରୁ ଦେବତା ଓ ସମଗ୍ର ଜଗତକୁ ରକ୍ଷା କରିବା ପାଇଁ ମା' ଦୁର୍ଗାଙ୍କ ଆବିର୍ଭାବ।

ଡ. ସତ୍ୟଜିତ ନାଏକ, ଆଇପିଏସ୍,
ଆଇଜିପି, କେନ୍ଦ୍ରାଞ୍ଚଳ ରେଞ୍ଜ, କଟକ

ଜିନ୍ନା, ବାଂଲାଦେଶ ଓ ଭାଷା ଅସ୍ମିତା

ଡା. ରାଜକିଶୋର ପଣ୍ଡା

ମହମ୍ମଦ ଅଲ୍ଲୀ ଜିନ୍ନା ୧୯୪୮ ରେ ମୃତ୍ୟୁବରଣ କଲେ। ଏହାର ତେଇଶି ବର୍ଷ ପରେ ବାଂଲାଦେଶ ସୃଷ୍ଟି ହେଲା ଗୋଟିଏ ରକ୍ତାକ୍ତ ସଂଗ୍ରାମରେ। ଏହି ଯୁଦ୍ଧଟି ହୋଇଥିଲା ପାକିସ୍ତାନ ବିରୁଦ୍ଧରେ ଯାହାକୁ ଜିନ୍ନା ଗଠନ କରିଥିଲେ। ତେଣୁ ଆମେ କହିପାରିବା ବାଂଲାଦେଶର ସୃଷ୍ଟି ପରୋକ୍ଷରୁ ଏହାର ଆଧୁନିକ ଇତିହାସରେ ଜିନ୍ନା ହେଉଛନ୍ତି ଜଣେ ପ୍ରାକ୍ ଐତିହାସିକ ବ୍ୟକ୍ତିତ୍ୱ। କିନ୍ତୁ ଏହା ମଧ୍ୟରେ ତାଙ୍କୁ ନେଇ ବାଂଲାଦେଶରେ ଏକ ବିବାଦର ସୂତ୍ରପାତ ହୋଇଛି। ଘଟଣାଟି ହୋଇଛି ଢାକା ୟୁନିଭରସିଟି ସେଣ୍ଟ୍ରାଲ ଷ୍ଟୁଡେଣ୍ଟସ୍ ୟୁନିୟନର ମ୍ୟୁଜିୟମରେ। ସଂଗ୍ରହାଳୟଟିର ନବୀକରଣ ପରେ ଦେଖିବାକୁ ମିଳିଲା ଯେ ଏଥିରେ ଜିନ୍ନାଙ୍କର ସମ୍ପୃକ୍ତି ଥିବା ତିନୋଟି ଫଟୋ ରଖାଯାଇଛି। ଏହି ତିନୋଟି ଫଟୋଚିତ୍ର ମଧ୍ୟରୁ ପ୍ରଥମଟି ହେଉଛି ୧୯୭୦ ମସିହାର ଗୋଟିଏ ସମ୍ବାଦପତ୍ର କ୍ଲିପିଙ୍ଗ୍, ଦ୍ୱିତୀୟ ଫଟୋଟି ୧୯୪୦ ମସିହାରେ ଲାହୋରଠାରେ ଅନୁଷ୍ଠିତ ହୋଇଥିବା ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ଅଧିବେଶନ ସମୟର ଓ ତୃତୀୟଟି ହେଉଛି ଜିନ୍ନାଙ୍କର ଅନ୍ୟ ଏକ ଫଟୋ ଯାହାକୁ ନିଆଯାଇଥିଲା ଢାକାର ରେସକୋର୍ସ ମଇଦାନରେ ଏକୋଇଶି ମାର୍ଚ୍ଚ ୧୯୪୮ ରେ, ଯେଉଁଥିରେ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ କି, ଉର୍ଦ୍ଦୁ ହିଁ ପାକିସ୍ତାନର ରାଜଭାଷା ହେବା ଉଚିତ। ଉପରେ ବର୍ଣ୍ଣିତ ରେସକୋର୍ସ ମଇଦାନକୁ ଆଜି ନାମିତ କରାଯାଇଛି ସୁରାୱର୍ଦ୍ଦି ମଇଦାନ ଭାବରେ।

ଜିନ୍ନାଙ୍କର ଫଟୋ ମ୍ୟୁଜିୟମରେ ଲାଗିବାକୁ ନେଇ ସମ୍ପ୍ରତି ବାଂଲାଦେଶର ଯୁବପିଢ଼ି ଉତ୍ତ୍ୟକ୍ତ ହୋଇଉଠିଛନ୍ତି। ଉର୍ଦ୍ଦୁ ବିଭାଗର ଛାତ୍ର "ଅବୁ ତୌୟାବ ହାବିଲଦାର୍" ମ୍ୟୁଜିୟମକୁ ଯାଇ ଜିନ୍ନାଙ୍କର ଉକ୍ତ ଫଟୋଗୁଡ଼ିକୁ ଚିରି ଦେଲେ ଓ ମନ୍ତବ୍ୟ ଦେଲେ କି, ଯେଉଁ ବ୍ୟକ୍ତି ବଙ୍ଗଳା ଭାଷା (ବାଂଲାଦେଶର ମାତୃଭାଷା) ବିରୋଧରେ ନିଷ୍ପତ୍ତି ନେଇଥିଲେ ତଥା ୧୯୪୮ ରେ କର୍ଜନ ହଲ୍ ପରିସର ମଧ୍ୟରେ ଛାତ୍ରମାନଙ୍କର ଦମନ ସହ ସଂଶ୍ଳିଷ୍ଟ ଥିଲେ, ତାଙ୍କ ଫଟୋ କଦାପି ଏହି ସଂଗ୍ରହାଳୟରେ ରହିପାରିବ ନାହିଁ। ଏହାପରେ ବିଭିନ୍ନ ଛାତ୍ର ଦଳ ଓ ଛାତ୍ର ସଂଘ ତରଫରୁ ମଧ୍ୟ ବିରୋଧ ପ୍ରଦର୍ଶନ ଆରମ୍ଭ ହେଲା। ଦେଶର ବିଭିନ୍ନ ସ୍ଥାନରେ ଲୋକମାନେ ଜିନ୍ନାଙ୍କର ଫଟୋକୁ ଚିରି, ତା' ଉପରେ ଛେପ ପକାଇଲେ ଓ ତଳେ ପକାଇ କୁଦିଲେ ମଧ୍ୟ।

ଏହି ବିରୋଧର ଜବାବ ଦେବାକୁ ଯାଇ "ଫାତିମା ତସନିମ୍ ଜୁମା" ଯିଏ କି ମ୍ୟୁଜିୟମ୍‌ର ନବୀକରଣ ଦାୟିତ୍ୱରେ ଥିଲେ କହିଛନ୍ତି କି, "ଜିନ୍ନାଙ୍କର ଫଟୋ ଚିତ୍ରଗୁଡ଼ିକ ଗୋଟିଏ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଐତିହାସିକ ଦସ୍ତାବିଜ୍।" ୧୯୪୮ ମସିହାର ଫଟୋ ସମ୍ପର୍କରେ ମତ ଦେଇ ଫାତିମା କହିଛନ୍ତି ଯେ, ଏହି ଚିତ୍ରଟି ଉର୍ଦ୍ଦୁକୁ ନେଇ ଜିନ୍ନାଙ୍କର ନୀତିକୁ ଦର୍ଶାଉଛି। ସେହିପରି ଲାହୋର ଫଟୋ ବିଷୟରେ ସେ କହିଛନ୍ତି ଯେ ଏଥିରେ ଜିନ୍ନା "ଏକେ ଫଜଲୁଲ ହକ୍"ଙ୍କ ପାଖରେ ବସିଛନ୍ତି। ଏହି "ଫଜଲୁଲ ହକ୍" ଯିଏ କି ଜଣେ ବଙ୍ଗାଳୀ, ସର୍ବପ୍ରଥମେ ସ୍ୱତନ୍ତ୍ର ମୁସଲିମ୍ ରାଷ୍ଟ୍ର କରିବା ସପକ୍ଷରେ ପ୍ରସ୍ତାବ ପାରିତ କରିଥିଲେ।

ମ୍ୟୁଜିୟମ୍‌ରେ କେବଳ ବର୍ତ୍ତମାନର ପୀଢ଼ିକୁ ସନ୍ତୁଷ୍ଟ ବା ସମର୍ଥନ କରିବା ଭଳି ସାମଗ୍ରୀ ମାନ ରଖାଯାଇପାରିବ ନାହିଁ ଓ ଜିନ୍ନାଙ୍କ ଫଟୋକୁ ସଂଗ୍ରହାଳୟରେ ସ୍ଥାନୀତ କରିବାଦ୍ୱାରା ତାଙ୍କର କାର୍ଯ୍ୟକଳାପକୁ କୌଣସି ପ୍ରକାରର ସମର୍ଥନ କରାଯାଉନାହିଁ ବୋଲି ଫାତିମା ମନ୍ତବ୍ୟ ଦେଇଛନ୍ତି।

ଏବେ ପ୍ରଶ୍ନ ଉଠୁଛି କି ଜିନ୍ନାଙ୍କର ଏହି ସାର୍ବଜନୀନ ଅପମାନ ଦ୍ୱାରା ବାଂଲାଦେଶର ପାକିସ୍ତାନ ସହିତ ସମ୍ବନ୍ଧ ପ୍ରଭାବିତ ହେବ ନା ନାହିଁ। ଯଦିଓ ଏହି ଘଟଣାଟି କୂଟନୀତି ଅପେକ୍ଷା ସ୍ମୃତି ଓ ଘରୋଇ ରାଜନୀତିର ଲଢ଼େଇ ବୋଲି ଅଧିକ ମାତ୍ରାରେ ମନେ ହେଉଛି, ଏହା ସତ୍ତ୍ୱେ ମଧ୍ୟ ଇତିହାସରେ ଏହି ଭଳି ପ୍ରତୀକାତ୍ମକ ଘଟଣା ଅଧିକାଂଶ ସମୟରେ ଦୁଇଦେଶ ମଧ୍ୟରେ ଥିବା ବିବାଦକୁ ଆହୁରି ବଢ଼ାଇ ଦେଇଥାଏ।

ଜିନ୍ନାଙ୍କ ବିରୋଧରେ ବାଂଲାଦେଶ ଜନତାଙ୍କର କ୍ରୋଧ ବର୍ତ୍ତମାନର ନୁହେଁ। ଏହାର ସୃଷ୍ଟି ହୋଇଛି ୧୯୪୮ ମସିହାର ସେହି ନିଷ୍ପତ୍ତିରୁ ଯେତେବେଳେ ଜିନ୍ନା କହିଥିଲେ, "ପାକିସ୍ତାନର ରାଷ୍ଟ୍ର ଭାଷା କେବଳ ଉର୍ଦ୍ଦୁ ହିଁ ହୋଇ ପାରିବ।" ପୂର୍ବ ପାକିସ୍ତାନରେ ବହୁସଂଖ୍ୟକ ଜନତାଙ୍କର ମାତୃଭାଷା ବଙ୍ଗାଳୀ ଥିଲା। ଜିନ୍ନାଙ୍କ ଘୋଷଣାରୁ ଆରମ୍ଭ ହେଲା ଭାଷା ଆନ୍ଦୋଳନ ଓ ପରେ ଏହି ଆନ୍ଦୋଳନ ସ୍ୱତନ୍ତ୍ର ବାଙ୍ଗଲାଦେଶ ସୃଷ୍ଟିର କାରଣ ହେଲା।

ପାକିସ୍ତାନ ସୃଷ୍ଟି ହେବାର କିଛି ମାସ ହୋଇଥିଲା ଯେତେବେଳେ ମାର୍ଚ୍ଚ ୧୯୪୮ ରେ ଜିନ୍ନା ପୂର୍ବ ବଙ୍ଗ ଗସ୍ତରେ ଆସିଥିଲେ। ଏକୋଇଶି ମାର୍ଚ୍ଚରେ ସାଧାରଣ ସଭା ଓ ଚବିଶ ମାର୍ଚ୍ଚରେ ଢାକା ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ସେ ସ୍ପଷ୍ଟ ଭାବରେ କହିଲେ କି ଦେଶର (ପାକିସ୍ତାନ) ଭାଷା ଉର୍ଦ୍ଦୁ ହିଁ ହେବ। ତାଙ୍କର ଯୁକ୍ତି ଥିଲା କି, ପ୍ରାନ୍ତ

ନିଜର କାର୍ଯ୍ୟ ପାଇଁ ବଙ୍ଗଳା ବାଛି ପାରିବ କିନ୍ତୁ ସମ୍ପୂର୍ଣ୍ଣ ଦେଶକୁ ଯୋଡ଼ିବା ଭଳି ଭାଷା ଗୋଟିଏ ହେବା ଦରକାର ଓ ତାହା ହେଉଛି ଉର୍ଦ୍ଦୁ। ସେ ଉର୍ଦ୍ଦୁକୁ ଇସଲାମ୍ ସଂସ୍କୃତି ଓ ମୁସଲିମ୍ ପରମ୍ପରା ସହ ଯୋଡ଼ିଲେ ଓ ଏହାର ବିରୋଧ କରୁଥିବା ବ୍ୟକ୍ତିବିଶେଷଙ୍କୁ ପାକିସ୍ତାନର ଶତ୍ରୁ ତଥା ଦେଶର ଏକତା ପ୍ରତି ବିପଦ ବୋଲି ଦର୍ଶାଇଲେ। ଛାତ୍ରମାନେ ଜିନ୍ନାଙ୍କର ଏହି ବକ୍ତବ୍ୟର ତତ୍‌କ୍ଷଣାତ୍ ଦୃଢ଼ ବିରୋଧ କରି ନାରାବାଜି କଲେ, "ମାନି ନା", "ମାନି ନା" ଅର୍ଥାତ୍ ଆମେ ମାନିବୁ ନାହିଁ।

ସେହି ସମୟରେ ଛାତ୍ରଙ୍କର ପ୍ରତିନିଧି ମଣ୍ଡଳ ସହ ଆଲୋଚନାରେ ମଧ୍ୟ ଜିନ୍ନା ନିଜ ଜିଦ୍‌ରେ ଅଡ଼ି ବ

ଆଇଆରଜିସିର ଚାଞ୍ଚଲ୍ୟକର ଦାବି

ପାରସ୍ୟ ଉପସାଗରରେ ୭ ଜାହାଜ ଉପରେ ଆକ୍ରମଣ

ତୈଳ ଟ୍ୟାଙ୍କର ଉପରେ କ୍ଷେପଣାସ୍ତ୍ର ମାଡ଼, ୨୧ ଭାରତୀୟ ସୁରକ୍ଷିତ

ନୂଆଦିଲ୍ଲୀ: ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରୁଥିବା ଏକ କୁଏତ ପତାକାଧାରୀ ତୈଳ ଟ୍ୟାଙ୍କର ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି। ୟୁନାଇଟେଡ୍ କିଙ୍ଗଡ଼ମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ ଓମାନର ବୁଖାରୁ ପଶ୍ଚିମରେ ୧୧ ନଟିକାଲ ମାଇଲ୍ ଦୂରରେ ଏହି ଘଟଣାକୁ ଟ୍ରାକ୍ କରିଛି। ଏଥିରେ ଥିବା ୨୧ ଜଣ ଭାରତୀୟ ନାବିକ ଓ ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ସୂଚନା ମିଳିଛି ବୋଲି ଭାରତର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ନିଶ୍ଚିତ କରିଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇଛନ୍ତି, ହର୍ମୁଜ ଦେଇ ଯାଉଥିବା ସମୟରେ ଏମ/ଟି ଅଲ୍ ଦାସମା ନାମକ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଥିଲା। ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ କ୍ରୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜାହାଜ ପରିଚାଳନା କମ୍ପାନି ସହିତ ଯୋଗାଯୋଗ କରୁଛନ୍ତି।

ତେହରାନ, ୨୨।୧୦ଃ ଆମେରିକା ସହିତ ବଢୁଥିବା ଉତ୍ତେଜନା ମଧ୍ୟରେ ତେହରାନ ରଣନୈତିକ ଜଳପଥ ଉପରେ ନିୟନ୍ତ୍ରଣ ବଜାୟ ରଖିଥିବା ନେଇ ନିଜର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ନୌସେନା କହିଛି ଯେ, ପାରସ୍ୟ ଉପସାଗର ଓ ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ସାତଟି ଜାହାଜ ଉପରେ ଆକ୍ରମଣ କରାଯାଇଛି।

ଆଇଆରଜିସି କହିଛି ଯେ, ଉତ୍ତର ପାରସ୍ୟ ଉପସାଗରରେ ଜାହାଜରୁ ଜାହାଜକୁ ତେଲ ସ୍ଥାନାନ୍ତର କରୁଥିବା ଚାରୋଟି ଜାହାଜ ଉପରେ ହୋଇଥିବା ଏକକାଳୀନ ଆକ୍ରମଣରେ ସେସବୁରେ ନିଆଁ ଲାଗିଯାଇଥିଲା। ଉତ୍ତର-କେନ୍ଦ୍ରୀୟ ପାରସ୍ୟ ଉପସାଗରରେ ଜାହାଜରୁ ଜାହାଜକୁ ମାଲ ପରିବହନ କରୁଥିବା ଜାହାଜଗୁଡ଼ିକର ଟ୍ରାକିଂ କରି ପିଛା କରିଥିଲା। ସେହିପରି ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ସାମୁଦ୍ରିକ ମାଇନ୍ ଆକ୍ରମଣରେ ଅନ୍ୟ ତିନୋଟି ଜାହାଜ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜାହାଜଗୁଡ଼ିକରେ ନିଆଁ ଲାଗିଯାଇଥିଲା। ଆଇଆରଜିସିର ଦାବିକୁ ଯାଞ୍ଚ କରାଯାଇ ନାହିଁ। ମୃତାହତ, ଜାହାଜର ପରିଚୟ କିମ୍ବା କ୍ଷୟକ୍ଷତିର ପରିମାଣ ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ହୋଇନାହିଁ।

ଆଇଆରଜିସି ଅନୁଯାୟୀ, ନୌବାହିନୀ ପୂର୍ବରୁ ଜାହାଜ କମ୍ପାନିଗୁଡ଼ିକୁ ତେହେରାନ ଦ୍ୱାରା ବେଆଇନ ସାମୁଦ୍ରିକ ପଥ ଭାବରେ ଦର୍ଶାଯାଇଥିବା ସାମୁଦ୍ରିକ ମାର୍ଗ ବ୍ୟବହାର ନକରିବାକୁ ଚେତାବନୀ ଦେଇଥିଲା। ମାତ୍ର କମ୍ପାନିଗୁଡ଼ିକୁ ଆମେରିକୀୟ ସେନା ନିର୍ଦ୍ଦେଶରେ ବିନା ଅନୁମତିରେ ଜଳପଥ ଦେଇ ଯିବାକୁ ଉଦ୍ୟମ କରିଥିଲେ। ନୌସେନା ଇରାନୀ ଜନତାଙ୍କ ଦୃଢ଼ତା ଓ ସମର୍ଥନ ପାଇଁ ସେମାନଙ୍କୁ ପ୍ରଶଂସା କରି କହିଛି ଯେ, ଜାତୀୟ ଏକତା ଦେଶର ସଶସ୍ତ୍ର ବାହିନୀକୁ ମଜବୁତ କରିଛି ଓ ବିରୋଧୀଙ୍କ ମନୋବଳକୁ ଦୁର୍ବଳ କରିଛି। ନୌସେନା ଇରାନ ଲୋକଙ୍କ ସମର୍ଥନରେ ହର୍ମୁଜ୍ ପ୍ରଣାଳୀରେ ପରିଚାଳନା ଓ ନିୟନ୍ତ୍ରଣ ଜାରି ରଖିଛି।

ବିଜେପି କର୍ମୀଙ୍କୁ ହାଣିଲେ ଗୁଳି କରି ଜୀବନ ନେଲେ

ଗୋଷ୍ଠୀ ସଂଘର୍ଷରେ ୬ ଆହତ

ମାଲଦା/କୋଲକାତାଃ ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ରାଜନୈତିକ ହିଂସାର ଶିକାର ହୋଇଛନ୍ତି ଜଣେ ବିଜେପି ସମର୍ଥକ। ସମୀର ଘୋଷ ନାମକ ଏହି କର୍ମୀଙ୍କୁ ପ୍ରଥମେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯିବା ପରେ ଦୁଇ ରାଉଣ୍ଡ ଗୁଳି କରି ନିର୍ମମ ଭାବେ ହତ୍ୟା କରାଯାଇଛି। ବୁଧବାର ରାତିରେ ରାମକେଲି ଅଞ୍ଚଳରେ ଏହି ଦୁଃଖଦ ଘଟଣା ଘଟିଥିବା ନେଇ ପୁଲିସ ଗୁରୁବାର ସୂଚନା ଦେଇଛି। ଏହି ହତ୍ୟାକାଣ୍ଡ ପଛରେ ବିରୋଧୀ ରାଜନୈତିକ ଦଳର ହାତ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସମୀରଙ୍କ ହତ୍ୟା ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ତୀବ୍ର ସଂଘର୍ଷ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସଂଘର୍ଷରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ମାଲଦା ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାରୁ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବ୍ୟାପକ ପୁଲିସ ବାହିନୀ ମୁତୟନ କରାଯାଇଛି। ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ଥିବା ପୁଲିସ ଅଧିକାରୀମାନେ ପ୍ରକାଶ କରିଛନ୍ତି। ତେବେ ଏହି ହତ୍ୟାକାଣ୍ଡ ଓ ହିଂସା ମାମଲାରେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି।

ନୋବେଲ ପରେ ପୁଲିଜର୍ ବି ଗଲା
ପୁଣି ନିଜକୁ ଶ୍ରେୟ ଦେଲେ ଟ୍ରମ୍ପ

ୱାଶିଂଟନ, ୨୨।୧୦ଃ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଅନେକ ଯୁଦ୍ଧ ବନ୍ଦ କରିଥିବାର ଦାବି କରିବା ସତ୍ତ୍ୱେ ନୋବେଲ ଶାନ୍ତି ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିବାରୁ ଅସନ୍ତୁଷ୍ଟ ରହିଛନ୍ତି। ଏବେ ଆଉ ଏକ ଲୋଭନୀୟ ସମ୍ମାନ ପୁଲିଜର୍ ପୁରସ୍କାର ଉପରେ ତାଙ୍କର ନଜର ରହିଛି। ଦକ୍ଷିଣ କାରୋଲିନାରେ ଏକ ରାଲିରେ ଟ୍ରମ୍ପ ଅଭିଯୋଗ କରିଛନ୍ତି, ତାଙ୍କୁ ଉଭୟ ପୁରସ୍କାର ପାଇବାରୁ ବଞ୍ଚିତ କରାଯାଇଛି। ମୋ ଲେଖା ପାଇଁ ମଧ୍ୟ ସ୍ୱୀକୃତି ପାଇବାକୁ ମୁଁ ଯୋଗ୍ୟ ବୋଲି କହିଛନ୍ତି। ସାମ୍ବାଦିକତା, ସାହିତ୍ୟ ଏବଂ ସଙ୍ଗୀତ କ୍ଷେତ୍ର ଆଦି ୨୧ରୁ ଅଧିକ ବର୍ଗରେ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ ପୁଲିଜର୍ ପୁରସ୍କାର ରୁଷ ତଦନ୍ତର କଭରେଜ୍ ପାଇଁ ଜିତିଥିବା ସାମ୍ବାଦିକଙ୍କୁ ଟାର୍ଗେଟ କରି ଟ୍ରମ୍ପ ଦାବି କରିଛନ୍ତି, ସେମାନଙ୍କର ରିପୋର୍ଟିଂ ଭୁଲ୍ ଥିଲା। ମୁଁ ନୋବେଲ ପୁରସ୍କାର ପାଇଲି ନାହିଁ। ମୁଁ ପୁଲିଜର୍ ବି ପାଇଲି ନାହିଁ। ମୋତେ ମୋ ଲେଖା ପାଇଁ ପୁଲିଜର୍ ମିଳିବା ଉଚିତ୍ ଥିଲା। ଯେଉଁମାନେ ଏହା ପାଇଥିଲେ, ସେମାନେ ଏହା ପାଇବା ଉଚିତ୍ ନଥିଲା। ସେମାନେ ରୁଷ ବିଷୟରେ ସଠିକ୍ ଏବଂ ଚମତ୍କାର ଲେଖା ପାଇଁ ପୁଲିଜର୍ ପୁରସ୍କାର ପାଇଲେ। କିନ୍ତୁ ସେମାନଙ୍କର ରିପୋର୍ଟ ଭୁଲ୍ ଥିଲା। ଅନେକ ଯୁଦ୍ଧ ବନ୍ଦ କରିଥିବାରୁ ମୁଁ ନୋବେଲ ଶାନ୍ତି ସମ୍ମାନ ପାଇଁ ମଧ୍ୟ ଯୋଗ୍ୟଥିଲି। ନୋବେଲ ନ ପାଇବା ସମ୍ପର୍କରେ ତାଙ୍କର ବାରମ୍ବାର ଅଭିଯୋଗରେ ସେ ଆଉ ଏକ ନୂଆ ଅଧ୍ୟାୟ ଯୋଡିଛନ୍ତି। ରାଷ୍ଟ୍ରପତି ଏବେ ଯୁକ୍ତି ଦେଉଛନ୍ତି ଯେ, ତାଙ୍କ ଲେଖା ମଧ୍ୟ ସାମ୍ବାଦିକତାର ସବୁଠାରୁ ମର୍ଯ୍ୟାଦାଜନକ ପୁରସ୍କାର ପାଇବାକୁ ଯୋଗ୍ୟ।

କାନପୁରରେ ଯୁବକଙ୍କୁ ନିର୍ମମ ହତ୍ୟା

କାନପୁର, ୨୨।୧୦ଃ ପୂର୍ବ ଶତ୍ରୁତା ଯୋଗୁ କାନପୁରର ହନୁମନ୍ତ ବିହାର ଅଞ୍ଚଳରେ ଜଣେ ୩୭ ବର୍ଷୀୟ ଯୁବକଙ୍କୁ ଦୁର୍ବୃତ୍ତମାନେ ଅତି ନିର୍ମମ ଭାବେ ଆକ୍ରମଣ କରି ହତ୍ୟା କରିଛନ୍ତି। ଅଭିଯୋଗ ହୋଇଛି ଯେ, ଦଶହରା ମେଳା ଦେଖିକି ଘରକୁ ଫେରୁଥିବା ବୀରୁ ସିଂହ ଭଦୌରିଆଙ୍କୁ ପ୍ରଥମେ ଏକ କାର ଧକ୍କା ଦେଇଥିଲା, ତା'ପରେ ତାଙ୍କୁ ମାଡ଼ ମାରି କାରରୁ ଓହଳାଇ ଦିଆଯାଇଥିଲା ଓ ପ୍ରାୟ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ଘୋଷାରି ନିଆଯାଇଥିଲା। ପରେ ରାଜେନ୍ଦ୍ର ନଗରର ଅଶ୍ୱନୀ ଟ୍ରେଡିଂ କମ୍ପାନି ନିକଟରେ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ଫିଙ୍ଗି ଦିଆଯାଇଥିଲା। ଅଭିଯୁକ୍ତମାନେ ଯୁବକଙ୍କ ଉପରେ କାର୍ ମଧ୍ୟ ଚଢ଼ାଇ ଦେଇ ଫେରାର୍ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଯୁବକଙ୍କୁ ଡାକ୍ତରଖାନା ନିଆଯାଇଥିବାବେଳେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାର ଅନେକ ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି।

ଫ୍ରାନ୍ସରେ ହିଂସାଃ ନିର୍ଦ୍ଦେଶାବଳୀ ଜାରିକଲା ଭାରତ



ନୂଆଦିଲ୍ଲୀ, ୨୨।୧୦ଃ ଫ୍ରାନ୍ସରେ ଦେଖାଯାଇଥିବା ତୀବ୍ର ଆନ୍ଦୋଳନ ଓ ହିଂସା ଯୋଗୁ ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଲାଗିଥିବାବେଳେ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କୁ ଓ ସେଠାକୁ ଯାତ୍ରା କରୁଥିବା ଭାରତୀୟ ଲୋକଙ୍କୁ ସତର୍କ ରହିବାକୁ ନୂଆଦିଲ୍ଲୀ ପକ୍ଷରୁ ପରାମର୍ଶ ଜାରି କରାଯାଇଛି। ବୁଧବାର ଜାରି ହୋଇଥିବା ନିର୍ଦ୍ଦେଶାବଳୀରେ ଭାରତୀୟମାନଙ୍କୁ ବଡ଼ ସମାବେଶ ଓ ଭିଡ଼ ସ୍ଥାନଗୁଡ଼ିକୁ ଏଡାଇବାକୁ କୁହାଯାଇଛି। ସ୍ଥାନୀୟ ଫ୍ରାନ୍ସ କର୍ତ୍ତୃପକ୍ଷ ଯେଉଁ ନିର୍ଦ୍ଦେଶାବଳୀ ଜାରି କରୁଛନ୍ତି ତାକୁ ମାନିବାକୁ ଫ୍ରାନ୍ସରେ ଥିବା ଭାରତୀୟ ଦୂତାବାସ ନିଜ ନାଗରିକଙ୍କୁ ପରାମର୍ଶ ଜାରି କରିଛି। ଭାରତୀୟମାନଙ୍କୁ ସ୍ଥାନୀୟ ଖବର ମାଧ୍ୟମରେ ଅବଗତ ରହିବା, ସରକାରୀ ଅପଡେଟ୍ ଅନୁସରଣ କରିବା ଓ ସାର୍ବଜନୀନ ପରିବହନ କଟକଣା ଯାଞ୍ଚ କରିବାକୁ ପରାମର୍ଶ ଦେଇଛି। ଦୂତାବାସ ପକ୍ଷରୁ ଜରୁରୀକାଳୀନ ସହାୟତା ନମ୍ବର ମଧ୍ୟ ଜାରି ହୋଇଛି।

ଆଜି ସାରା ଦେଶରେ ଆନ୍ଦୋଳନ

ନୂଆଦିଲ୍ଲୀ, ୨୨।୧୦ଃ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍) ବିରୋଧରେ ଶୁକ୍ରବାର ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ହେବ। ଏଥିରେ ବିରୋଧୀ ଦଳଙ୍କ 'ଇଣ୍ଡି'ମେଣ୍ଟ, ନାଗରିକ ସଂଗଠନ, ଛାତ୍ର ସଂଘ, ଚାଷୀ ସଂଗଠନ, ସଂଖ୍ୟାଲଘୁ ସଂଗଠନ ଆଦି ସାମିଲ ହେବେ। 'ପିପୁଲ୍ ଏଗେନଷ୍ଟ ଏସଆଇଆର୍' ବ୍ୟାନରରେ ଏହି ଆନ୍ଦୋଳନ ହେବ। ଏହି ଆନ୍ଦୋଳନର ମୁଖ୍ୟ ଦାବି ମଧ୍ୟରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା, ଏସଆଇଆରକୁ ରଦ୍ଦ କରିବା, ଭୋଟର ତାଲିକାରୁ ହଟିଥିବା ନାମଗୁଡ଼ିକୁ ପୁନଃ ସାମିଲ କରିବା, ବାଲଟ୍ ପେପରରେ ନିର୍ବାଚନ କରାଇବା ଏବଂ ନିର୍ବାଚନ କମିଶନ ଆଇନ ୨୦୨୩କୁ ହଟାଇବା ଆଦି ରହିଛି।

ପୁଲିସ ଦଳ ଉପରେ ଆକ୍ରମଣ, ୪ ପୁଲିସ ଆହତ

ଉଜ୍ଜୟିନୀ, ୨୨।୧୦ଃ ମଧ୍ୟପ୍ରଦେଶର ଉଜ୍ଜୟିନୀ ଜିଲ୍ଲାର ଉନହେଲ ପୁଲିସ ଷ୍ଟେସନ ଅଞ୍ଚଳର ନାଗଝିରି ଗାଁରେ ଜଣେ ଅଭିଯୁକ୍ତଙ୍କୁ ଖୋଜୁଥିବା ପୁଲିସ ଦଳ ଉପରେ ଆକ୍ରମଣ ହୋଇଛି। ଅଭିଯୋଗ ହୋଇଛି ଯେ, ଅଭିଯୁକ୍ତଙ୍କ ପରିବାର ସଦସ୍ୟମାନେ ପୁଲିସଙ୍କ ଉପରେ ଲାଠି ଏବଂ ପଥରରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଏସଆଇ ଧରା ସିଂହ ଚାଭଡାଙ୍କୁ ଆକ୍ରମଣ କରି ତାଙ୍କ ପୋଷାକ ଛିଣ୍ଡାଇ ଦିଆଯାଇଥିଲା। ଏସଆଇଙ୍କ ସମେତ ଚାରି ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ପୁଲିସ ସାତ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ସେମାନଙ୍କ ଧରିବା ପାଇଁ ତଲାସୀ ଆରମ୍ଭ କରିଛି। ପଚରାଉଚରା ପାଇଁ ଦୁଇ ଜଣ ମହିଳା ଏବଂ ଜଣେ ପୁରୁଷଙ୍କୁ ଅଟକ ରଖାଯାଇଛି। ନାଗଝିରି ଗ୍ରାମର ବାସିନ୍ଦା ଭବସିଂ ବଞ୍ଜାରାଙ୍କ ଝିଅ କାଞ୍ଚନବାଈଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଆଠ ଦିନ ପୂର୍ବେ ସେ ତାଙ୍କ ପଡ଼ୋଶୀ ସର୍ଦ୍ଦାର ସିଂହଙ୍କ ବିରୋଧରେ ଆକ୍ରମଣ ଏବଂ ଦୁର୍ବ୍ୟବହାର ଅଭିଯୋଗ ଆଣି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଗଦ୍ଦର ବଞ୍ଜାରାଙ୍କ ପୁଅ ସର୍ଦ୍ଦାର ସିଂହଙ୍କୁ ପଚରାଉଚରା ପାଇଁ ଏବଂ ବିବାଦର ସମାଧାନ ପାଇଁ ଥାନାକୁ ଡକାଇଥିଲା।

ସୋସିଆଲ ମିଡିଆରେ ସୋନିଆ ଗାନ୍ଧୀ

ଇନ୍‌ଷ୍ଟାଗ୍ରାମରେ ସେୟାର କଲେ ଆତ୍ମଜୀବନୀ



ନୂଆଦିଲ୍ଲୀ, ୨୨।୧୦ଃ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସୋସିଆଲ ମିଡିଆ ପ୍ଲାଟଫର୍ମରେ ନିଜର ଉପସ୍ଥିତି ଜାହିର କରିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ନିଜର ପ୍ରଥମ ପୋଷ୍ଟରେ ଆତ୍ମଜୀବନୀ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'ର ଝଲକ ସେୟାର କରିଛନ୍ତି। ଏହି ରିଲ୍‌ରେ ସେ ପ୍ରଥମ ଥର ପାଇଁ ବହିଟିକୁ ଖୋଲି ଦେଖାଉଛନ୍ତି। ଏହି ସମୟରେ ସେ ଝିଅ ପ୍ରିୟଙ୍କା ଗାନ୍ଧୀଙ୍କୁ ବହି ଦେଖାଇ କହୁଛନ୍ତି, ଏଥିରେ ଅନେକ ଫଟୋ ରହିଛି, ପ୍ରିୟଙ୍କା। ବହିରେ ରାଜୀବ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ଫଟୋ ରହିଛି। ରିଲ୍‌ରେ ସେ ମିଠା ଖୁଆଉଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ସୋନିଆ ଗାନ୍ଧୀ ନିଜର ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି, "ସମସ୍ତଙ୍କୁ ନମସ୍କାର। ଏହି ମୁହୂର୍ତ୍ତକୁ ଆପଣମାନଙ୍କ ସହ ବାଣ୍ଟି ମୁଁ ବହୁତ ଖୁସି। ଉପସ୍ଥାପନ କରୁଛି 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'ର ପ୍ରଥମ ଝଲକ। ଏହା ହେଉଛି ପ୍ରେମ, କର୍ତ୍ତବ୍ୟ, କ୍ଷତି ଏବଂ ନିଜର ଆପଣାପଣ ଖୋଜିବାର ଏକ କାହାଣୀ। ଏହାକୁ ଆପଣ ସମସ୍ତଙ୍କ ସହ ସେୟାର କରିବାକୁ ମୁଁ ଉତ୍ସାହର ସହ ଅପେକ୍ଷା କରିଛି।"

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ନିଜ ପୋଷ୍ଟରେ ପୁଅ ରାହୁଲ ଗାନ୍ଧୀ, ଝିଅ ପ୍ରିୟଙ୍କା ଗାନ୍ଧୀ ଏବଂ ବହିର ପ୍ରକାଶକ ହାର୍ପରକଲିନ୍ସ ଇଣ୍ଡିଆଙ୍କୁ ଟ୍ୟାଗ୍ କରିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ କଂଗ୍ରେସ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ଫଲୋ କରୁଛନ୍ତି।

ତାଙ୍କ ଆତ୍ମଜୀବନୀକୁ ନେଇ ସେତେବେଳେ ବିବାଦ ଗଭୀର ହୋଇଥିଲା, ଯେତେବେଳେ ପେଙ୍ଗୁଇନ୍ ଇଣ୍ଡିଆ ଏହାକୁ ପ୍ରକାଶ କରିବାକୁ ମନା କରିଦେଇଥିଲା। ବହିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆର୍‌ଏସ୍‌ଏସ୍ ସହ ଜଡ଼ିତ କିଛି ଅଂଶକୁ ହଟାଇବା ପାଇଁ ପ୍ରକାଶକ କହିଥିଲେ।

କିନ୍ତୁ ସୋନିଆ ଗାନ୍ଧୀ ଏଥିରେ ରାଜି ହୋଇ ନଥିଲେ। ପ୍ରାୟ ୭୯ ବର୍ଷୀୟା ସୋନିଆ ଗାନ୍ଧୀ ଏହା ପୂର୍ବରୁ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ଏକ୍ସ ଭଳି କୌଣସି ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମରେ ନଥିଲେ। ଏବେ ଇନ୍‌ଷ୍ଟାଗ୍ରାମ ଜରିଆରେ ସେ ଏହାର ଶୁଭାରମ୍ଭ କରିଛନ୍ତି।

୧୨ ବର୍ଷ ଶାସନ ପରେ ବି ସରକାର ଶତ୍ରୁ ସୃଷ୍ଟି କରୁଛନ୍ତି

କେ. ଅନ୍ନାମଲାଇଙ୍କ କେନ୍ଦ୍ର ବିଜେପିକୁ ଟାର୍ଗେଟ୍

ନୂଆଦିଲ୍ଲୀ, ୨୨।୧୦ଃ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ସରକାର ଏବଂ ସେମାନଙ୍କର ପ୍ରତିବାଦ ଦମନ ନୀତି ବିରୋଧରେ ବିଷୋଦ୍‌ଗାର କରିଛନ୍ତି ତାମିଲନାଡୁ ବିଜେପିର ପୂର୍ବତନ ଅଧ୍ୟକ୍ଷ କେ. ଅନ୍ନାମଲାଇ। ଚଳିତ ବର୍ଷ ଜୁନ୍ ମାସରେ ବିଜେପିରୁ ଇସ୍ତଫା ଦେଇ 'ୱି ଦି ଲିଡର୍ସ' ନାମକ ନୂଆ ଦଳ ଗଠନ କରିଥିବା ପୂର୍ବତନ ଆଇପିଏସ୍ ଅଧିକାରୀ ଅନ୍ନାମଲାଇ କହିଛନ୍ତି ଯେ, କେନ୍ଦ୍ରରେ ୧୨ ବର୍ଷରୁ ଅଧିକ ସମୟ ଧରି ଶାସନରେ ଥାଇ ମଧ୍ୟ ସରକାର ନିଜର ପ୍ରାସଙ୍ଗିକତା ବଜାୟ ରଖିବା ପାଇଁ କ୍ରମାଗତ ଭାବେ ନୂଆ ନୂଆ 'ଶତ୍ରୁ ସୃଷ୍ଟି' କରୁଛନ୍ତି। ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ କରାଯାଉଥିବା ଆନ୍ଦୋଳନ ଉପରେ ପୁଲିସର କଠୋର କାର୍ଯ୍ୟାନୁଷ୍ଠାନ ଏବଂ ନେତାମାନଙ୍କ ଗିରଫଦାରୀକୁ ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ଏକ ବାର୍ତ୍ତା ପୋଷ୍ଟ କରି ଅନ୍ନାମଲାଇ ଏହି ଗୁରୁତର ଅଭିଯୋଗ ଆଣିଛନ୍ତି। ସେ ସତର୍କତାମୂଳକ ଅଟକ, ପ୍ରତିବାଦ କରିବାର ନାଗରିକ ଅଧିକାର ଏବଂ ସରକାରଙ୍କ ନୀତିକୁ ବିରୋଧ କରୁଥିବା ଲୋକଙ୍କୁ ସିଧାସଳଖ 'ଦେଶବିରୋଧୀ' ଆଖ୍ୟା ଦେବାର ସରକାରୀ ପ୍ରବୃତ୍ତି ଉପରେ ଗଭୀର ପ୍ରଶ୍ନ ଉଠାଇଛନ୍ତି।

ଅନ୍ନାମଲାଇ ୨୦୧୧ ମସିହାରେ ଦିଲ୍ଲୀର ରାମଲୀଳା ମୈଦାନରେ ଦୁର୍ନୀତି ବିରୋଧୀ ଆନ୍ଦୋଳନ ଉପରେ ପୁଲିସ ଦମନଲୀଳା ସମୟରେ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ବୟାନକୁ ସ୍ମରଣ କରାଇଛନ୍ତି। ସେତେବେଳେ ମୋଦି କହିଥିଲେ ଯେ, ଯଦି ତାଙ୍କ ହାତ ବନ୍ଧା ହୋଇନଥାନ୍ତା, ତେବେ ସେ ଦିଲ୍ଲୀ ଯାଇ କେନ୍ଦ୍ର ସରକାରଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥାନ୍ତେ।

ଅନ୍ନାମଲାଇ କହିଛନ୍ତି ଯେ ୨୦୧୧ରେ ମୋଦି ସମ୍ପୂର୍ଣ୍ଣ ସଠିକ୍ ଥିଲେ, କିନ୍ତୁ ଆଜି ସେହି ଶାସକ ଦଳର ଶାସନକାଳରେ ସ୍ୱର ଉତ୍ତୋଳନ କରୁଥିବା ପ୍ରତିବାଦକାରୀଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜେଲ୍‌ରେ ପୂରାଇ ଦିଆଯାଉଛି, ସେମାନଙ୍କ ଜାମିନ୍ ବଣ୍ଡ୍ ନାକଚ କରାଯାଉଛି ଏବଂ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌

ପ୍ରଥମ ଟି-୨୦: ଫିଲିପ୍ସଙ୍କ ବିସ୍ଫୋରକ ଇନିଂସ ବେକାର

ଚମକିଲେ ସଞ୍ଜୁ, ଭାରତର ରେକର୍ଡ ବିଜୟ

କ୍ରାଏଷ୍ଟଚର୍ଚ୍ଚ,୨୨।୧୦: ଆଜିଠାରୁ ଏଠାରେ ଆରମ୍ଭ ହୋଇଛି ନ୍ୟୁଜିଲାଣ୍ଡ-ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍। ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭ୍ରମଣକାରୀ ଦଳ ଦମ୍‌ଦାର ପ୍ରଦର୍ଶନ ପୂର୍ବକ ଘରୋଇ ଦଳକୁ ୪ ୱିକେଟ୍‌ରେ ମାତ୍ ଦେଇଛି। ଏଥିସହ ଦଳ ସିରିଜ୍‌ରେ ୧-୦ରେ ଆଗୁଆ ମଧ୍ୟ ହୋଇଛି। ପ୍ରଥମେ ବ୍ୟାଟିଂ ପାଇଥିବା ନ୍ୟୁଜିଲାଣ୍ଡ୍ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍ ଗ୍ଲେନ୍ ଫିଲିପ୍ସଙ୍କ ବିସ୍ଫୋରକ ୮୨ ରନ୍‌ର ଇନିଂସକୁ ଭିତ୍ତି କରି ୪ ୱିକେଟ୍ ବିନିମୟରେ ୨୨୫ ରନ୍ କରିଥିଲା। ଏହାର ଜବାବରେ ଭାରତ ଓପନର ସଞ୍ଜୁ ସାମ୍‌ସନ୍‌ଙ୍କ ଦମ୍‌ଦାର ଅର୍ଦ୍ଧଶତକକୁ ଆଧାର କରି ହାତରେ ୨ଟି ବଲ୍ ବାକି ଥିବା ବେଳେ ୬ ୱିକେଟ୍ ବିନିମୟରେ ୨୩୦ ରନ୍ କରି ବିଜୟୀ ହୋଇଥିଲା। ଏଥିସହ ଦଳ ଟି-୨୦ରେ ସର୍ବାଧିକ ରନ୍ ଚେଜ୍‌ର ରେକର୍ଡ ମଧ୍ୟ ନିଜ ନାମରେ କରିଥିଲା। ଏହା ପୂର୍ବରୁ ଦଳ ୨୦୨୩ରେ ୨୦୯ ରନ୍ କରି ବିଜୟୀ ହୋଇଥିଲା। ନ୍ୟୁଜିଲାଣ୍ଡ୍ ପକ୍ଷରୁ ଓପନର୍ ଟିମ୍ ସାଇଫର୍ଟ (୨୪) ଓ ଫିନ୍ ଆଲେନ୍ (୪୫) ପ୍ରଥମ ୱିକେଟ୍‌ରେ ୪୯ ରନ୍ ଯୋଡ଼ିଥିଲେ। ପରେ ଡାରିଲ୍ ମିଚେଲ୍ ୨୮ ରନ୍‌ର ଇନିଂସ ଖେଳିଥିଲେ। କିନ୍ତୁ ଫିଲିପ୍ସ ପଡ଼ିଆର ଚତୁର୍ଦ୍ଦିଗକୁ ଚୌକା ଓ ଛକା ମାରି ଭାରତୀୟ ବୋଲରଙ୍କ ବେଦନା ବଢ଼ାଇ ଦେଇଥିଲେ। ସେ ମାତ୍ର ୪୦ ବଲ୍‌ରେ ୮ଟି ଚୌକା ଓ ୩ଟି ଛକା ସହ ୮୨ ରନ୍ କରି ଅପରାଜିତ ଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ମୟଙ୍କ ଯାଦବ ଓ ଅକ୍ଷର ପଟେଲ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଭାରତ ପାଇଁ ଚମତ୍କାର ଶୁଭାରମ୍ଭ କରିଥିଲେ ଦୁଇ ଓପନର ସାମ୍‌ସନ୍ ଓ ଅଭିଷେକ ଶର୍ମା। ଉଭୟ ସେମାନଙ୍କ ଚିରାଚରିତ ଢଙ୍ଗରେ ବ୍ୟାଟିଂ କରି ପାୱାରପ୍ଲେ ସରିବା ପୂର୍ବରୁ ଦଳୀୟ ସ୍କୋରକୁ ୯୩ରେ ପହଞ୍ଚାଇସାରିଥିଲେ। ଇତିମଧ୍ୟରେ ସାମ୍‌ସନ୍ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ସାମ୍‌ସନ୍ ମାତ୍ର ୩୩ ବଲ୍ ଖେଳି ୮ଟି ଚୌକା ଓ ୪ଟି ଛକା ଜରିଆରେ ୬୭ ଓ ଅଭିଷେକ ୨ଟି ଚୌକା ଓ ୩ଟି ଛକା ସହ ୨୯ ରନ୍ କରିଥିଲେ। ବ୍ୟାଟିଂ ଅର୍ଡରରେ ଉନ୍ନତି ପାଇଥିବା ତିଲକ ବର୍ମା (୬) ବିଫଳ ରହିଥିବା ବେଳେ ଈଶାନ୍ କିଶନ୍ ମାତ୍ର ୧ ରନ୍ କରିଥିଲେ। କିନ୍ତୁ ପଞ୍ଚମ ୱିକେଟ୍‌ରେ ଅଧିନାୟକ ଶ୍ରେୟସ୍ ଆୟର୍ ଓ ଅକ୍ଷର ପଟେଲ୍‌ଙ୍କ ମଧ୍ୟରେ ୪୫ ରନ୍‌ର ଉପଯୋଗୀ ଭାଗୀଦାରୀ ହୋଇଥିଲା। ଅକ୍ଷର ୨୪ ରନ୍ କରିଥିବା ବେଳେ ଶ୍ରେୟସ୍ ୪୨ ରନ୍ କରିଥିଲେ। ଶେଷ ଭାଗରେ ନମନ୍ ଧୀର ମାତ୍ର ୧୫ ବଲ୍‌ରେ ୫ଟି ଚୌକା ଓ ୨ଟି ଛକା ସହାୟତାରେ ୪୨ ରନ୍ କରି ଦଳକୁ ବିଜୟ ଲକ୍ଷ୍ୟରେ ପହଞ୍ଚାଇଥିଲେ। ସାମ୍‌ସନ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ୍ ପକ୍ଷରୁ ବ୍ରେସ୍‌ୱେଲ୍ ଓ ସାଣ୍ଟନର୍ ୨ଟି ଲେଖାଏଁ ୱିକେଟ୍ ଦଖଲ କରିଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ଟି ଆସନ୍ତା ୨୪ ତାରିଖରେ ଏଠାରେ ଖେଳାଯିବ।

● କୋଟିଆରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ

ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବିକଲା ଓଡ଼ିଆ ଅସ୍ମିତା ପରିଷଦ

ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ଆସନ୍ତା ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରିଜର୍ଭ ବ୍ୟାଙ୍କ ଡାଟା ସେଣ୍ଟର ଉଦଘାଟନ କରିବାକୁ ଓଡ଼ିଶା ଗସ୍ତରେ ଆସିବେ। ତେବେ ଓଡ଼ିଶା ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ସହ କଥା ହୋଇ କୋଟିଆର ତିନି ଗ୍ରାମରେ ଆନ୍ଧ୍ର ସରକାର ଯେଉଁ ପଞ୍ଚାୟତ ନିର୍ବାଚନ କରିବାକୁ ଯାଉଛନ୍ତି, ତାହାକୁ ରଦ୍ଦ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛି। ପରିଷଦର ଆବାହକ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରଧାନମନ୍ତ୍ରୀଙ୍କୁ ଏହି ବାର୍ତ୍ତା ଦେବା ସହ ଏକ ଅନୁରୋଧପତ୍ର ଦେଇ ପ୍ରଧାନମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ସକାଶେ ଅନୁମତି ମାଗିଛନ୍ତି। ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ ସୁପ୍ରିମକୋର୍ଟର ସ୍ଥିତାବସ୍ଥା ବଜାୟ ରଖିବା ନିର୍ଦ୍ଦେଶ ସତ୍ତ୍ୱେ ଆନ୍ଧ୍ର ସରକାର ବାରମ୍ବାର କୋଟିଆରେ ଅନୁପ୍ରବେଶ ଜାରି ରଖିଛନ୍ତି। କେତେବେଳେ ସ୍ୱାସ୍ଥ୍ୟ ଶିବିର, କେତେବେଳେ ଜନଗଣନା, କେତେବେଳେ ସାର ନାଁରେ ଏହି ଅନୁପ୍ରବେଶ ଜାରି ରହିଛି। ବେଳେବେଳେ କୋଟିଆବାସୀଙ୍କୁ ପ୍ରଲୋଭିତ କରି ଆନ୍ଧ୍ର ନିଜ ଆଡ଼କୁ ନେବାକୁ ଉଦ୍ୟମ କରୁଛି। ଏହା ଫଳରେ ଉଭୟ ରାଜ୍ୟ ଭିତରେ ରହିଥିବା ଭାଇଚାରା, ସଦଭାବନା ନଷ୍ଟ ହୋଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ। ତେଣୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ କୋଟିଆ ସମସ୍ୟାର ସମାଧାନ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଦାବି କରାଯାଇଛି।

ମେଡିକାଲର ଶୋଚନୀୟ ଅବସ୍ଥାକୁ ନେଇ ସାଂସଦ କ୍ଷୁବ୍ଧ

କୋଲକାତା, ୨୨।୧୦ (ସଂଚାର ବ୍ୟୁରୋ): ପୁରୁଲିଆ ମେଡିକାଲ କଲେଜ ହସ୍ପିଟାଲରେ ଥିବା ଅପରିଷ୍କାର ପରିବେଶକୁ ନେଇ ସାଂସଦ ଜ୍ୟୋତିର୍ମୟ ସିଂହ ମାହାତୋ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ବୁଧବାର ରାତିରେ ହସ୍ପିଟାଲ ପରିଦର୍ଶନ ସମୟରେ ସେ ସେଠାରେ ଚାରିଆଡ଼େ ଅଳିଆ ଆବର୍ଜନାର ଗଦା ପଡ଼ିଥିବା ଦେଖିବାକୁ ପାଇଥିଲେ। ସାଂସଦ ହସ୍ପିଟାଲ ପରିସରରୁ ହିଁ ସିଧାସଳଖ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଫୋନ୍ କରି ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ପୂର୍ବ ପ୍ରଶାସନର ଅଧିକାରୀମାନେ ବର୍ତ୍ତମାନର ସରକାରଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ଜାଣିଶୁଣି ଏଭଳି ଅବହେଳା କରୁଛନ୍ତି। ସେ ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

■ ଚୋରବାଗାନ ଦଳାଚକଟା

ଦୋଷୀଙ୍କ ପାଇଁ ଦଣ୍ଡ ଦାବିକଲେ ଦିଲୀପ

କୋଲକାତା, ୨୨।୧୦ (ସଂଚାର ବ୍ୟୁରୋ): ଚୋରବାଗାନ ଘଟଣାର ତଦନ୍ତ ପାଇଁ ଏକ ଏସ୍‌ଆଇଟି ଗଠନ ସମ୍ପର୍କରେ ମନ୍ତ୍ରୀ ଦିଲୀପ ଘୋଷ ମତ ରଖିଛନ୍ତି। ଗୁରୁବାର ଦିନ ସେ କହିଛନ୍ତି, ଚୋରବାଗାନରେ ଯାହା ଘଟିଲା ତାହା କେବଳ ଏକ ଆକସ୍ମିକ ଘଟଣା ନୁହେଁ। ଏଥିପାଇଁ କମିଟି ସଦସ୍ୟମାନେ ଦାୟୀ ହୁଅନ୍ତୁ କିମ୍ବା ଅନ୍ୟ କେହି, ତାଙ୍କୁ ଉତ୍ତରଦାୟୀ କରାଯିବା ଉଚିତ। ଏକ ବଡ଼ ଧରଣର ଦୁର୍ଘଟଣା ଘଟିଯାଇଛି ଏବଂ ଅନେକ ନିରୀହ ଜୀବନ ଚାଲିଯାଇଛି। ସମଗ୍ର ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ସେ ଆହୁରି ମଧ୍ୟ ଜୋର ଦେଇ କହିଛନ୍ତି ଯେ ଏହାର ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଆବଶ୍ୟକ ଏବଂ ଏହି ଦୁର୍ଘଟଣା ପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ଦଣ୍ଡ ମିଳିବା ଉଚିତ୍। ତଦନ୍ତରୁ ସ୍ପଷ୍ଟ ହେବ ଯେ ପ୍ରକୃତରେ କିଏ ଏଥିପାଇଁ ଦାୟୀ।

ଚୋରବାଗାନରେ ଏସ୍‌ଆଇଟି ଓ ଫରେନସିକ୍ ଟିମ୍

କୋଲକାତା, ୨୨।୧୦ (ସଂଚାର ବ୍ୟୁରୋ): ଗୁରୁବାର ଅପରାହ୍ଣରେ ଏକ ଛଅ ଜଣିଆ ଏସ୍‌ଆଇଟି ଦଳ ପୂଜା ମଣ୍ଡପରେ ପହଞ୍ଚି ସମଗ୍ର ଅଞ୍ଚଳ ଯାଞ୍ଚ କରିଥିଲେ। ଏସ୍‌ଆଇଟି ସଦସ୍ୟମାନେ ସେଠାରେ ପ୍ରାୟ ୧୫ ମିନିଟ୍ ରହିଥିଲେ। ଏସ୍‌ଆଇଟିର ପରିଦର୍ଶନ ପରେ ଏକ ଫରେନସିକ୍ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅକ୍ଟୋବର ୧୭ ତାରିଖ ଅର୍ଥାତ୍ ସପ୍ତମୀ ଦିନ ଚୋରବାଗାନ ସାର୍ବଜନୀନ ପୂଜା ମଣ୍ଡପରେ ଭିଡ଼ ଯୋଗୁଁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା ଯେଉଁଥିରେ ୧୯ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ ପାଇଁ ସରକାର ଅକ୍ଟୋବର ୨୧ ତାରିଖରେ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍‌ଆଇଟି) ଗଠନ କରିଥିଲେ। ଏଦିନ ଏହି ଦଳ ଘଟଣାସ୍ଥଳ ପରିଦର୍ଶନ କରି ଯାଞ୍ଚ କରିଛନ୍ତି। ଏଥିସହିତ ଏକ ଫରେନସିକ୍ ଦଳ ମଧ୍ୟ ଏକ ୩ଡି ସ୍କାନର ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ।

ହାଇଡ୍ରୋଲିକ୍ କ୍ରେନ୍ ବ୍ୟବହାର କରି ପ୍ରତିମା ବିସର୍ଜନ

କୋଲକାତା, ୨୨।୧୦ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୁର୍ଗାପୁର ବ୍ୟାରେଜ୍ ଘାଟରେ ଏକ ହାଇଡ୍ରୋଲିକ୍ କ୍ରେନ୍ ସାହାଯ୍ୟରେ ପ୍ରତିମା ବିସର୍ଜନ କରାଯାଇଥିଲା। ବ୍ୟାରେଜ୍ ଏବଂ ଅର୍ଜୁନବନ୍ଧ ଜଳାଶୟ (ଯାହା ନ୍ୟୁ ଟାଉନ୍‌ସିପ୍ ଥାନା ଅଧୀନରେ ଆସେ) ଉଭୟ ସ୍ଥାନରେ ହାଇଡ୍ରୋଲିକ୍ କ୍ରେନ୍ ବ୍ୟବହାର କରି ପ୍ରତିମା ବିସର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ଏବଂ ଏଥିପାଇଁ ଦୁର୍ଗାପୁର ମହାନଗର ନିଗମ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ତେବେ ସମୟ ଅଭାବରୁ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇପାରିଲା ନାହିଁ। ଫଳସ୍ୱରୂପ ମହାନଗର ନିଗମର ଠିକାଦାରମାନଙ୍କ ଦ୍ୱାରା ନିଯୋଜିତ କର୍ମଚାରୀମାନେ ଏକ ହାଇଡ୍ରୋଲିକ୍ କ୍ରେନ୍ ବ୍ୟବହାର କରି ବିସର୍ଜନ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତିମା ବିସର୍ଜନ ହେବା ପରେ କ୍ରେନ୍ ସାହାଯ୍ୟରେ ପାଣି ଭିତରୁ ଅବଶିଷ୍ଟ ଢାଞ୍ଚାଗୁଡ଼ିକୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ବିସର୍ଜନ ପ୍ରକ୍ରିୟା ସମୟରେ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ପାଇଁ ବ୍ୟାରେଜ୍ ଘାଟରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

ଝୁଲନ୍ତା ରେସ୍ତୋରାଁରେ ନିଆଁ

କୋଲକାତା, ୨୨।୧୦(ସଂଚାର ବ୍ୟୁରୋ): ନ୍ୟୁ ଟାଉନ୍‌ସ୍ଥିତ 'ବିଶ୍ୱ ବାଂଲା ଗେଟ୍' ଉପରେ ଥିବା ଝୁଲନ୍ତା ରେସ୍ତୋରାଁରେ ଅଗ୍ନିକାଣ୍ଡ ଘଟିଛି। ଖବର ପାଇ ପୁଲିସ ଓ ଦମକଳ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକ ସିଡ଼ି ସାହାଯ୍ୟରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଥିଲା। ବୁଧବାର ସନ୍ଧ୍ୟା ସାଢ଼େ ୭ଟା ସମୟରେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ସୂତ୍ର ଓ ପୁଲିସର ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ବିଶ୍ୱ ବାଂଲା ଗେଟ୍ ଉପରେ ଥିବା ରେସ୍ତୋରାଁରୁ ନିଆଁ ବାହାରୁଥିବା ଦେଖିବାକୁ ମିଳିଥିଲା ଏବଂ ନିଆଁ ଚାରିଆଡ଼େ ବ୍ୟାପିବାକୁ ଲାଗିଥିଲା। ଘଟଣାସ୍ଥଳରେ ଦମକଳ ଗାଡ଼ି ପହଞ୍ଚିଥିଲା ଏବଂ ନିଆଁ ଲିଭାଇବା ପାଇଁ ସିଡ଼ିର ବ୍ୟବହାର କରାଯାଇଥିଲା। ରେସ୍ତୋରାଁଟି ଭୀଷଣ ନିଆଁରେ ଘେରି ହୋଇଯାଇଥିଲା ଏବଂ ତଳକୁ ନିଆଁର କଣିକା ଖସୁଥିଲା। ଏହି ଅଞ୍ଚଳରେ ଯାନବାହାନ ଚଳାଚଳକୁ ନିୟନ୍ତ୍ରଣ କରାଯାଇଥିଲା। ଦୀର୍ଘ ସମୟର ପ୍ରୟାସ ପରେ ନିଆଁକୁ ଆୟତ୍ତ କରାଯାଇପାରିଥିଲା। ଘଟଣା ଘଟିବା ସମୟରେ ରେସ୍ତୋରାଁ ଭିତରେ ଅନ୍ତତଃ ୫୦ ଜଣ ବସି ଖାଉଥିଲେ। ତେବେ ସମସ୍ତେ ସୁରକ୍ଷିତ ଅଛନ୍ତି ଏବଂ କୌଣସି ଜୀବନହାନି ହୋଇନାହିଁ। ପ୍ରାଥମିକ ଆକଳନ ଅନୁଯାୟୀ, ସର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ବାଙ୍କରାରେ ବଢ଼ୁଛି ଡେଙ୍ଗୁ

କୋଲକାତା, ୨୨।୧୦ (ସଂଚାର ବ୍ୟୁରୋ): ଡୋମଜୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଙ୍କରା ଅଞ୍ଚଳରେ ଡେଙ୍ଗୁ ପ୍ରକୋପ ଦ୍ରୁତ ଗତିରେ ବ୍ୟାପୁଛି। ଅକ୍ଟୋବର ୧୪ ରୁ ଅକ୍ଟୋବର ୨୦ ମଧ୍ୟରେ ଡୋମଜୁର ଅଞ୍ଚଳରେ ୨୭ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି, ଯେଉଁମଧ୍ୟରୁ ସର୍ବାଧିକ ୧୯ ଜଣ କେବଳ ନମ୍ବର ବାଙ୍କରା ଗ୍ରାମ ପଞ୍ଚାୟତ ଅଞ୍ଚଳର ଅଟନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ବର୍ତ୍ତମାନ ହାଓଡ଼ା ଜିଲ୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

୨୦୨୬ ପୁରୀ ରଥଯାତ୍ରା ପାଇଁ ପ୍ରସ୍ତୁତି

ଭିତ୍ତିଭୂମି, ଭିଡ଼ ନିୟନ୍ତ୍ରଣ ଓ ଶ୍ରଦ୍ଧାଳୁଙ୍କ ପାଇଁ ଆଗୁଆ ପଦକ୍ଷେପ

ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ଆଗାମୀ ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ସୁପରିଚାଳନା



ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ବିକାଶ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ତଥା ସୁବିଧା ଉପରେ ଗୁରୁତ୍ୱ ଦିଆଯାଇ ଆଗୁଆ ପଦକ୍ଷେପ ସ୍ୱରୂପ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ୨୦୨୬ ମସିହା ରଥଯାତ୍ରା ପାଇଁ ପ୍ରଶାସନିକ ସ୍ତରରେ ଏହା ପ୍ରଥମ ପ୍ରସ୍ତୁତି ବୈଠକ। ରଥଯାତ୍ରା ପାଇଁ କେତେକ କ୍ଷେତ୍ରରେ ଆଗୁଆ ନିଷ୍ପତ୍ତିର ଆବଶ୍ୟକତା ଦୃଷ୍ଟିରୁ ବୈଠକର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢ଼ୀ ରଥଯାତ୍ରା ୨୦୨୬ ସମ୍ପର୍କିତ ନୀତି ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଫେବୃଆରୀ ୧୧ ତାରିଖ ବସନ୍ତ ପଞ୍ଚମୀରେ ରଥ କାଠ ଅନୁକୂଳ ପୂଜାଠାରୁ ଆରମ୍ଭ କରି ଜୁଲାଇ ୫ ତାରିଖରେ ଶ୍ରୀଗୁଣ୍ଡିଚା ଯାତ୍ରା, ଜୁଲାଇ ୧୩ରେ ବାହୁଡ଼ା ଯାତ୍ରା, ଜୁଲାଇ ୧୪ରେ ସୁନାବେଶ, ଜୁଲାଇ ୧୬ରେ ନୀଳାଦ୍ରୀ ବିଜେ ନୀତି ଅନୁଷ୍ଠିତ ହେବ। ରଥଯାତ୍ରା ୨୦୨୬ ପାଇଁ ପ୍ରତି ବର୍ଷ ଭଳି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବା ବେଳେ ଗତ ରଥଯାତ୍ରାରୁ ୧୦୦ ଖଣ୍ଡ କାଠ ରହିଛି ଓ ଅବଶିଷ୍ଟ ୭୬୫ ଖଣ୍ଡ କାଠ ସହ ଚାରମାଳ ପାଇଁ ଅତିରିକ୍ତ ତାଳ ଗଛ କାଠର ଆବଶ୍ୟକତା ରହିଥିବା କୁହାଯାଇଥିଲା। ଗତ ରଥଯାତ୍ରା ସମୟରେ ବାରହରେକୃଷ୍ଣପୁରଠାରୁ ବାଲିଘାଟକୁ ସଂଯୋଗ କରୁଥିବା ରାସ୍ତାକୁ ଆଗାମୀ ରଥଯାତ୍ରା ପୂର୍ବରୁ ଜରୁରୀକାଳୀନ ମରାମତି ଓ ପୁନରୁଦ୍ଧାର କରାଯିବା ସମ୍ପର୍କରେ ପଦକ୍ଷେପ ନିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭକ୍ତଙ୍କ ଯାତାୟାତ ସୁଗମ ପାଇଁ କେତେକ ରାସ୍ତାର ପ୍ରଶସ୍ତିକରଣ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଗଣତାନ୍ତ୍ରିକ ମୂଲ୍ୟବୋଧ ନ ବୁଝି ଆକ୍ଷେପ କରିବା ଦୁର୍ଭାଗ୍ୟଜନକ: ବିଜେଡି

● ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ ନବୀନ ପ୍ରତିବଦ୍ଧ

ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ବିଜେଡିର ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାର ବିଜେପି ନେତାଙ୍କ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ଓ ବିଭିନ୍ନ କ୍ଷେତ୍ରରେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇ ବିଜେପି ହତାଶ ହୋଇପଡ଼ିଛି। ନିଜର ବିଫଳତାକୁ ସ୍ୱୀକାର କରିବା ଓ ଲୋକଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବିଜେପି ବର୍ତ୍ତମାନ ବରିଷ୍ଠ ରାଜନୈତିକ ନେତାମାନଙ୍କ ବିରୋଧରେ ବ୍ୟକ୍ତିଗତ ଆକ୍ଷେପ ଓ ଅନୁଚିତ ମନ୍ତବ୍ୟ ଦେବାରେ ଲାଗିଛି।

ଡ. ମହାନ୍ତି କହିଛନ୍ତି ଯେ ବିକାଶ ପୁରୁଷ ନବୀନ ପଟ୍ଟନାୟକ ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗରେ ନିଜର ମତ ରଖି ଜଣେ ପ୍ରକୃତ ରାଷ୍ଟ୍ରନାୟକଙ୍କ ସାହସ ଓ ଦୃଢ଼ତାର ପରିଚୟ ଦେଇଛନ୍ତି। ଆଶୁତୋଷ ରାଙ୍କା ଓ ସୌରଭ ଦାସଙ୍କ ନ୍ୟାୟିକ ହାଜତ ପ୍ରସଙ୍ଗରେ ନବୀନ ବାବୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଆଶୁତୋଷ ରାଙ୍କା ଓ ସୌରଭ ଦାସଙ୍କ ନ୍ୟାୟିକ ହାଜତର ସମୀକ୍ଷା କରାଯିବା ଆବଶ୍ୟକ ଓ ସେମାନଙ୍କୁ ତୁରନ୍ତ ମୁକ୍ତ କରାଯିବା ଉଚିତ। ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ବ୍ୟକ୍ତିର ଅଧିକାରର ସୁରକ୍ଷା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଲକ୍ଷ ଲକ୍ଷ ଭାରତୀୟ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଏହି ଆହ୍ୱାନ

ବିଏନ୍ ହାଇସ୍କୁଲରେ କମୁଛି ଛାତ୍ର ସଂଖ୍ୟା

କେବେ ଚେତିବେ ପୁରାତନ ଛାତ୍ର ଓ କମିଟି ?

ଆନନ୍ଦପୁର,୨୨।୧୦ (ସଂଚାର ବ୍ୟୁରୋ): ଦିନେ ଛାତ୍ରଛାତ୍ରୀଙ୍କ କୋଳାହଳରେ ମୁଖରିତ ହେଉଥିଲା ବିଦ୍ୟାଳୟ ପରିସର। ଏହି ଶିକ୍ଷାନୁଷ୍ଠାନରୁ ଶିକ୍ଷାଲାଭ କରି ଅନେକ ଛାତ୍ରଛାତ୍ରୀ ନିଜ ଜୀବନରେ ସଫଳତା ହାସଲ କରିଛନ୍ତି। କିନ୍ତୁ ଆଜି ସେହି ଗୌରବମୟ ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଉଥିବା ଚିନ୍ତାର ବିଷୟ ପାଲଟିଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ସର୍ବପୁରାତନ ବି.ଏନ୍. ହାଇସ୍କୁଲର ଏଭଳି ସ୍ଥିତିକୁ ନେଇ ଏବେ ଶିକ୍ଷାପ୍ରେମୀଙ୍କ ମଧ୍ୟରେ ନାନା ପ୍ରଶ୍ନ ଉଠୁଛି। ଏହି ବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଅନେକ ପିଢ଼ିର ସ୍ମୃତି, ସଂଘର୍ଷ ଓ ସଫଳତାର ମୂକସାକ୍ଷୀ। ଏଁହାର ପ୍ରତିଟି କୋଣରେ ରହିଛି ଅତୀତର ଅନେକ ସ୍ମୃତି। ହେଲେ ଏବେ ପ୍ରଶ୍ନ ଉଠୁଛି, ଏହି ଗୌରବମୟ ଐତିହ୍ୟକୁ କେବଳ ସ୍ମୃତି ଭିତରେ ସୀମିତ ରଖାଯିବ, ନା ଏହାର ଭବିଷ୍ୟତ ସୁରକ୍ଷା ପାଇଁ ଠୋସ୍ ପଦକ୍ଷେପ ନିଆଯିବ? ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ନିଶ୍ଚିତ ଭାବେ ଏକ ଆତ୍ମୀୟ ପରମ୍ପରା। ପୁରୁଣା ସାଙ୍ଗଙ୍କ ସହ ମିଳନ, ଗୁରୁଜନଙ୍କୁ ସମ୍ମାନ ଓ ବିଦ୍ୟାଳୟ ଜୀବନର ସ୍ମୃତିଚାରଣ ଏହି ଉତ୍ସବର ମୁଖ୍ୟ ଆକର୍ଷଣ। କିନ୍ତୁ ଏହି ଉତ୍ସବ ମଧ୍ୟରେ ବିଦ୍ୟାଳୟର ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ ନେଇ ଆଲୋଚନା କେତେ ହେଉଛି, ତାହା ଏବେ ବଡ଼ ପ୍ରଶ୍ନ। ଯେଉଁ ବିଦ୍ୟାଳୟ ଅନେକଙ୍କୁ ଶିକ୍ଷାର ଆଲୋକ ଦେଖାଇଛି, ସେହି ଅନୁଷ୍ଠାନରେ ଛାତ୍ର ସଂଖ୍ୟା କମିବାର କାରଣ ଖୋଜିବା ଏବେ ଜରୁରୀ ହୋଇପଡ଼ିଛି। ଅଭିଭାବକମାନେ କାହିଁକି ଅନ୍ୟ ଶିକ୍ଷାନୁଷ୍ଠାନ ପ୍ରତି ଆକୃଷ୍ଟ ହେଉଛନ୍ତି? ଶିକ୍ଷାଦାନର ମାନ, ଭିତ୍ତିଭୂମି, ଶୈକ୍ଷିକ ପରିବେଶ ଓ ଅନ୍ୟାନ୍ୟ ସୁବିଧାରେ କେଉଁ ସୁଧାର ଆବଶ୍ୟକ? ଏସବୁ ଦିଗକୁ ଗୁରୁତ୍ୱ ଦେଇ ତଥ୍ୟଭିତ୍ତିକ ସମୀକ୍ଷା କରାଗଲେ ହିଁ ପ୍ରକୃତ କାରଣ ସାମ୍ନାକୁ ଆସିପାରିବ। ଅନ୍ୟପକ୍ଷରେ, ବିଦ୍ୟାଳୟର ଉନ୍ନତି ସହ ଜଡ଼ିତ କମିଟି ସଦସ୍ୟଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କେବଳ ବୈଠକ କରିବା କିମ୍ବା ଔପଚାରିକତା ପୂରଣ କରିବାରେ ଦାୟିତ୍ୱ ସୀମିତ ନରହି, ବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ଯୋଜନାବଦ୍ଧ ପଦକ୍ଷେପ ନେବା ଆବଶ୍ୟକ। ପୁରାତନ ଛାତ୍ରମାନେ ମଧ୍ୟ ନିଜ ଅନୁଭବ, ସମୟ ଓ ସାମର୍ଥ୍ୟ ଅନୁଯାୟୀ ବିଦ୍ୟାଳୟର ଉନ୍ନତିରେ ସହଯୋଗ କରିପାରିବେ। କେବଳ ଅତୀତର ଗୌରବଗାନ କିମ୍ବା ସ୍ମୃତିଚାରଣ କଲେ ବିଦ୍ୟାଳୟର ବର୍ତ୍ତମାନ ସ୍ଥିତିରେ ପରିବର୍ତ୍ତନ ଆସିବ ନାହିଁ। ଏଥିପାଇଁ ଆବଶ୍ୟକ ଦୃଢ଼ ଇଚ୍ଛାଶକ୍ତି, ସମନ୍ୱିତ ପ୍ରୟାସ ଓ ଦାୟିତ୍ୱବୋଧ। ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସର କାରଣ ଚିହ୍ନଟ କରି ଶିକ୍ଷାର ମାନ ବୃଦ୍ଧି, ଉନ୍ନତ ଭିତ୍ତିଭୂମି ଓ ଅଭିଭାବକଙ୍କ ଆସ୍ଥା ଫେରାଇ ଆଣିବା ଦିଗରେ ସମସ୍ତଙ୍କୁ ମିଳିତ ଭାବେ କାମ କରିବାକୁ ହେବ। ବି.ଏନ୍. ହାଇସ୍କୁଲର ଐତିହ୍ୟ ଓ ଗୌରବକୁ ବଞ୍ଚାଇ ରଖିବା କେବଳ ଶିକ୍ଷକ କିମ୍ବା ପ୍ରଶାସନର ଦାୟିତ୍ୱ ନୁହେଁ; ଏଥିରେ ପୁରାତନ ଛାତ୍ର, କମିଟି ସଦସ୍ୟ, ଅଭିଭାବକ ଓ ସ୍ଥାନୀୟ ଶିକ୍ଷାପ୍ରେମୀଙ୍କ ସହଯୋଗ ମଧ୍ୟ ଅପରିହାର୍ଯ୍ୟ। ଏବେ ପ୍ରଶ୍ନ ହେଉଛି, ବି.ଏନ୍. ହାଇସ୍କୁଲରେ ଛାତ୍ର ସଂଖ୍ୟା ହ୍ରାସର କାରଣ ଖୋଜିବା ସହ ବିଦ୍ୟାଳୟର ଭବିଷ୍ୟତ ସୁରକ୍ଷା ପାଇଁ କେବେ ଆଗେଇ ଆସିବେ ପୁରାତନ ଛାତ୍ର ଓ କମିଟି ସଦସ୍ୟ ? ଐତିହ୍ୟର ଗୌରବକୁ କେବଳ ସ୍ମୃତିରେ ନୁହେଁ, କାର୍ଯ୍ୟରେ ବଞ୍ଚାଇ ରଖିବାର ସମୟ ଆସିଛି।

ବିକାଶମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କଲେ ନଗର ଉନ୍ନୟନ ମନ୍ତ୍ରୀ

ବାରିପଦା,୨୨।୧୦ (ସଂଚାର ବ୍ୟୁରୋ): ବାରିପଦା ପୌରପାଳିକା ଅଞ୍ଚଳରେ ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି ରାଜ୍ୟର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଡ଼ ମହାପାତ୍ର ଦାରୋଗାଡାହି ଶ୍ମଶାନର ଉନ୍ନତିକରଣ କାର୍ଯ୍ୟ ସହ ପାଲବଣୀ ଲେଭେଲ୍ କ୍ରସିଂ ନିକଟରୁ ନିକୋ ଫ୍ୟାକ୍ଟ୍ରି ଦେଇ ଜାତୀୟ ରାଜପଥ-୧୮ ପର୍ଯ୍ୟନ୍ତ ନିର୍ମିତ ରାସ୍ତାର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି ଯେ, ଦୀର୍ଘବର୍ଷର ଜନଦାବିକୁ ଗୁରୁତ୍ୱ ଦେଇ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଭିତ୍ତିପ୍ରସ୍ତର ସ୍ଥାପନଠାରୁ ଆରମ୍ଭ କରି ନିର୍ମାଣ ଓ ଉଦ୍‌ଘାଟନ ପର୍ଯ୍ୟନ୍ତ କାର୍ଯ୍ୟ ଅଳ୍ପ ସମୟ ମଧ୍ୟରେ ସମ୍ପନ୍ନ ହୋଇଛି। ଅଞ୍ଚଳବାସୀଙ୍କ ଯାତାୟାତ ସମସ୍ୟାର ସମାଧାନ ସହ ଅନ୍ୟାନ୍ୟ ମୌଳିକ ସୁବିଧାର ବିକାଶ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ଏହାଦ୍ୱାରା ଦୀର୍ଘଦିନର ଜନଦାବି ପୂରଣ ସହ ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ ଓ ଭିତ୍ତିଭୂମିର ବିକାଶ ଦିଗରେ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇ ପାରିବ ବୋଲି ମନ୍ତ୍ରୀ ଡ଼ ମହାପାତ୍ର ଆଶାବ୍ୟକ୍ତ କରିଛନ୍ତି। ସେହିପରି ଶ୍ମଶାନର ଉନ୍ନତିକରଣ ନିଶ୍ଚିତ ଭାବରେ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

ଜୁଆ ଆଡ୍ଡା ଚଢ଼ାଉ, ୮ ଗିରଫ

ହିଞ୍ଜିଳିକାଟୁ,୨୨।୧୦ (ସଂଚାର ବ୍ୟୁରୋ): ପରମ୍ପରା ନାଁ ରେ ଜୁଆ ଖେଳ।ପାର୍ବଣ ଋତୁରେ ହିଞ୍ଜିଳିକାଟୁ ବ୍ଲକ ବେଲଗାଁ ଥାନା ଭାବନ୍ଧର ଏକ ସ୍କୁଲ ପଛପଟେ ଏକ ଜୁଆ ଆଡ୍ଡା ଚାଲିଥିବା ବେଳେ ବେଲଗାଁ ପୋଲିସ କୌଣସି ସୂତ୍ରରୁ ଖବର ପାଇଁ ବୁଧବାର ରାତିରେ ଅତର୍କିତ ଚଢ଼ଉ କରି ୮ ଜଣଙ୍କୁ କାବୁ କରିଛି। ସେମାନଙ୍କ ପାଖରୁ ୨୨ ହଜାର ୩୩୦ ଟଙ୍କା ଓ ୨ଟି ତାସ କାର୍ଡ ଜବତ ହୋଇଛି। ଘଟଣା ନେଇ ବେଲଗାଁ ଥାନାରେ କେସ୍ ନଂ ୧୭୬ /୨୬ ରୁଜୁ କରାଯାଇଛି ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

ତେନ୍ତୁଳିଖୁଣ୍ଟା ରାସ୍ତାକଡ କୋଠାଘରୁ ସେକ୍ସ ରାକେଟ ଠାବ

କୋରେଇ,୨୨।୧୦(ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯାଜପୁର ରୋଡ଼ ନହକା ତେନ୍ତୁଳିଖୁଣ୍ଟା ରାସ୍ତାକଡରେ ଥିବା ଏକ ୨ ମହଲା କୋଠାଘର ଭିତରେ ସେକ୍ସ ରାକେଟ ଠାବ ହୋଇଛି। ଖବର ମୁତାବକ ଯାଜପୁର ଏସପି କୌଣସି ସୂତ୍ରରୁ ଖବର ପାଇ ଏହି ସ୍ଥାନରେ ଚଢ଼ାଉ କରିବା ପାଇଁ ଏସଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସପିଙ୍କ ନିର୍ଦ୍ଦେଶ ପରେ ଯାଜପୁର ରୋଡ଼ ଏସଡିପିଓଙ୍କ ନେତୃତ୍ୱରେ ପୁଲିସର ସ୍ପେଶାଲ ସ୍କ୍ୱାଡ୍ ଏବଂ କୋରେଇ ଓ ଯାଜପୁର ରୋଡ଼ ପୁଲିସ ଟିମ୍ ମିଳିତ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ୩ ଜଣ ଦେହଜୀବୀଙ୍କ ସମେତ ଗ୍ରାହକକୁ ଅଟକ ରଖାଯାଇଛି। ଉକ୍ତ ଘରୁ ବହୁ ସଂଖ୍ୟାରେ ଆପତ୍ତିଜନକ ସାମଗ୍ରୀ ଜବତ କରିଛି ପୁଲିସ। ଏହି ସେକ୍ସ ରାକେଟ ଧରିବା କ୍ଷେତ୍ରରେ କୋରେଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଓ ଯାଜପୁର ରୋଡ଼ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ପ୍ରମୁଖ ଭୂମିକା ରହିଛି। ଅଭିଯୁକ୍ତଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ପରେ କୋର୍ଟ ଚାଲାଣ କରାଯିବ ବୋଲି ଯାଜପୁର ରୋଡ଼ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ଧାନ ବିଲରୁ ନାବାଳିକାର ମୃତଦେହ ଉଦ୍ଧାର

ବାଲିଆପାଳ,୨୨।୧୦ (ସଂଚାର ବ୍ୟୁରୋ): ଗ୍ୟାଙ୍ଗ ରେପ ପରେ ପ୍ରମାଣ ନଷ୍ଟ କରିବା ପାଇଁ ନାବାଳିକାର ମୁହଁ, ଛାତି ପେଟରେ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡି ମାରିଥିବା ଅନୁମାନ, ମୃତକ ନାବାଳିକା ଜଣକ ହେଲେ ପଶ୍ଚିମବାଡ଼ ପଞ୍ଚାୟତ ଦେବକୁମାର ଗ୍ରାମର ଦୀପିକା ଜେନା, ଘଟଣା ସ୍ଥଳରେ ପୁଲିସ ପହଂଚି ଶବ ଜବତ କରି ତଦନ୍ତ ଜାରି, ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ବର୍ତ୍ତନା ପଞ୍ଚାୟତ ହେରାପଦା ଠାରେ, ସୂଚନା ଅନୁଯାୟୀ ଜଳେଶ୍ୱର ଥାନା ପଶ୍ଚିମବାଡ଼ ପଞ୍ଚାୟତ ଦେବକୁମାର ଗ୍ରାମର ଅରୁଣ ଜେନାଙ୍କ ୧୪ ବର୍ଷର ଝିଅ ଦୀପିକା ଜେନା ସନ୍ଧ୍ୟା ସମୟରେ ପାଖ ପଶ୍ଚିମବାଡ଼ ମାର୍କେଟକୁ ନନ୍ଦିନୀ ନାମକ ସାଙ୍ଗ ସହିତ ଚାଟ ଖାଇବାକୁ ଯାଇ ଆଉ ଘରକୁ ଫେରି ନଥିଲେ, ତେବେ ପରିବାର ପକ୍ଷରୁ ଝିଅକୁ ଶୁଲତାନ ପୁର ଗ୍ରାମର ଚନ୍ଦ୍ରକାନ୍ତ ଜେନା ଅପହରଣ କରିଥିବା ନେଇ ନାଁ ଫାଣ୍ଡିରେ ଅଭିଯୋଗ କରିବା ସହ ଉକ୍ତ ଯୁବକକୁ ପୁଲିସ ନିକଟରେ ଜିମା ଦେଇଥିଲେ ମାତ୍ର ପୁଲିସ ଉକ୍ତ ଯୁବକ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି କିମ୍ବା ଝିଅକୁ ନ ଖୋଜି ଉକ୍ତ ଯୁବକୁ ଛାଡି ଦେଇଥିଲେ ତେବେ ଆଜି ବର୍ତ୍ତନା ପଞ୍ଚାୟତ ହେରାପଦା ସ୍ଥିତ ଏକ ଧାନ ବିଲ ଭିତରୁ ନାବାଳିକାର ଅର୍ଦ୍ଧ ନଷ୍ଟ ହୋଇଥିବା ଡେଡ଼ ବୋଡି ମିଳିଥିଲା ବେଳେ ଝିଅର ଚପଲ ଓ ଅଢଣୀ ଦୂରରେ ପଡ଼ିଥିବା ଦେଖି ଉକ୍ତ ନିଖୋଜ ଝିଅର ଶବ ବୋଲି ପରିବାର ଲୋକ ଚିହ୍ନି ଥିଲା ବେଳେ ଝିଅକୁ ଗ୍ୟାଙ୍ଗ ରେପ କରାଯିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଝିଅର ମୁହଁ ଛାତି, ପେଟରେ ପେଟ୍ରୋଲ ଢାଳି ନିଆଁ ଲଗେଇ ଦେଇଥିବା ଅନୁମାନ କରାଯାଉଛି, ପୁଲିସ ଘଟଣା ସ୍ଥଳରେ ପହଂଚି ଶବ ଯବତ କରି ତଦନ୍ତ ଜାରି ରଖି ଥିଲା ବେଳେ ପୁଲିସ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି।

କୁବୋଟା ହାରଭେଷ୍ଟର୍ ଡିଲର୍‌ସିପ୍‌ର ଦାଦା ଗିରି

ସଇଁତଲା,୨୨।୧୦ (ସଂଚାର ବ୍ୟୁରୋ): କୁବୋଟା ହାରଭେଷ୍ଟର୍ କିଣିବା ପାଇଁ ଜମା କରିଥିବା ୧୦ ହଜାର ଟଙ୍କା ଫେରସ୍ତ ମାଗିବାରୁ ଗାଳିଗୁଲଜ ଓ ହତ୍ୟା ଧମକ ମିଳିଥିବା ନେଇ ବଲାଙ୍ଗୀରର ଏକ ଡିଲର୍‌ସିପ୍ ବିରୋଧରେ ଅଭିଯୋଗ ହୋଇଛି। ଏନେଇ ସଇଁତଳା ଥାନା ଅନ୍ତର୍ଗତ ଘୁନସର ଗ୍ରାମର ଲକ୍ଷ୍ମୀକାନ୍ତ ସାହୁ ବଲାଙ୍ଗୀର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଫେବୃଆରୀ ୧୬ ତାରିଖରେ ଟିଟିଲାଗଡ଼ରେ ଆୟୋଜିତ କୃଷି ମେଳା ସମୟରେ କୁବୋଟା ହାରଭେଷ୍ଟର୍ କିଣିବା ପାଇଁ ସେ ବଲାଙ୍ଗୀର-ସମ୍ବଲପୁର ରୋଡ଼ର ମାଆପାଲିସ୍ଥିତ ଶ୍ରୀ ମା ଏଣ୍ଟରପ୍ରାଇଜେସ୍‌ରେ ୧୦ ହଜାର ଟଙ୍କା ଟଚଓ ମାଧ୍ୟମରେ ଜମା କରିଥିଲେ। ଏଥିପାଇଁ ତାଙ୍କୁ ୨୭୭ ନମ୍ବରର ମନି ରସିଦ୍ ମଧ୍ୟ ମିଳିଥିଲା। ବୁକିଂ ସମୟରେ ହାରଭେଷ୍ଟରର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ଥିବାବେଳେ ଗାଡ଼ି ନ କିଣିଲେ ଜମା ଟଙ୍କା ଫେରସ୍ତ ମିଳିବ ବୋଲି ସଂସ୍ଥାର କର୍ମଚାରୀ ଆଶ୍ୱାସନା ଦେଇଥିବା ସେ ଦାବି କରିଛନ୍ତି। ତେବେ ପରବର୍ତ୍ତୀ ସମୟରେ ହାରଭେଷ୍ଟରର ମୂଲ୍ୟ ୨୮ ଲକ୍ଷ ଟଙ୍କା କୁହାଯିବାରୁ ଏତେ ଅର୍ଥ ଦେଇ ଗାଡ଼ି କିଣିବା ତାଙ୍କ ପକ୍ଷେ ସମ୍ଭବ ହୋଇନଥିଲା। ତେଣୁ ଗତ ଅକ୍ଟୋବର ୨୧ ତାରିଖରେ ସେ ବୁକିଂ ବାତିଲ କରି ଜମା ଟଙ୍କା ଫେରସ୍ତ ମାଗିବାକୁ ସଂସ୍ଥାକୁ ଯାଇଥିଲେ। ମାତ୍ର ସଂସ୍ଥାର ମାଲିକ ନିରଞ୍ଜନ ପରିଡ଼ା ଟଙ୍କା ଫେରସ୍ତ ଦେବାକୁ ମନା କରିବା ସହ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ଟଙ୍କା ଫେରସ୍ତ କିମ୍ବା ଗାଡ଼ି ସମ୍ପର୍କରେ ପୁଣି କଥା ଉଠାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଲକ୍ଷ୍ମୀକାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି।

ଥାନାରେ ଲିଖିତ ଅଭିଯୋଗ

ଶୌଳଶ୍ରୀ ପ୍ୟାଲେସରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ ପାଳିତ

ବଲାଙ୍ଗିର,୨୨।୧୦(ସଂଚାର ବ୍ୟୁରୋ): ବଲାଙ୍ଗିର ସହରସ୍ଥିତ ଶୌଳଶ୍ରୀ ପ୍ୟାଲେସ ପରିସରରେ ପବିତ୍ର ବିଜୟା ଦଶମୀ ଅବସରରେ ପାରମ୍ପରିକ ଲାଖବିନ୍ଧା ଉତ୍ସବ ଆୟୋଜିତ ହୋଇଯାଇଛି। ପାଟଣା ରାଜ୍ୟ ଅମଳରୁ ପ୍ରଚଳିତ ଏହି ପାରମ୍ପରିକ ଉତ୍ସବ ଆଜି ମଧ୍ୟ ବଲାଙ୍ଗିରର ଐତିହ୍ୟ, ସଂସ୍କୃତି ଓ ଧାର୍ମିକ ପରମ୍ପରାର ଏକ ଅନନ୍ୟ ପରିଚୟ ହୋଇ ରହିଛି। ଶୌଳଶ୍ରୀ ପ୍ୟାଲେସରେ ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ, ମା' ଦଶମତୀ ଓ ପାଟଖଣ୍ଡା ଦେବୀଙ୍କୁ ରାଜପରିବାରର କୁଳଦେବୀ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ଦଶହରା ଅବସରରେ ରାଜପରିବାର ପକ୍ଷରୁ ବିଭିନ୍ନ ଶୁଭକାର୍ଯ୍ୟର ଶୁଭାରମ୍ଭ କରିବାର ପରମ୍ପରା ମଧ୍ୟ ରହିଛି। ପୂର୍ବରୁ ବଲାଙ୍ଗିର ସହରର ସୁଦପଡ଼ା ଓ ତୁଳସୀନଗର ଅଞ୍ଚଳରେ ଲାଖବିନ୍ଧା ଉତ୍ସବ ଆୟୋଜିତ ହେଉଥିଲା। ଶୌଳଶ୍ରୀ ପ୍ୟାଲେସରୁ ଛତ୍ର, ବେରଗ ଓ ପାରମ୍ପରିକ ପଟୁଆର ସହିତ ପାଟଖଣ୍ଡାଙ୍କୁ ନିଆଯାଇ ଏହି ଉତ୍ସବ ପାଳନ କରାଯାଉଥିଲା। କାଳକ୍ରମେ ଏହି ପରମ୍ପରାରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ଶୌଳଶ୍ରୀ ପ୍ୟାଲେସରେ ଏହାକୁ ଜୀବନ୍ତ ରଖିବାର ପ୍ରୟାସ ଜାରି ରହିଛି। ଚଳିତ ବର୍ଷ ମଧ୍ୟ ପାଟଖଣ୍ଡାଙ୍କୁ ମନ୍ଦିରରୁ ବାହାର କରାଯାଇ ନୀଳକଣ୍ଠ ମହାଦେବ ମନ୍ଦିରକୁ ନିଆଯାଇଥିଲା।

'ନିବିଡ଼ ନିନାଦ' କାର୍ଯ୍ୟକ୍ରମରେ ଘନଶ୍ୟାମ ଓ ବୀଣାପାଣିଙ୍କୁ ସମ୍ବର୍ଦ୍ଧନା

ଯାଜପୁର,୨୨।୧୦(ସଂଚାର ବ୍ୟୁରୋ): ସାହିତ୍ୟ, ସମାଜସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟ ସହ ଜଡ଼ିତ ବ୍ୟକ୍ତିତ୍ୱମାନଙ୍କ ଅବଦାନକୁ ସ୍ମରଣ କରିବା ତଥା ସେମାନଙ୍କ ଜୀବନ ଓ କର୍ମକୁ ସମାଜ ସମ୍ମୁଖରେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ସିଂହପୁର, ଯାଜପୁରରେ 'ନିବିଡ଼ ନିନାଦ' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଘନଶ୍ୟାମ ଦାସ ଓ ତାଙ୍କ ପତ୍ନୀ ବୀଣାପାଣି ଦାସଙ୍କୁ ତାଙ୍କର ଜୀବନଯାତ୍ରା, କାର୍ଯ୍ୟ ଓ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ସମାଜରେ ନିଜ କର୍ମ, ନିଷ୍ଠା ଓ ମାନବିକ ମୂଲ୍ୟବୋଧ ମାଧ୍ୟମରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କ ଅନୁଭବ ଓ ଜୀବନାଦର୍ଶକୁ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ଭାବେ ଉପସ୍ଥାପନ କରିବା। କାର୍ଯ୍ୟକ୍ରମରେ ଓଡ଼ିଆ କମେଡିଆନ୍ ପ୍ରଜ୍ଞାନ ରଞ୍ଜନ ଖଟୁଆ ଏବଂ ଓଡ଼ିଆ ଅଭିନେତା ଓ କଳାକାର ଡ. ଚିନ୍ତାମଣି ବିଶ୍ୱାଳ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ସେମାନଙ୍କ ଉପସ୍ଥିତି ଓ ଉଦ୍‌ବୋଧନ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ ଓ ଗରିମାମୟ କରିଥିଲା। କାର୍ଯ୍ୟକ୍ରମରେ ରତ୍ନାକର ଦାସ ଆବାହକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ ଜଡ଼ିତ ବିଶିଷ୍ଟ ବ୍ୟକ୍ତିବିଶେଷ, ସାହିତ୍ୟପ୍ରେମୀ ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ମଞ୍ଚ, ସିଂହପୁର ପକ୍ଷରୁ ମଧ୍ୟ ଘନଶ୍ୟାମ ଦାସ ଓ ବୀଣାପାଣି ଦାସଙ୍କୁ ସମ୍ମାନିତ କରାଯାଇଥିଲା। ମଞ୍ଚର ସଦସ୍ୟମାନେ ସେମାନଙ୍କ ଦୀର୍ଘଦିନର ସାମାଜିକ ଅବଦାନ, ସରଳ ଜୀବନଶୈଳୀ ଓ ମାନବିକ ମୂଲ୍ୟବୋଧକୁ ପ୍ରଶଂସା କରିଥିଲେ। ଏହି ସମ୍ମାନ ସିଂହପୁର ଅଞ୍ଚଳର ସାମାଜିକ ଏକତା ଓ ପରସ୍ପର ସମ୍ମାନର ଏକ ଉଜ୍ଜ୍ୱଳ ଉଦାହରଣ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

ଧୁମ୍‌ଧାମରେ ପାଳିତ ହେଲା ଦୁର୍ଗାପୂଜା ଓ ଦଶହରା

ପାରାଦ୍ୱୀପ,୨୨।୧୦ (ସଂଚାର ବ୍ୟୁରୋ): ପାରାଦ୍ୱୀପ ଓ କୁଜଙ୍ଗ ଅଞ୍ଚଳ ସମେତ ରାହାମାର ବିଭିନ୍ନ ସ୍ଥାନରେ ଶାରଦୀୟ ଦୁର୍ଗାପୂଜା ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ବଡ଼ ପଡ଼ିଆ ବଣିକ ସଂଘ, ଷଣ୍ଢକୁଦ, ମଧୁବନ, କୁଜଙ୍ଗ ବଜାର ବଣିକ ସଂଘ, ଚଟୁଆ, ବାଲିଚୁଠ ଓ ରାହାମା ଆଦି ସ୍ଥାନରେ ମା' ଦୁର୍ଗାଙ୍କ ପୂଜା ଶ୍ରଦ୍ଧା ଓ ଭକ୍ତିର ସହ ଅନୁଷ୍ଠିତ ହୋଇଥିଲା। ସେହିପରି ଦଶହରା ଅବସରରେ ପାରାଦ୍ୱୀପ ସମୁଦ୍ରକୂଳ ଓ ବାଲିଚୁଠ ବଜାରରେ ରାବଣପୋଡ଼ି ଉତ୍ସବ ଆୟୋଜିତ ହୋଇଥିଲା। ରାବଣ ଦହନ ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା। ଅଧର୍ମ ଉପରେ ଧର୍ମର ବିଜୟର ବାର୍ତ୍ତା ଦେଇ ଦୁର୍ଗାପୂଜା ଓ ଦଶହରା ଉତ୍ସବ ଶେ

ସହାରାଞ୍ଚଳ ରୂପାନ୍ତରଣରେ ରାଜ୍ୟରେ ଦୁଇଟି ଜାତୀୟ ମଞ୍ଚ

ଏକାଠି ହେବେ ସହରାଞ୍ଚଳ ବିକାଶ ଓ ପରିବହନ ବିଶେଷଜ୍ଞ

■ ସହରୀକରଣ ସହ ଜଡ଼ିତ ଆହ୍ୱାନ ଓ ସମ୍ଭାବନାକୁ ବୁଝିବା ପାଇଁ ସୁଯୋଗ

ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ସହରାଞ୍ଚଳ ରୂପାନ୍ତରଣ କ୍ଷେତ୍ରରେ ଦେଶର ଦୁଇଟି ପ୍ରମୁଖ ଜାତୀୟ ମଞ୍ଚ-୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ (ୟୁଏମ୍ଆଇ) ସମ୍ମିଳନୀ ଓ ପ୍ରଦର୍ଶନୀ ଏବଂ ଦ୍ୱିତୀୟ ଜାତୀୟ ସହରାଞ୍ଚଳ ସମ୍ମିଳନୀ-ଭୁବନେଶ୍ୱରରେ ଆୟୋଜିତ ହେବା ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ। ଗୁରୁବାର ଆୟୋଜିତ ଏହି ଦୁଇ ସମ୍ମିଳନୀର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସେ ଏହା କହିଛନ୍ତି।

ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଥିଲେ ଯେ ୧୯ତମ ୟୁଏମ୍ଆଇ ସମ୍ମିଳନୀ ପ୍ରଥମ ଥର ପାଇଁ ପୂର୍ବ ଭାରତରେ ଆୟୋଜିତ ହେଉଥିବା ବେଳେ ଭୁବନେଶ୍ୱର ଏହାର ଆୟୋଜନସ୍ଥଳ ହେବା ଓଡ଼ିଶା ପାଇଁ ଗୌରବର ବିଷୟ। ନୂଆଦିଲ୍ଲୀରେ ପ୍ରଥମ ଥର ଆୟୋଜିତ ହୋଇଥିବା ଜାତୀୟ ସହରାଞ୍ଚଳ ସମ୍ମିଳନୀ ଦ୍ୱିତୀୟ ଥର ପାଇଁ ୟୁଏମ୍ଆଇ ସହ ଭୁବନେଶ୍ୱରରେ ଆୟୋଜିତ ହେଉଛି। ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ ଆୟୋଜନରେ ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ସହ ଓଡ଼ିଶା ସରକାରଙ୍କ ସହଭାଗିତା ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ସେ ପ୍ରକାଶ କରିଥିଲେ।

ସହରୀକରଣ ସହ ଜଡ଼ିତ ଆହ୍ୱାନ ଓ ସମ୍ଭାବନାକୁ ବୁଝିବା, ଦେଶର ବିଭିନ୍ନ ରାଜ୍ୟର ସଫଳ ଅଭିଜ୍ଞତାରୁ ଶିଖିବା ଓ ନୂତନ ଚିନ୍ତାଧାରାର ଆଦାନ ପ୍ରଦାନ ପାଇଁ ଏହି ଦୁଇ ସମ୍ମିଳନୀ ଏକ ଅନନ୍ୟ ସୁଯୋଗ ଆଣିବ ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ। ଏଥିରେ ନୀତି ନିର୍ଦ୍ଧାରକ, ପ୍ରଶାସକ, ସହରୀ ପରିବହନ ବିଶେଷଜ୍ଞ, ମୂଳ ଉପକରଣ ନିର୍ମାତା (ଓଇଏମ୍), ଶିକ୍ଷାବିତ୍, ପ୍ରଦର୍ଶକ ଓ ବିଭିନ୍ନ କ୍ଷେତ୍ରର ଅଂଶୀଦାରମାନେ ଯୋଗଦେଇ ସହରାଞ୍ଚଳ ବିକାଶର ନୂତନ ପ୍ରାଥମିକତା ଓ ଆହ୍ୱାନ ଉପରେ ଆଲୋଚନା କରିବେ। କାର୍ଯ୍ୟକ୍ରମରେ ସମସ୍ତଙ୍କ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଜୋର ଦେଇ ସେ କହିଥିଲେ ଯେ ଓଡ଼ିଶାର ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଏହି ଅଧିବେଶନଗୁଡ଼ିକରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଛି। ବିଶେଷଜ୍ଞ ଓ ପେସାଦାରଙ୍କ ସହ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ନୂତନ ଚିନ୍ତାଧାରା, ଜ୍ଞାନର ଆଦାନ ପ୍ରଦାନ ଓ ସହରାଞ୍ଚଳ ସମସ୍ୟାର ସମାଧାନ ପାଇଁ ନୂତନ ଉପାୟ ଖୋଜିବାରେ ସହାୟକ ହେବ। ଓଡ଼ିଶାର ସହରାଞ୍ଚଳ ବିକାଶ ଯାତ୍ରା ଓ ସଫଳତାକୁ ଦେଶର ସମ୍ମୁଖରେ ଉପସ୍ଥାପନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିରେ କ୍ରୁଟର ଏକ ସ୍ୱତନ୍ତ୍ର ପ୍ୟାଭିଲିୟନ୍, ପିଏମ୍ ଇ-ବସ୍ ସେବାର ପ୍ରସ୍ତାବିତ ଶୁଭାରମ୍ଭ, ଅଙ୍କୁର ହ୍ୟାଣ୍ଡବୁକ୍ ସମେତ ସହର ଯୋଜନା ଓ ସାର୍ବଜନୀନ ସ୍ଥାନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପୁସ୍ତିକାର ଉନ୍ମୋଚନ ଓ ବିଶିଷ୍ଟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ସ୍ଥାନ ପାଇବ। ବିଏମ୍ସି ଓ ବିଡିଏ ପକ୍ଷରୁ ସହରର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

ଶାହଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ,୨୨।୧୦(ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦିଲ୍ଲୀ ଗସ୍ତ ଅବସରରେ ଶାହଙ୍କ ଦୃଢ଼ ନେତୃତ୍ୱରେ ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ସୁଦୃଢ଼ ହୋଇଛି। ନକ୍ସଲମୁକ୍ତ ଭାରତ ଗଠନ ଦିଗରେ ତାଙ୍କର ଅବିଚଳିତ ପ୍ରୟାସ ଓ 'ସହକାର ସେ ସମୃଦ୍ଧି' ଦୃଷ୍ଟିକୋଣରେ ସହକାର କ୍ଷେତ୍ରର ରୂପାନ୍ତର ଏକ ଶକ୍ତିଶାଳୀ, ସୁରକ୍ଷିତ ଓ ସମୃଦ୍ଧ ଭାରତ ଗଠନରେ ତାଙ୍କର ଅବିଚଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଜାତୀୟ ସୁରକ୍ଷା ଓ ସମାବେଶୀ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ବିକଶିତ ଭାରତର ଭିତ୍ତିଭୂମିକୁ ଆହୁରି ମଜବୁତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ସୁସ୍ଥତା, ସୁଖ ଓ ନୂତନ ଉତ୍ସାହ ପ୍ରଦାନ କରନ୍ତୁ, ଯାହାଦ୍ୱାରା ସେ ସମାନ ନିଷ୍ଠା ଓ ଦୃଢ଼ତା ସହ ରାଷ୍ଟ୍ରସେବା ଜାରି ରଖିପାରିବେ ବୋଲି ସେ କହିଛନ୍ତି।

ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀ ଯନ୍ତ୍ରୀ

ଯାଜପୁର,୨୨।୧୦ (ସଂଚାର ବ୍ୟୁରୋ) : ଯାଜପୁର ଜିଲ୍ଲା ବଡ଼ଚଣା ଆର୍ ଆଣ୍ଡବି ସବ୍ ଡିଭିଜନରେ କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ ସେଠାଙ୍କ ସଂପତ୍ତି ଦେଖି ଭିଜିଲାନସ ଅଧିକାରୀ ତାଜୁବ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତପନଙ୍କର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି ଓଡ଼ିଶା ଭିଜିଲାନ୍ସ । ପରିବାର ସଦସ୍ୟଙ୍କ ନାମରେ କଟକ, ଭୁବନେଶ୍ୱର ଓ ପୁରୀରେ ୩ଟି ବହୁତଳ କୋଠା, ଗୋଟିଏ ଫାର୍ମହାଉସ୍ ଏବଂ ୩ଟି ଦାମୀ ପ୍ଲଟ୍ ଥିବା ଜଣାପଡ଼ିଛି । କଟକ ସିଡିଏ ସେକ୍ଟର-୭ରେ ତିନି ମହଲା କୋଠା, ପୁରୀ ସିଦ୍ଧ ମହାବୀର ଅଞ୍ଚଳରେ ତିନି ମହଲା କୋଠା ଏବଂ ଭୁବନେଶ୍ୱର କଣ୍ଟାବାଡ଼ରେ ଦୁଇ ମହଲା କୋଠା ଠାବ ହୋଇଛି । ଏହା ସହ କଟକ କଣ୍ଟାପଡ଼ାରେ ଏକ ଏକର ଜମିରେ ଥିବା ଫାର୍ମହାଉସ୍ ଏବଂ ଭୁବନେଶ୍ୱରରେ ୨ଟି ଓ କଟକ ସିଡିଏରେ ଗୋଟିଏ ଦାମୀ ପ୍ଲଟ୍ ରହିଛି । ଚଢ଼ାଉ ବେଳେ ପ୍ରାୟ ୫୫୦ ଗ୍ରାମ୍ ସୁନା ଅଳଙ୍କାର, ଗୋଟିଏ ଗ୍ରାଣ୍ଡ୍ ଭିଟାରା ଓ ଗୋଟିଏ ହୁଣ୍ଡାଇ ସାଣ୍ଟ୍ରୋ କାର୍ ସହ ୨ଟି ଦୁଇଚକିଆ ଯାନ ଠାବ ହୋଇଛି ।

● ଓଡ଼ିଶା ଚୂଡ଼ାନ୍ତ କରୁଛି ଦେଶର ପ୍ରଥମ ଆଗ୍ରି-ଫୋଟୋଭୋଲ୍ଟାଇକ୍ସ ନୀତି

'ଗୋଟିଏ ଜମି, ଦୁଇଟି ଅମଳ': କୃଷି ଉତ୍ପାଦନ ସହ ସ୍ୱଚ୍ଛ ଶକ୍ତିର ସମନ୍ୱୟ

■ ୨୦୩୦ ସୁଦ୍ଧା ୧ ଗିଗାୱାଟ୍ ଆଗ୍ରି-ଫୋଟୋଭୋଲ୍ଟାଇକ୍ କ୍ଷମତା ସ୍ଥାପନ ଲକ୍ଷ୍ୟ

ଭୁବନେଶ୍ୱର,୨୨।୧୦ (ସଂଚାର ବ୍ୟୁରୋ) : ସ୍ଥାନୀୟ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ସପ୍ତମ ଆଗ୍ରି-ଫୋଟୋଭୋଲ୍ଟାଇକ୍ସ ୱାର୍ଲ୍ଡ କନଫରେନ୍ସ ୨୦୨୬ରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶାର ଯୁଗାନ୍ତକାରୀ ଆଗ୍ରି-ପିଭି ନୀତି ୨୦୨୬ ଚୂଡ଼ାନ୍ତ ହେଉଥିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଏଥିସହ ଏକ ସ୍ୱତନ୍ତ୍ର ଆଗ୍ରି-ଫୋଟୋଭୋଲ୍ଟାଇକ୍ସ ନୀତି ପ୍ରଣୟନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହେବାର ଗୌରବ ହାସଲ କରିବାକୁ ଯାଉଛି। ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ, ଆଇଆଇଏସଡି ଓ ସିଇଇଡବ୍ଲ୍ୟୁର ମିଳିତ ସହଯୋଗରେ ଆୟୋଜିତ ୭ମ ଆଗ୍ରି-ଫୋଟୋଭୋଲ୍ଟାଇକ୍ସ ୱାର୍ଲ୍ଡ କନଫରେନ୍ସର ମନ୍ତ୍ରୀସ୍ତରୀୟ ଅଧିବେଶନରେ ଅଭିଭାଷଣ ଦେଇ ଉପମୁଖ୍ୟମନ୍ତ୍ରୀ 'ଗୋଟିଏ ଜମି, ଦୁଇଟି ଅମଳ' ଦୂରଦୃଷ୍ଟି ଉପସ୍ଥାପନ କରିବା ସହ ପ୍ରଥମେ କୃଷକ, ତା'ପରେ ସୌର ପ୍ୟାନେଲ୍ ମୂଳମନ୍ତ୍ର ଆଧାରରେ କୃଷି ଉତ୍ପାଦନ ଓ ସ୍ୱଚ୍ଛ ଶକ୍ତି ଉତ୍ପାଦନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଆମେ ଆମର କୃଷକମାନଙ୍କୁ ଅନ୍ନଦାତାରୁ ଉର୍ଜାଦାତା ପର୍ଯ୍ୟନ୍ତ ସଶକ୍ତ କରିବାକୁ ଚାହୁଁଛୁ। ପ୍ରସ୍ତାବିତ ନୀତି ଅଧୀନରେ ୨୦୩୦ ସୁଦ୍ଧା ଓଡ଼ିଶାରେ ୧ ଗିଗାୱାଟ୍ ଆଗ୍ରି-ଫୋଟୋଭୋଲ୍ଟାଇକ୍ କ୍ଷମତା ସ୍ଥାପନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ କଠୋର ଆଇନଗତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି, ଯେଉଁଥିରେ ପ୍ରତ୍ୟେକ ପ୍ରକଳ୍ପ ସ୍ଥଳର ଅତି କମ୍‌ରେ ୯୦% ଜମିରେ ସକ୍ରିୟ ଚାଷ କାର୍ଯ୍ୟ ଜାରି ରହିବା ସହ ଜମିର କୃଷି ବର୍ଗୀକରଣ ଓ ଫସଲ ବୀମା ଯୋଗ୍ୟତା ଅକ୍ଷୁଣ୍ଣ ରହିବ। ଏହାଦ୍ୱାରା ଚାଷୀମାନେ ନିଜେ ସୌର ପ୍ରକଳ୍ପ ସ୍ଥାପନ କରି ଫସଲ ବିକ୍ରି ଓ ବିଦ୍ୟୁତ୍ ଉତ୍ପାଦନରୁ ଦ୍ୱିଗୁଣ ଆୟ କରିପାରିବେ କିମ୍ବା ଡେଭଲପରଙ୍କ ସହ ଦୀର୍ଘକାଳୀନ ଭଡ଼ା ଚୁକ୍ତି କରିପାରିବେ। ନିବେଶକ ଓ ଡେଭଲପରଙ୍କୁ ଦୀର୍ଘକାଳୀନ ନିଶ୍ଚିତତା ଯୋଗାଇଦେବା ପାଇଁ ଗ୍ରୀଡ୍‌କୋ ସହ ୨୫ ବର୍ଷର ପାୱାର ପର୍ଚେଜ୍ ଏଗ୍ରିମେଣ୍ଟ, ନିଶ୍ଚିତ ବିଦ୍ୟୁତ୍ କ୍ରୟ, ଗ୍ରୀଡ୍ ସଂଯୋଗୀକରଣ ଓ ଓପନ୍-ଏକ୍ସେସ୍ ଅଧିକାର ପ୍ରଦାନ କରାଯାଉଛି। ଏଥିସହ କୃଷକଙ୍କ ପାଇଁ ପ୍ରକ୍ରିୟାକୁ ସରଳ କରାଯାଇ ଆଗ୍ରି-ପିଭି ପ୍ରୋତ୍ସାହନକୁ ବୁଦା ଜଳସେଚନ, ଶୀତଳ ଭଣ୍ଡାର, ସୌର ପମ୍ପ ଓ କୃଷି-ପ୍ରସେସିଂ ସହିତ ସମନ୍ୱିତ କରାଯାଉଛି। ୨୦୭୦ ସୁଦ୍ଧା ରାଜ୍ୟରେ ତାପମାତ୍ରା ବୃଦ୍ଧି ଓ ଅନିୟମିତ ବର୍ଷାର ଆଶଙ୍କାକୁ ଦୃଷ୍ଟିରେ ରଖି ଜଳବାୟୁ ସହନଶୀଳତାର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ।

● ଦଶହରାରେ ଲୁଟେରାଙ୍କ ହାତସଫେଇ

୩ ଦିନରେ ୧୯୦ ମୋବାଇଲ୍ ଓ ୨୧ ସୁନାଚେନ୍ ଲୁଟ୍

ଭୁବନେଶ୍ୱର,୨୨।୧୦(ସଂଚାର ବ୍ୟୁରୋ): ଦଶହରାରେ ରାଜଧାନୀରେ ମାତିଛନ୍ତି ଲୁଟେରା। ୩ ଦିନରେ ବିଭିନ୍ନ ପୂଜାମଣ୍ଡପରୁ ଲୁଟେରାମାନେ ଝାମ୍ପି ନେଇଛନ୍ତି ୧୯୦ ମୋବାଇଲ ସହ ୨୧ଟି ସୁନାଚେନ୍। ବିଶେଷକରି ଗତକାଲି ଦିନକ ମଧ୍ୟରେ ସବୁଠାରୁ ଅଧିକ ଲୁଟ୍‌ପାଟ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ପାଇ କମିଶନରେଟ୍ ପୁଲିସ ଲୁଟେରାମାନଙ୍କୁ ଗିରଫ କରିବା ସକାଶେ ତନାଘନା ଚଳାଇଛି। ଖଣ୍ଡଗିରି, ନୂଆପଲ୍ଲୀ, ଚନ୍ଦ୍ରଶେଖରପୁର, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର ଓ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ କେତେକ ଲୁଟେରାଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ସେମାନଙ୍କଠାରୁ ଲୁଟ୍ ମୋବାଇଲ ମଧ୍ୟ ଜବତ ହୋଇଥିବା ଜଣାପଡ଼ିଛି। ପାର୍ବଣରେ ଲୁଟ୍‌ପାଟ ପାଇଁ ବିଭିନ୍ନ ରାଜ୍ୟର ଲୁଟେରାମାନେ ଆସି ରାଜଧାନୀରେ ଡେରା ପକାଇଛନ୍ତି। କମିଶନରେଟ୍ ପୁଲିସ ନିର୍ଦ୍ଦେଶରେ ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ଅଧିକରୁ ଅଧିକ ସିସି କ୍ୟାମେରା ଖଞ୍ଜାଯାଇଥିଲା। ତା' ସାଙ୍ଗକୁ ପୂଜା ମଣ୍ଡପଗୁଡ଼ିକରେ ସାଦା ପୋଷାକଧାରୀ ଓ ମହିଳା ପୁଲିସ ମଧ୍ୟ ମୁତୟନ ରହିଥିଲେ। ପୂଜା କମିଟିଗୁଡ଼ିକ ମଧ୍ୟ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରିଥିଲେ। କିନ୍ତୁ ଏତେସବୁ ବ୍ୟବସ୍ଥା ଥାଇ ବି ଲୁଟେରାମାନେ ସେମାନଙ୍କ ହାତ ସଫେଇରେ ସଫଳ ହୋଇଛନ୍ତି। ଭିଡ଼ର ସୁଯୋଗ ନେଇ ରାଜଧାନୀର ବିଭିନ୍ନ ପୂଜାମଣ୍ଡପରୁ ଶ୍ରଦ୍ଧାଳୁଙ୍କଠାରୁ ସେମାନେ ବେଧଡ଼କ ଲୁଟ୍‌ପାଟ କରିଛନ୍ତି। ସବୁଠାରୁ ବେଶୀ ବରମୁଣ୍ଡା, ନୂଆପଲ୍ଲୀ, ସହିଦ ନଗର, ରସୁଲଗଡ଼, କଟକ ରୋଡ ଓ ଝାରପଡ଼ା ପୂଜାମଣ୍ଡପରୁ ଶ୍ରଦ୍ଧାଳୁଙ୍କଠାରୁ ମୋବାଇଲ ଓ ସୁନାଚେନ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି।

● ମଝି ନଈରେ ବୁଡ଼ିଲା ଡଙ୍ଗା

ଭାସିଗଲେ ପରିବାରର ୪ ସଦସ୍ୟ, ଜଣେ ମୃତ

ଯାଜପୁର,୨୨।୧୦(ସଂଚାର ବ୍ୟୁରୋ): ଯାଜପୁର ତାନ୍ତିଘାଇ ନଦୀର କମଳପୁର ଘାଟ ନିକଟରେ ଘଟିଛି ଏକ ବଡ଼ ଅଘଟଣ। ଡଙ୍ଗାରେ ନଦୀ ପାର ହେଉଥିବା ସମୟରେ ଅଚାନକ ମଝି ନଦୀରେ ଡଙ୍ଗାଟି ବୁଡ଼ିଯାଇଥିଲା। ଫଳରେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ଭାସିଯାଇଥିଲେ। ପରେ ସେମାନଙ୍କ ମଧ୍ୟରୁ

ଦୁଇ ଜଣଙ୍କୁ ଉଦ୍ଧାର କରାଯାଇଥିଲେ ହେଁ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇସାରିଥିଲା। ସେହିପରି ଅନ୍ୟ ଜଣଙ୍କ ଗୁରୁତର ଥିବାରୁ ତାଙ୍କର ଚିକିତ୍ସା ଜାରି ରହିଛି। ଅନ୍ୟପକ୍ଷରେ ଅଦ୍ୟାବଧି ନିଖୋଜ ଉକ୍ତ ପରିବାରର ଅନ୍ୟ ୨ ଜଣ ସଦସ୍ୟଙ୍କୁ ଖୋଜିବା ସକାଶେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନଙ୍କର ପତ୍ତା ମିଳିପାରିନାହିଁ। ୬୦ ବର୍ଷୀୟ ଭାମା ଦଳାଇ ମୃତ୍ୟୁବରଣ କରିଥିବା ବେଳେ ବୋହୂ ହେମଲତା ଦଳାଇ ଚିକିତ୍ସାଧୀନ ଅଛନ୍ତି। ସେହିପରି ନିଖୋଜ ଥିବା ଦୁଇ ଜଣ ହେଲେ ଭାମା ଦଳାଇଙ୍କ ନାତି ମଣିଆ (୨୨) ଓ ଅନୁରୋଧ (୮)।

ହାତବନ୍ଧା ଅବସ୍ଥାରେ ନିଖୋଜ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର

ଭବାନୀପାଟଣା,୨୨।୧୦(ସଂଚାର ବ୍ୟୁରୋ): ଦୀର୍ଘ ପାଞ୍ଚ ଦିନ ଧରି ନିଖୋଜ ଥିଲେ ପ୍ରେମୀଯୁଗଳ। ତେବେ ଆଜି ଜଙ୍ଗଲରୁ ସେମାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। କିନ୍ତୁ ମୃତକଦ୍ୱୟଙ୍କ ଦୁଇ ହାତ ବନ୍ଧା ହୋଇଥିବା ବେଳେ ଶରୀରରେ ରକ୍ତଛିଟା ରହିଛି। ତେଣୁ ଏହା ଏକ ଆତ୍ମହତ୍ୟା ନା ହତ୍ୟା, ତାହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। କଳାହାଣ୍ଡି ଜିଲ୍ଲା କୋକସରା ଥାନାର ବେହେରାସ୍ଥିତ ଭଣ୍ଡାର ଡଙ୍ଗରି ଶୀର୍ଷରୁ ସାମ୍ନାକୁ ଆସିଛି ଏଭଳି ଏକ ଅଭାବନୀୟ ଘଟଣା। ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। କିନ୍ତୁ ମୃତ ପ୍ରେମୀଙ୍କ ପରିବାର ଲୋକେ ଏହାକୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମୃତଦେହ ମିଳିବା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖିବାକୁ ମିଳିଛି। ମୃତକମାନେ କୋକସରା ଥାନା ଅନ୍ତର୍ଗତ ଟଙ୍କାପାଲି ଗାଁର ଅଜିତ କୁମାର ନାଏକ ଓ ଧର୍ମଗଡ଼ ସହର କେନ୍ଦୁମୁଡ଼ିପଡ଼ାର ପ୍ରିୟଦର୍ଶିନୀ ନାଏକ ବୋଲି ଜଣାପଡ଼ିଛି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ସୂଚନା ମିଳିଛି। ସେମାନେ ଗତ ୧୭ ତାରିଖରୁ ନିଖୋଜ ଥିଲେ। ଏନେଇ କୋକସରା ଓ ଧର୍ମଗଡ଼ ଥାନାରେ ନିଖୋଜ ମାମଲା ମଧ୍ୟ ରୁଜୁ ହୋଇଛି। ତେବେ ଆଜି ସକାଳେ ଭଣ୍ଡାର ଡଙ୍ଗରିକୁ କାଠ ସଂଗ୍ରହ କରିବାକୁ ଯାଇଥିବା କିଛି ଲୋକ ଗଛରେ ଝୁଲୁଥିବା ଦୁଇଟି ମୃତଦେହ ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାର ହେବା ପରେ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିଥିଲେ। ତେବେ ଉଭୟଙ୍କ ହାତ ପଛପଟେ ବନ୍ଧା ଥିବା ଓ ଶରୀରରେ ରକ୍ତଛିଟା ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ସେହିପରି ଅଜିତଙ୍କ ପରିବାର ଲୋକେ ଏହାକୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ସହ ଯୁବତୀଙ୍କ ପରିବାର ଉପରେ ସନ୍ଦେହ ପ୍ରକଟ କରିଛନ୍ତି।

ବସ୍‌ରୁ ବଟି ଆଦାୟକୁ ନେଇ ହତ୍ୟାକାଣ୍ଡ, ୫ ଗିରଫ

ପୋଖରୀରୁ ମିଳିଲା ଖଣ୍ଡା ଓ ଲୁହା ପାଇପ

ଖୋର୍ଦ୍ଧା,୨୧।୧୦(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଟୋଟାପଡ଼ା ଇଟାଭାଟି ନିକଟରେ ଘଟିଥିବା ସୁଶୀଲ ଓରଫ ସିସୁଆ ବେହେରା ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୁଲିସ। ବସ୍‌ରୁ ବଟି ଆଦାୟକୁ କେନ୍ଦ୍ର କରି ଦୀର୍ଘଦିନ ଧରି ଚାଲିଥିବା ବିବାଦ ଶେଷରେ ହତ୍ୟାକାଣ୍ଡର ରୂପ ନେଇଥିବା ପୁଲିସ ପ୍ରକାଶ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ବୟାନ ଆଧାରରେ ହତ୍ୟାରେ ବ୍ୟବହୃତ ଖଣ୍ଡା ଓ ଲୁହା ପାଇପ୍‌କୁ ଏକ ପୋଖରୀରୁ ଉଦ୍ଧାର କରାଯିବା ସହ ଅପରାଧରେ ବ୍ୟବହୃତ ଦୁଇଟି ମୋଟର ସାଇକେଲ୍‌କୁ ବି ଜବତ କରାଯାଇଛି।

ଗିରଫ ଅଭିଯୁକ୍ତମାନେ ହେଲେ ଭାଲିଆବାଡ଼ିର ଜିତେନ୍ଦ୍ର ବେହେରା ଓରଫ ଜିତୁ (୫୦), ପ୍ରଦୀପ ବେହେରା ଓରଫ ଡାକା (୨୭), ଯଶୋବନ୍ତ ବେହେରା ଓରଫ ନନ୍ଦ (୧୯), ଗଡ଼ମାଣତୀର ଅଞ୍ଚଳର କାହ୍ନୁଚରଣ କାଣ୍ଡି ଓରଫ କାଳିଆ ଓରଫ କାଳୁ (୩୨) ଓ ଖୋର୍ଦ୍ଧା ଗାନ୍ଧି ପଡ଼ିଆ ଅଞ୍ଚଳର ଦିବାକର ମହାରଣା ଓରଫ ରାଜା (୩୦)। ପୁଲିସ ସେମାନଙ୍କୁ ଗିରଫ କରି ଗତକାଲି ଖୋର୍ଦ୍ଧା ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଇଥିବା ବେଳେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୭,୪୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୫,୧୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୭,୪୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୫,୧୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୭,୪୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୫୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୫,୨୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୪୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୭,୪୩୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୫,୧୪୦ ଟଙ୍କା ରହିଛି । ଅନ୍ୟପଟେ ରୂପା ମୂଲ୍ୟ କିଲୋ ପିଛା ୨,୨୯,୯୦୦ ଟଙ୍କା ହୋଇଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

ନୂଆ ଲୁକ୍‌ରେ ଆସିବ ଟୋୟୋଟା ଫର୍ଚୁନର

ନୂଆଦିଲ୍ଲୀ, ୨୨।୧୦: ଆପଣ ଯଦି ଏକ ଦମଦାର, ଷ୍ଟାଇଲିସ୍ ଏବଂ ପାୱାରଫୁଲ୍ SUV କିଣିବାକୁ ଚାହୁଁଛନ୍ତି, ତେବେ ଟୋୟୋଟା ଫର୍ଚୁନର ନାଁ ନିଶ୍ଚିତ ଭାବେ ଆପଣଙ୍କ ମନକୁ ଆସିଥିବ। ଭାରତୀୟ ବଜାରରେ ଏହି SUV ନିଜର ଦମଦାର ଲୁକ୍, ପାୱାରଫୁଲ୍ ଇଞ୍ଜିନ୍ ଏବଂ ଅଫ୍-ରୋଡ୍ କ୍ଷମତା ପାଇଁ ବେଶ୍ ପପୁଲାର୍। କିନ୍ତୁ ଏବେ ଏହି ପପୁଲାର୍ SUVକୁ ନେଇ ଆସୁଛି ଏକ ବଡ଼ ଖବର। କାରଣ, ଟୋୟୋଟା ଫର୍ଚୁନରର ନୂଆ ଜେନେରେସନ୍ ମଡେଲରେ ଅନେକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଏହାର ଲୁକଠାରୁ ଆରମ୍ଭ କରି କ୍ୟାବିନ୍ ଏବଂ ମର୍ଡନ ଫିଚର୍ସ ପର୍ଯ୍ୟନ୍ତ ଅନେକ କିଛି ଅପଡେଟ୍ ହେବାର ଆଶା ରହିଛି। ତେବେ ନୂଆ ଫର୍ଚୁନରରେ କେଉଁ ସବୁ ଫିଚର୍ସ ମିଳିପାରେ? ଏହାର ଇଞ୍ଜିନ୍ କେମିତି ରହିବ? ଆଉ ଭାରତରେ କେବେ ହେବ ଲଞ୍ଚ୍? ଆସନ୍ତୁ ଜାଣିବା...

ପ୍ରଥମେ କଥା ହେବା ନୂଆ ଫର୍ଚୁନରର ଡିଜାଇନ୍ ବିଷୟରେ। ନୂଆ ଜେନେରେସନ୍ ଫର୍ଚୁନରର ଏକ୍ସଟେରିୟର ପୂର୍ବ ଅପେକ୍ଷା ଅଧିକ ମର୍ଡନ, ଶାର୍ପ ଏବଂ ପ୍ରିମିୟମ୍ ହୋଇପାରେ। ଏଥିରେ ନୂଆ ଡିଜାଇନର ଫ୍ରଣ୍ଟ ଗ୍ରିଲ୍, ସ୍ଲିକ୍ LED ଲାଇଟ୍ ଏବଂ ଆକର୍ଷଣୀୟ ବଡି ଡିଜାଇନ୍ ଦେଖିବାକୁ ମିଳିପାରେ। ଏହା ସହିତ ନୂଆ ଡିଜାଇନର ଆଲୟ ହ୍ୱିଲ୍ ଏବଂ ଅପଡେଟ୍ ରିୟର ପ୍ରୋଫାଇଲ୍ ଗାଡ଼ିକୁ ଆହୁରି ସ୍ପୋର୍ଟି ଲୁକ୍ ଦେଇପାରେ। ଅର୍ଥାତ୍, ରାସ୍ତାରେ ଚାଲିବା ସମୟରେ ନୂଆ ଫର୍ଚୁନର ନିଜର ଦମଦାର ଉପସ୍ଥିତି ଜାହିର କରିପାରେ। ଏବେ ଆସନ୍ତୁ ଜାଣିବା ଏହାର କ୍ୟାବିନ୍ ଏବଂ ଫିଚର୍ସ ବିଷୟରେ। ନୂଆ ଫର୍ଚୁନରରେ ସବୁଠାରୁ ବଡ଼ ପରିବର୍ତ୍ତନ ଏହାର ଇଣ୍ଟେରିୟରରେ ଦେଖିବାକୁ ମିଳିପାରେ। ଏଥିରେ ନୂଆ ଡ୍ୟାସବୋର୍ଡ ଡିଜାଇନ୍ ସହିତ ବଡ଼ ଟଚ୍ସ୍କ୍ରିନ୍ ଇନ୍ଫୋଟେନମେଣ୍ଟ ସିଷ୍ଟମ୍ ଏବଂ ଫୁଲ୍ ଡିଜିଟାଲ୍ ଡ୍ରାଇଭର ଡିସପ୍ଲେ ଭଳି ଫିଚର୍ସ ମିଳିପାରେ। ଏହା ବ୍ୟତୀତ ପାୱାର୍ଡ ହ୍ୟାଣ୍ଡବ୍ରେକ୍, ପାନୋରାମିକ୍ ସନରୁଫ୍ ଏବଂ 360-ଡିଗ୍ରୀ ପାର୍କିଂ କ୍ୟାମେରା ଭଳି ମର୍ଡନ ସୁବିଧା ମଧ୍ୟ ନୂଆ ମଡେଲରେ ସାମିଲ ହୋଇପାରେ। କେବଳ ସେତିକି ନୁହେଁ, ଦ୍ୱିତୀୟ ଧାଡ଼ିରେ ବସୁଥିବା ଯାତ୍ରୀଙ୍କ ଆରାମକୁ ଧ୍ୟାନରେ ରଖି ସିଟରେ ଅଧିକ ଆଡଜଷ୍ଟମେଣ୍ଟ ସୁବିଧା ମଧ୍ୟ ଦିଆଯାଇପାରେ। ଏବେ କଥା ହେବା ଇଞ୍ଜିନ୍ ଏବଂ ପରଫର୍ମାନ୍ସ ବିଷୟରେ। ନୂଆ ଫର୍ଚୁନରରେ ଡିଜେଲ୍ ଏବଂ ପେଟ୍ରୋଲ୍ ଇଞ୍ଜିନର ଅପ୍ସନ ମିଳିବାର ଆଶା ରହିଛି। ଏହା ସହିତ ମାଇଲ୍ଡ-ହାଇବ୍ରିଡ୍ ଟେକ୍ନୋଲୋଜି ଏବଂ 4×4 ଡ୍ରାଇଭ୍ ସିଷ୍ଟମ୍ ମଧ୍ୟ ଉପଲବ୍ଧ ହୋଇପାରେ। ନୂଆ ପ୍ଲାଟଫର୍ମ ଏବଂ ଉନ୍ନତ ସସପେନସନ୍ ସେଟଅପ୍ ଯୋଗୁଁ ଏହାର ରାଇଡ୍ କ୍ୱାଲିଟିରେ ମଧ୍ୟ ସୁଧାର ଆସିବାର ଆଶା କରାଯାଉଛି। ଫଳରେ ଖରାପ ରାସ୍ତାରେ ଯାତ୍ରା କରିବା ସମୟରେ ଯାତ୍ରୀମାନେ ଅଧିକ ଆରାମ ଅନୁଭବ କରିପାରିବେ। ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଭାରତରେ କେବେ ଲଞ୍ଚ୍ ହେବ ନୂଆ ଟୋୟୋଟା ଫର୍ଚୁନର? ଏହି SUVର ଲଞ୍ଚ୍ ଡେଟକୁ ନେଇ ଏବେ ଅପେକ୍ଷା ରହିଛି। ଏହାର ଭାରତୀୟ ଲଞ୍ଚ୍ ଏବଂ ଫିଚର୍ସ ସମ୍ପର୍କରେ କମ୍ପାନୀର ଆଧିକାରିକ ଘୋଷଣାକୁ ଅପେକ୍ଷା କରିବାକୁ ପଡ଼ିବ। ଅନ୍ୟପକ୍ଷରେ, ନୂଆ ଟେକ୍ନୋଲୋଜି ଏବଂ ଆଡଭାନ୍ସ ଫିଚର୍ସ ଯୋଡ଼ାଗଲେ ଏହାର ଦାମରେ ମଧ୍ୟ ବୃଦ୍ଧି ହୋଇପାରେ। କିନ୍ତୁ ଦାମ୍ କେତେ ରହିବ, ତାହା ଏବେଠାରୁ ନିଶ୍ଚିତ ଭାବେ କହିବା ସମ୍ଭବ ନୁହେଁ। ତେବେ ନୂଆ ଟୋୟୋଟା ଫର୍ଚୁନରରେ ଯଦି ଏହି ସବୁ ଫିଚର୍ସ ମିଳେ, ତେବେ ଏହା SUV ପ୍ରେମୀଙ୍କ ପାଇଁ ଏକ ଭଲ ଅପ୍ସନ ହୋଇପାରେ।

୫୦୦୦ କର୍ମଚାରୀ ଛଟେଇ କରିବ ବାର୍କ୍ଲେ

ନୂଆଦିଲ୍ଲୀ,୨୨।୧୦: ଲଣ୍ଡନର ବ୍ୟାଙ୍କ ବାର୍କ୍ଲେ ଖର୍ଚ୍ଚକାଟ କରିବା ଲକ୍ଷ୍ୟ ନେଇ ୫୦୦୦ କର୍ମଚାରୀ ଛଟେଇ କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏହା ହେଉଛି ବ୍ୟାଙ୍କର ମୋଟ୍ କର୍ମଚାରୀ ସଂଖ୍ୟାର ୫ ପ୍ରତିଶତ। ୨୦୨୫ ଶେଷ ସୁଦ୍ଧା ବାର୍କ୍ଲେର ସାରା ବିଶ୍ୱରେ ପ୍ରାୟ ୯୩ହଜାର କର୍ମଚାରୀ ଥିଲେ। ବ୍ୟାଙ୍କ କହିଛି ଯେ ନିବେଶ ପାଇଁ ପାଣ୍ଠି ଯୋଗାଡ଼ କରିବା ଲାଗି ଏହା ଖର୍ଚ୍ଚକାଟ କରିବା ଉପରେ ଧ୍ୟାନ ଦେଉଛି। ଏଥି ସହିତ କୃତ୍ରିମ ବୁଦ୍ଧିମତା (ଏଆଇ) ବ୍ୟବହାର କରି ଏହା ଦକ୍ଷତା ବଢ଼ାଇବ ଓ ସଂଗଠନରେ ସରଳୀକରଣ କରିବ। ବାର୍କ୍ଲେ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି। ଅନେକ ପ୍ରମୁଖ ମାନଦଣ୍ଡ ପାଇଁ ଏହା ଧାର୍ଯ୍ୟ କରିଥିବା ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଛି। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିଏସ୍ ଭେଙ୍କଟକ୍ରିଷ୍ଣନ ଏହି ପ୍ରଦର୍ଶନକୁ ନୈରାଶ୍ୟଜନକ କହିଛନ୍ତି। ବ୍ୟାଙ୍କ ସାରାରେ ଏଆଇ ବ୍ୟବହାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଚଳିତ ବର୍ଷ ପ୍ରଥମ ୬ ମାସରେ ବାର୍କ୍ଲେ ୧୦୦୦ ଛଟେଇ କରିଥିଲା। ରାଜସ୍ୱ ହ୍ରାସ ପାଉଥିବାରୁ ଖର୍ଚ୍ଚକାଟ ଉପରେ ବ୍ୟାଙ୍କ ଧ୍ୟାନ ଦେଉଛି। କେବଳ ବାର୍କ୍ଲେ ନୁହେଁ, ଏହାର ପ୍ରତିଦ୍ୱନ୍ଦ୍ୱୀ ବ୍ୟାଙ୍କଗୁଡ଼ିକ ମଧ୍ୟ ସମାନ ସମସ୍ୟା ଦେଇ ଗତି କରୁଛନ୍ତି। ଜେପି ମୋର୍ଗାନ ଚେଜ୍ ଆଣ୍ଡ୍ କୋ, ଗୋଲ୍ଡମ୍ୟାନ୍ ସଚ୍ସ ଓ ବ୍ୟାଙ୍କ ଅଫ୍ ଆମେରିକାର ସେୟାର ରାଜସ୍ୱ ହ୍ରାସ ପାଇଛି। ବାର୍କ୍ଲେର ନିବେଶ ବ୍ୟାଙ୍କିଂ ଶାଖାର ପ୍ରଦର୍ଶନ ଆଶାନୁରୂପ ରହିଥିବା ବେଳେ ଖୁଚୁରା ବ୍ୟାଙ୍କିଂ ଶାଖାର ପ୍ରଦର୍ଶନ ଖରାପ ରହିଛି।

ବିମାନ ଭଡ଼ା ସିଧାସଳଖ ନିୟନ୍ତ୍ରଣ କରିବେନି ସରକାର

ନୂଆଦିଲ୍ଲୀ,୨୨।୧୦: ସରକାର ବିମାନ ଟିକଟ ଭଡ଼ା ସିଧାସଳଖ ନିୟନ୍ତ୍ରଣ କରିବେ ନାହିଁ। ଚାହିଦା ଏବଂ ଉପଲବ୍ଧ ସିଟ୍ ଆଧାରରେ ବିମାନ କମ୍ପାନିଗୁଡ଼ିକ ନିଜେ ଭଡ଼ା ନିର୍ଦ୍ଧାରଣ କରିପାରିବେ। ତେବେ କୌଣସି ଜରୁରୀକାଳୀନ ପରିସ୍ଥିତିରେ ଯାତ୍ରୀଙ୍କୁ ଅତ୍ୟଧିକ ଖର୍ଚ୍ଚରୁ ରକ୍ଷା କରିବା ପାଇଁ ସରକାରଙ୍କ ପାଖରେ ସର୍ବୋଚ୍ଚ ଭଡ଼ା ସୀମା ଧାର୍ଯ୍ୟ କରିବା ଅଧିକାର ରହିବ। ନୂଆ ନିୟମ ମୁତାବକ, ବିମାନ କମ୍ପାନିଗୁଡ଼ିକୁ ଭଡ଼ା ସମ୍ପର୍କିତ ସୂଚନା ଗୋଟିଏ ମାସ ପୂର୍ବରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ଦେବାକୁ ପଡ଼ିବ। ଏହା ସହ ନିଜସ୍ୱ ୱେବସାଇଟରେ ଏହି ତଥ୍ୟ ଦର୍ଶାଇବାକୁ ପଡ଼ିବ। କୌଣସି ବିମାନ କମ୍ପାନି ଯେଭଳି ଧାର୍ଯ୍ୟ ସୀମାରୁ ଅଧିକ ଭଡ଼ା ଆଦାୟ ନ କରିନ୍ତି ସେଥିପ୍ରତି ଡିଜିସିଏ କଡ଼ା ନଜର ରଖିବ। ସାମାଜିକ କର୍ମୀ ଏସ୍. ଲକ୍ଷ୍ମୀ ନାରାୟଣଙ୍କ ଆବେଦନର ଶୁଣାଣି ସମୟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ, ପର୍ବ ପର୍ବାଣୀ ଓ ଛୁଟିଦିନଗୁଡ଼ିକରେ ବିମାନ ସଂସ୍ଥାଗୁଡ଼ିକର ମନମୁଖୀ ଭଡ଼ା ଏବଂ ଲୁଚାଣିଆ ଚାର୍ଜ ଉପରେ ରୋକ ଲଗାଇବା ଲାଗି ୨ ସପ୍ତାହ ମଧ୍ୟରେ ନୂଆ ନିୟମ ଆସିବ। ବିମାନ ଇନ୍ଧନ ମୂଲ୍ୟ ବୃଦ୍ଧି ଏବଂ କମ୍ ସଂଖ୍ୟକ ଉଡାଣ ଯୋଗୁ ପାର୍ବଣ ଋତୁରେ ଟିକଟ ଦର ଗତ ବର୍ଷ ତୁଳନାରେ ଢେର ପରିମାଣରେ ବଢ଼ିଛି। ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି, ବିମାନ ଇନ୍ଧନ ଦର ବୃଦ୍ଧି ଯୋଗୁ ଭଡ଼ା ନିୟନ୍ତ୍ରଣ ରଖିବା ଏକ ଆହ୍ୱାନ। ଏ ନେଇ ବିମାନ କମ୍ପାନି ଏବଂ ତୈଳ ବିପଣନ କମ୍ପାନିଙ୍କ ସହ ଆଲୋଚନା ଚାଲିଛି। ବିମାନ ଇନ୍ଧନ ମହଙ୍ଗା ହେବା କାରଣରୁ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ଭଳି କମ୍ପାନି ଭଡ଼ାରେ ବୃଦ୍ଧି କରିଛନ୍ତି।

ରେନାଲ୍ଟର ନୂଆ ଡଷ୍ଟର ହାଇବ୍ରିଡ୍‌ର ଦମ୍‌ଦାର ଏଣ୍ଟ୍ରି

ନୂଆଦିଲ୍ଲୀ, ୨୨।୧୦: ରେନାଲ୍ଟ ନିଜର ନୂଆ Duster Hybridର ଆକର୍ଷଣୀୟ ମୂଲ୍ୟ ରଖି ସମଗ୍ର ଅଟୋମୋବାଇଲ୍ ବଜାରକୁ ଚକିତ କରିଛି। ସାଧାରଣତଃ ହାଇବ୍ରିଡ୍ କାର୍‌ଗୁଡ଼ିକର ଉନ୍ନତ ଟେକ୍ନୋଲୋଜି ଯୋଗୁଁ ଏହାର ମୂଲ୍ୟ ଅଧିକ ରହିଥାଏ। କିନ୍ତୁ ରେନୋଲ୍ଟ ଏହାକୁ ଏକ କିଛିଟା ସୁଲଭ ମୂଲ୍ୟର ସୀମା ମଧ୍ୟରେ ରଖିଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଡଷ୍ଟର ହାଇବ୍ରିଡ୍‌ର ମୂଳ ପ୍ରକାର, ଇଭୋଲୁସନ୍, ଏହାର ମୂଲ୍ୟ ତୁଳନାରେ ଗ୍ରାହକମାନଙ୍କୁ କେତେ ମୂଲ୍ୟ ଏବଂ ବୈଶିଷ୍ଟ୍ୟ ପ୍ରଦାନ କରେ। ଏହି ଭାରିଆଣ୍ଟ କମ୍ ବଜେଟ୍‌ରେ ମର୍ଡନ ହାଇବ୍ରିଡ୍ ଟେକ୍ନୋଲୋଜିର ଉପଭୋଗ କରିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି। ତେବେ ଆସନ୍ତୁ ଡଷ୍ଟରର ଏହି ବେସ୍ ଭାରିଆଣ୍ଟ କିଣିବା ଯୋଗ୍ୟ କି ନୁହେଁ ସେ ସମ୍ପର୍କରେ ଜାଣିବା।

Evolution ଭାରିଆଣ୍ଟର ଏହି କାର୍‌ର ସବୁଠାରୁ ମୌଳିକ ଓ ଶସ୍ତା ମଡେଲ୍ ହୋଇଥିଲେ ମଧ୍ୟ, ରେନାଲ୍ଟ ଦୈନନ୍ଦିନ ବ୍ୟବହାର ପାଇଁ ଅନେକ ଆବଶ୍ୟକୀୟ ଫିଚର୍ସ ସାମିଲ କରିଛି। ଏହି ଭାରିଆଣ୍ଟରେ ଆକର୍ଷଣୀୟ ଲୁକ୍ ପାଇଁ LED ହେଡ୍‌ଲ୍ୟାମ୍ପ୍ ଓ ବଡ଼ ୧୮ ଇଞ୍ଚର ହ୍ୱିଲ ଦିଆଯାଇଛି। କାର୍‌ର କ୍ୟାବିନ୍‌ରେ ଏଣ୍ଟରଟେଣ୍ଟମେଣ୍ଟ ପାଇଁ ୧୦.୧ ଇଞ୍ଚର ଟଚ୍‌ସ୍କ୍ରିନ୍ ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ୍ ଏବଂ ଡ୍ରାଇଭରଙ୍କ ପାଇଁ ୭ ଇଞ୍ଚର TFT ଡିସ୍‌ପ୍ଲେ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ୱାୟାରଲେସ୍ Android Auto ଓ Apple CarPlay, ଅଟୋମେଟିକ୍ ଏସି, କ୍ରୁଜ୍ କଣ୍ଟ୍ରୋଲ୍, ହାଇଟ ଅନୁସାରେ ଆଡ୍‌ଜଷ୍ଟ କରିହେଉଥିବା ଡ୍ରାଇଭର ସିଟ୍ ଏବଂ ଷ୍ଟିୟରିଂରେ ଅଡିଓ କଣ୍ଟ୍ରୋଲ୍ ଭଳି ସୁବିଧା ରହିଛି। ସୁରକ୍ଷା ଦୃଷ୍ଟିରୁ ଏଥିରେ ରିୟର ୱାଇପର୍, ଡିଫଗର୍, ଇଲେକ୍ଟ୍ରିକ୍ ପାର୍କିଂ ବ୍ରେକ୍, ଟାୟାର ପ୍ରେସର୍ ମନିଟରିଂ ସିଷ୍ଟମ୍ (TPMS), ରିୟର ପାର୍କିଂ ସେନ୍ସର୍ ଏବଂ ହିଲ୍ ଷ୍ଟାର୍ଟ ଆସିଷ୍ଟ ଭଳି ଫିଚର୍ସ ମଧ୍ୟ ପ୍ରଦାନ କରାଯାଇଛି। ଏହି କାରର ସବୁଠାରୁ ବଡ଼ USP ହେଉଛି ଏହାର ଇନ୍ଧନ କ୍ଷମତା। Renault Duster Hybrid 29 kmpl ଇନ୍ଧନ ମାଇଲେଜ୍ ପ୍ରଦାନ କରେ ବୋଲି କମ୍ପାନୀ ଦାବି କରିଛି। Renault ଏହା ମଧ୍ୟ ଦାବି କରିଛି ଯେ ସହର ମଧ୍ୟରେ ଆପଣଙ୍କର ଦୈନିକ ଡ୍ରାଇଭିଂର ପ୍ରାୟ ୮୦% ସମ୍ପୂର୍ଣ୍ଣ ଭାବରେ EV ମୋଡ୍‌ରେ କରାଯାଇପାରିବ। ଯାହାର ଅର୍ଥ ହେଉଛି, ଟ୍ରାଫିକ୍ ଭିଡ଼ ମଧ୍ୟରେ ମଧ୍ୟ ପେଟ୍ରୋଲ୍ ଖର୍ଚ୍ଚ କମ୍ ହୋଇପାରେ। ଆଜିର ସମୟରେ ମଧ୍ୟବିତ୍ତ ପରିବାରର କାର୍ କ୍ରେତାଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୁବିଧା ହୋଇପାରେ। ଏଥି ସହ କମ୍ ମୂଲ୍ୟ ସତ୍ତ୍ୱେ ରେନାଲ୍ଟ ଏହାର ବେସ୍ ଭାରିଆଣ୍ଟର ଇଞ୍ଜିନ୍ ଓ ପରଫର୍ମାନ୍ସରେ କୌଣସି ପରିବର୍ତ୍ତନ କରିନାହିଁ। Duster Hybrid Evolution ଭାରିଆଣ୍ଟରେ ମଧ୍ୟ ଅଧିକ ମୂଲ୍ୟର ଭାରିଆଣ୍ଟଗୁଡ଼ିକ ଭଳି ୧.୮ ଲିଟରର ପେଟ୍ରୋଲ୍ ଇଞ୍ଜିନ୍ ଏବଂ ୧.୪ kWh ବ୍ୟାଟେରୀ ପ୍ୟାକ୍ ରହିଛି। ଏହି ଇଞ୍ଜିନ୍ ଦୁଇଟି ଇଲେକ୍ଟ୍ରିକ୍ ମୋଟର ସହ ମିଶି କାମ କରେ। ଏହା ମୋଟ ୧୬୦ BHP ଶକ୍ତି ଉତ୍ପାଦନ କରିଥାଏ ବୋଲି ଉଲ୍ଲେଖ କରାଯାଇଛି। ଏତେ ଶକ୍ତି ସହିତ ଏହି SUV ନିଜ ସେଗମେଣ୍ଟରେ ଏକ ପାୱାରଫୁଲ ହାଇବ୍ରିଡ୍ ଆପ୍ସନ ଭାବେ ଉଭା ହେଉଛି। ଗତି ଓ ପିକ୍‌ଅପ୍ ଦୃଷ୍ଟିରୁ ମଧ୍ୟ ଏହି ବେସ୍ ଭାରିଆଣ୍ଟ ଗ୍ରାହକଙ୍କୁ ଭଲ ପରଫର୍ମାନ୍ସ ଦେବାକୁ ଲକ୍ଷ୍ୟ ରଖିଛି। ସେହିପରି ୧୭ ଲକ୍ଷ ଟଙ୍କାରୁ କମ୍ ପ୍ରାରମ୍ଭିକ ଏକ୍ସ-ଶୋରୁମ୍ ମୂଲ୍ୟରେ ଉପଲବ୍ଧ ଏହି ଭାରିଆଣ୍ଟ କମ୍ ବଜେଟ୍‌ରେ ଆଧୁନିକ ହାଇବ୍ରିଡ୍ ଟେକ୍ନୋଲୋଜିର ଅନୁଭବ ନେବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି।

ଟଙ୍କା ଉଠାଣରେ ଆରବିଆଇ ଲଗାଇଲା କଟକଣା

ନୂଆଦିଲ୍ଲୀ, ୨୨।୧୦: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୧ ଅକ୍ଟୋବର ୨୦୨୬ରେ ପୁଡୁଚେରୀ କୋ-ଅପରେଟିଭ ଅର୍ବାନ ବ୍ୟାଙ୍କ ଲିମିଟେଡ ଉପରେ କଠୋର ପରିଚାଳନାଗତ କଟକଣା ଲଗାଇଛି। ଜମାକାରୀଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ବ୍ୟାଙ୍କର ନଗଦ ଅର୍ଥର ସ୍ଥିତିକୁ ଦୃଷ୍ଟିରେ ରଖି ଆରବିଆଇ ଜାରି କରିଥିବା ନିର୍ଦ୍ଦେଶ ଆସନ୍ତା ୬ ମାସ ପର୍ଯ୍ୟନ୍ତ ଲାଗୁ ରହିବ। ଏହି ସମୟ ମଧ୍ୟରେ ଜମାକାରୀମାନେ

କିଛି ସର୍ତ୍ତ ଅନୁଯାୟୀ ନିଜ ଖାତାରୁ ସର୍ବାଧିକ ୫,୦୦୦ ଟଙ୍କା ଉଠାଇପାରିବେ। ଆରବିଆଇର ଏହି କଟକଣା ଅନୁଯାୟୀ, ପୁଡୁଚେରୀ କୋ-ଅପରେଟିଭ ଅର୍ବାନ ବ୍ୟାଙ୍କ ଲିମିଟେଡ ରିଜର୍ଭ ବ୍ୟାଙ୍କର ପୂର୍ବ ଲିଖିତ ଅନୁମତି ବିନା କୌଣସି ନୂଆ ଋଣ କିମ୍ବା ଅଗ୍ରିମ ରାଶି ପ୍ରଦାନ କରିପାରିବ ନାହିଁ। ଏପରିକି ପୂର୍ବରୁ ଦିଆଯାଇଥିବା ଋଣର ନବୀକରଣ ମଧ୍ୟ କରିପାରିବ ନାହିଁ। ଏହାବ୍ୟତୀତ, ଆରବିଆଇର ନିର୍ଦ୍ଦେଶରେ ଉଲ୍ଲେଖ ଥିବା ସର୍ତ୍ତ ପୂରଣ ନକରି ବ୍ୟାଙ୍କ କୌଣସି ନୂଆ ନିବେଶ କରିପାରିବ ନାହିଁ। ନୂଆ ଦାୟିତ୍ୱ ଗ୍ରହଣ କରିବା, ଋଣ ମାଧ୍ୟମରେ ପାଣ୍ଠି ସଂଗ୍ରହ କରିବା, ନୂଆ ଜମା ଗ୍ରହଣ କରିବା, କୌଣସି ଅର୍ଥ ପ୍ରଦାନ କରିବା କିମ୍ବା ନିଜ ସମ୍ପତ୍ତି ବିକ୍ରି ଓ ହସ୍ତାନ୍ତର କରିବା ଉପରେ ମଧ୍ୟ କଟକଣା ଲଗାଯାଇଛି। ବ୍ୟାଙ୍କର ବର୍ତ୍ତମାନର ନଗଦ ଅର୍ଥ ସ୍ଥିତିକୁ ବିଚାରକୁ ନେଇ ଆରବିଆଇ ଜମାକାରୀଙ୍କୁ ସେମାନଙ୍କ ସଞ୍ଚୟ ଖାତା, ଚଳନ୍ତି ଖାତା କିମ୍ବା ଅନ୍ୟାନ୍ୟ ଖାତାରୁ ସର୍ବାଧିକ ୫,୦୦୦ ଟଙ୍କା ଉଠାଇବାକୁ ଅନୁମତି ଦେଇଛି। ତେବେ ଏହାକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ। ଆରବିଆଇ ସ୍ପଷ୍ଟ କରିଛି ଯେ, ଏହି କଟକଣା ଲାଗୁ ହେବାର ଅର୍ଥ ବ୍ୟାଙ୍କର ଲାଇସେନ୍ସ ରଦ୍ଦ ହୋଇଯାଇଛି ନୁହେଁ। ବ୍ୟାଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ଏହା ଉପରେ ଲାଗୁ ହୋଇଥିବା କଟକଣା ଅନୁଯାୟୀ ବ୍ୟାଙ୍

ତିନି ଲକ୍ଷ ଟଙ୍କାର କାମକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା

ଗୋଟିଏ କାମ ପାଇଁ ତିନୋଟି ସୂଚନା ଫଳକ

ଆନନ୍ଦପୁର,୨୨।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଅନ୍ତର୍ଗତ ମଛାଳ ପଞ୍ଚାୟତର ନାଉକଣା ଗ୍ରାମରେ ମଶାଣି ଉନ୍ନତିକରଣ କାର୍ଯ୍ୟକୁ ନେଇ ବିବାଦ ଦେଖାଦେଇଛି। ଦୀର୍ଘ ତିନି ବର୍ଷ ଧରି ମଶାଣି ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ବେଳେ ଏବେ ତିନି ଲକ୍ଷ ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ଗୋଟିଏ କାମ ପାଇଁ କାର୍ଯ୍ୟସ୍ଥଳରେ ତିନୋଟି ସୂଚନା ଫଳକ ଲାଗିଥିବା ଘଟଣା ଏହି ବିବାଦକୁ ଆହୁରି ଚର୍ଚ୍ଚାକୁ ଆଣିଛି। ଅଭିଯୋଗ ଅନୁଯାୟୀ, 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ମଶାଣିରେ ଫେଭର ବ୍ଲକ୍ ପକାଇବା ଓ ସୋଲାର ଲାଇଟ୍ ଲଗାଇବା ପାଇଁ ତିନି ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ତେବେ ଏହି କାମ କିଏ କରିବ, ତାହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମତଭେଦ ଦେଖାଦେଇଛି। ଗୋଟିଏ ପକ୍ଷ କାର୍ଯ୍ୟ ଆରମ୍ଭ ପାଇଁ ସାମଗ୍ରୀ ପକାଇଥିବା କୁହାଯାଉଥିବା ବେଳେ ଅନ୍ୟପକ୍ଷ ମଧ୍ୟ ସମାନ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଛି। ଫଳରେ କାର୍ଯ୍ୟର ବାସ୍ତବ ସ୍ଥିତିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ଅସନ୍ତୋଷ ବଢ଼ିଛି। ସେପଟେ କାର୍ଯ୍ୟସ୍ଥଳରେ ଲାଗିଥିବା ତିନୋଟି ସୂଚନା ଫଳକକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଦୁଇଟି ଫଳକରେ କିଛି ତଥ୍ୟ ଉଲ୍ଲେଖ ଥିବା ବେଳେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଉଲ୍ଲେଖ ନଥିବା ଜଣାପଡ଼ିଛି। ଅନ୍ୟ ଏକ ଫଳକରେ ଆବଶ୍ୟକୀୟ ତଥ୍ୟ ନଥିବା ଅଭିଯୋଗ ହୋଇଛି। ତେବେ ଗୋଟିଏ କାମ ପାଇଁ ତିନୋଟି ସୂଚନା ଫଳକ କାହିଁକି ଲାଗିଛି ଏବଂ କାର୍ଯ୍ୟ କରିବା ପାଇଁ କାହାକୁ ଅନୁମତି ମିଳିଛି, ତାହାର ସ୍ପଷ୍ଟତା ଆବଶ୍ୟକ ହୋଇପଡ଼ିଛି। ଅନ୍ୟପକ୍ଷରେ, ମଶାଣି ଦୀର୍ଘ ତିନି ବର୍ଷ ଧରି ଅଧପନ୍ତରିଆ ହୋଇ ପଡ଼ିରହିବା ପଛର କାରଣକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପୂର୍ବରୁ ଏହି କାର୍ଯ୍ୟ ପାଇଁ କେତେ ଅନୁଦାନ ମିଳିଥିଲା, କେଉଁ ବିଭାଗ ପକ୍ଷରୁ କାମ କରାଯାଇଥିଲା ଏବଂ କାର୍ଯ୍ୟ ଅଧାରେ କାହିଁକି ଅଟକି ରହିଲା, ତାହାର ତଦନ୍ତ ଦାବି ହେଉଛି। ଏଥିସହ କନିଷ୍ଠ ଯନ୍ତ୍ରୀ କାହା ନାମରେ କାର୍ଯ୍ୟର ଲେଆଉଟ୍ ଦେଇଛନ୍ତି ଏବଂ କେଉଁ ଅଧିକାରୀଙ୍କ ତଦାରଖରେ କାମ ହେଉଛି, ତାହା ଜାଣିବାକୁ ଗ୍ରାମବାସୀ ଆଗ୍ରହ ପ୍ରକାଶ କରିଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗ୍ରାମାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଏଭଳି ବିବାଦ ଦେଖାଦେବା ରାଜନୈତିକ ମହଲରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହି ବିବାଦର ପ୍ରକୃତ କାରଣ କ'ଣ ଏବଂ ତିନି ଲକ୍ଷ ଟଙ୍କାର କାର୍ଯ୍ୟ କାହା ଦ୍ୱାରା କରାଯିବ, ସେନେଇ ଘସିପୁରା ବ୍ଲକ୍ ପ୍ରଶାସନର ସ୍ପଷ୍ଟୀକରଣ ଜରୁରୀ ହୋଇପଡ଼ିଛି। ତେଣୁ ପ୍ରଶାସନ ଘଟଣାର ତଦନ୍ତ କରି ଅନୁଦାନ, କାର୍ଯ୍ୟାଦେଶ ଓ ପୂର୍ବ କାର୍ଯ୍ୟର ସ୍ଥିତି ସ୍ପଷ୍ଟ କରିବା ସହ ଶୀଘ୍ର ମଶାଣିର ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

● ସତ୍ୟବାଦୀ ବ୍ଲକ ଭଙ୍ଗାରୁଜା ଘଟଣା

ପ୍ରଶାସନର ଅନୁରୋଧରେ ବିଜେଡିର ରାସ୍ତାରୋକ ସ୍ଥଗିତ, ଧାରଣା ଜାରି

ସତ୍ୟବାଦୀ, ୨୨।୧୦ (ସଂଚାର ବ୍ୟୁରୋ): ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ଭଙ୍ଗାରୁଜା ଘଟଣାକୁ ୯ ଦିନ ବିତିଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ କରି ବିଜେଡି ପକ୍ଷରୁ ଘୋଷିତ ରାସ୍ତାରୋକକୁ ସ୍ଥଗିତ କରାଯାଇଛି। ପ୍ରଶାସନର ଅନୁରୋଧ ଏବଂ ୩ ଦିନ ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ପରେ ଏହି ନିଷ୍ପତ୍ତି ହୋଇଛି। ତେବେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଅବ୍ୟାହତ ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଗୁରୁବାର ସ୍ଥାନୀୟ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ ଓ ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକ ବିଜେଡି ନେତା ଉମାକାନ୍ତ ସାମନ୍ତରାୟଙ୍କ ସହ ଆଲୋଚନା କରିଥିଲେ। ୩ ଦିନ ମଧ୍ୟରେ ଘଟଣାରେ ଆଇନାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନ ଦିଆଯିବା ପରେ ଶୁକ୍ରବାର ପ୍ରସ୍ତାବିତ ରାସ୍ତାରୋକ ସ୍ଥଗିତ ରଖାଯାଇଛି। ଉମାକାନ୍ତ ସାମନ୍ତରାୟ କହିଛନ୍ତି, ୩ ଦିନ ମଧ୍ୟରେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ। ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା ମଧ୍ୟ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ୧୪ ତାରିଖରେ ବ୍ଲକ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଭଙ୍ଗାରୁଜା ଓ ସରକାରୀ ଉପକରଣ ନଷ୍ଟ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ବିଡିଓ ଓ ବ୍ଲକ ଅଧ୍ୟକ୍ଷ ସତ୍ୟବାଦୀ ଥାନାରେ ପୃଥକ ଅଭିଯୋଗ କରିଥିଲେ। ଘଟଣା ପରେ ଅଧ୍ୟକ୍ଷଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ଚାଲିଛି। ଇତିମଧ୍ୟରେ ରାଜ୍ୟ ସମିତିସଭ୍ୟ-ସଭ୍ୟା ପରିବାରର ଏକ ପ୍ରତିନିଧି ଦଳ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ଅଧ୍ୟକ୍ଷଙ୍କୁ ଭେଟିଥିଲେ। ସଂଗଠନର ରାଜ୍ୟ ସଭାପତି ସମରେନ୍ଦ୍ର ଦୀକ୍ଷିତ, ଉପସଭାପତି ପ୍ରକାଶ ସାମନ୍ତରାୟ ଓ କାର୍ଯ୍ୟକାରୀ ସଭାପତି ଅଜିତ ଶ୍ରୀଚନ୍ଦନଙ୍କ ସମେତ ବହୁ ସଦସ୍ୟ ଘଟଣାକୁ ନିନ୍ଦା କରିଛନ୍ତି। ଆଗାମୀ ୩ ଦିନ ମଧ୍ୟରେ ପ୍ରଶାସନର ପଦକ୍ଷେପ ଉପରେ ଆନ୍ଦୋଳନର ପରବର୍ତ୍ତୀ ରୂପରେଖା ନିର୍ଭର କରିବ ବୋଲି ଜଣାପଡ଼ିଛି।

ପୁଲିସ ଶହୀଦ୍ ସ୍ମୃତି ଦିବସ

ଫୁଲବାଣୀ,୨୨।୧୦ (ସଂଚାର ବ୍ୟୁରୋ): ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆ ଠାରେ ଜିଲ୍ଲା ପୁଲିସ ତରଫରୁ ୬୭ ତମ ପୁଲିସ ଶହୀଦ୍ ସ୍ମୃତି ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ଯୋଗ ଦେଇ ସହୀଦ ସ୍ମୃତି ସ୍ମାରକୀରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମବେତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ।ଏ ଅବସରରେ ଚଳିତ ବର୍ଷ ପାଇଁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପଠନ କରାଯାଇଥିଲା। ସହିଦ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତୋପ ସଲାମୀ ଦିଆ ଯାଇଥିଲା। ରିଜର୍ଭ ଇନ୍ସପେକ୍ଟର ବାଲୁକେଶ୍ୱର କଚ୍ଛପ ପ୍ୟାରେଡ ପରିଚାଳନା କରିଥିବା ବେଳେ ଅତିରିକ୍ତ ଏସପି ବିଭୁତି ଭୂଷଣ ମହାପାତ୍ର, ସଦର ଏଡିପିଓ ଶୁଭ୍ରଜିତ୍ ବିଶ୍ୱାଳ ଓ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ। ୧୫୪ ଜଣ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିବା ବେଳେ ୮ ଶହୀଦ ପରିବାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବେଆଇନ ଚାନ୍ଦା ଆଦାୟକୁ ନେଇ ଫିଲ୍ମ 'ଆଜିଠୁ'

ହିଞ୍ଜିଳିକାଟୁ,୨୨।୧୦(ସଂଚାର ବ୍ୟୁରୋ): ପୂଜା ପର୍ବରେ ବେଆଇନ ଚାନ୍ଦା ଆଦାୟକୁ ନେଇ ଫିଲ୍ମ 'ଆଜିଠୁ'। ବେଆଇନ ଜବରଦସ୍ତ ଚାନ୍ଦା ଆଦାୟ ହେଉଛି ତ ଆଉ କେଉଁଠି ଚାନ୍ଦା ଟଙ୍କା ମଦମାଂସରେ ଉଡୁଛି। ତାକୁ ନେଇ ପ୍ରସ୍ତୁତ ହେଉଛି ଫିଲ୍ମ ଆଜିଠୁ। ପାର୍ବଣ ଋତୁରେ ଲୋକଙ୍କୁ ସଚେତନ କରିବା ସହ ଏଭଳି ଘୃଣ୍ୟ କାମ କରୁଥିବା ଅସାମାଜିକ ଲୋକଙ୍କୁ ଅନୁତପ୍ତ କରାଇବା ପାଇଁ ଅଂଚଳର ଯୁବକ ଗୋଷ୍ଠି ଏକ ଛୋଟ ପ୍ରୟାସ କରିଛନ୍ତି। ଚଳଚିତ୍ରଟି ଆଗାମୀ ଦୀପାବଳିରେ ରିଲିଜ ହେବାକୁ ଥିବା ବେଳେ ୫-୬ ଦିନ ହେବ ହିଞ୍ଜିଳି,କୁକୁଡାଖଣ୍ଡି,ଦିଗପହଣ୍ଡି ବ୍ରହ୍ମପୁର ସମେତ ବିଭିନ୍ନ ଅଂଚଳରେ ସୁଟିଙ୍ଗ କରାଯାଉଛି। ମୋ ଫିଲ୍ମ ପ୍ରଡକ୍ସନରେ ନିର୍ମାଣ ହୋଇଥିବା "ଆଜିଠୁ" ଆଗାମୀ ଦୀପାବଳିରେ ରିଲିଜ ହେବାକୁ ଥିବା ଚଳଚିତ୍ରର ପ୍ରଯୋଜନା ଭାର ଯୁବ ସାମ୍ବାଦିକ ପପୁ ରଣା ନେଇଥିବା ବେଳେ ନିର୍ଦ୍ଦେଶନା ଭାର ବିନୋଦ ପାତ୍ର ଏବଂ ଚିତ୍ରତୋଳନ ଦାଇତ୍ୱ ଦୀପକ ରଣା ତୁଲାଇଛନ୍ତି।

ମା'ଦୁର୍ଗା ଭସାଣୀ ଉତ୍ସବ ଧୁମଧାମରେ ପାଳିତ

କୋରେଇ,୨୨।୧୦(ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲକ୍ଷ୍ମୀନଗର ଗ୍ରାମପଞ୍ଚାୟତର ଲକ୍ଷ୍ମୀନଗର ଗ୍ରାମର ମା' ଦୁର୍ଗା ଠାକୁରାଣୀଙ୍କ ଭସାଣୀ ଉତ୍ସବ ବଡ଼ ଧୁମଧାମ ଓ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ମା'ଦୁର୍ଗା ଠାକୁରାଣୀଙ୍କୁ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇ ଭସାଣୀ ପାଇଁ ପ୍ରସ୍ତୁତ କରାଯାଇଥିଲା। ଗ୍ରାମର ମୁଖ୍ୟ ଛକରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ତାରାପୁର, ବାଲିଆପଶିରେ ମା'ଙ୍କୁ ବଳି ଲଗାଇ ପୂଜା କରିବା ପରେ ଆଖପାଖ ଗ୍ରାମ ପରିକ୍ରମା କରି ଡିଗି ପୋଖରୀ ଅଭିମୁଖେ ଯାଇଥିଲା।ଶୋଭାଯାତ୍ରାରେ ଢୋଲ, ମହୁରୀ, ଘଣ୍ଟ, ଡିଜେ ସାଉଣ୍ଡ ସହିତ ହଜାର ହଜାର ଭକ୍ତ ସାମିଲ ହୋଇ 'ମା' ଦୁର୍ଗା କି ଜୟ' ଧ୍ୱନୀରେ ଆକାଶ କମ୍ପାଇ ଦେଇଥିଲେ। ଯୁବକ-ଯୁବତୀମାନେ ନୃତ୍ୟ ଗୀତ କରି ମା'ଙ୍କୁ ଭାବବିହ୍ୱଳ ବିଦାୟ ଦେଇଥିଲେ। ଶେଷରେ ଡିଗି ପୋଖରୀରେ ମା'ଙ୍କ ପ୍ରତିମାକୁ ବିସର୍ଜନ କରାଯାଇଥିଲା। ଏହି ଭସାଣୀ ଉତ୍ସବରେ ଲକ୍ଷ୍ମୀନଗର ପଞ୍ଚାୟତ ସରପଞ୍ଚ ସର୍ବେଶ୍ୱର ସାହୁ, ପୂଜା କମିଟିର ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟଙ୍କ ସମେତ ଗ୍ରାମର ବୟୋଜ୍ୟେଷ୍ଠ, ମହିଳା ଓ ହଜାର ହଜାର ଜନସାଧାରଣ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହ ଭଷାଣୀ ପର୍ବକୁ ପାଳନ କରିଥିଲେ।

ଅମିତଙ୍କୁ ମରଣାନ୍ତକ ଆକ୍ରମଣ, କଟକରେ ଚିକିତ୍ସିତ

ବୈଶିଙ୍ଗା,୨୨।୧୦ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗୁପୁରା ଗ୍ରାମର ଜନୈକ ଯୁବକ ସ୍ୱର୍ଗତ ଗୌରମୋହନ ସାହୁଙ୍କ ପୁତ୍ର ଅମିତ କୁମାର ସାହୁ (୩୫)ଙ୍କୁ କେତେକ ଅସାମାଜିକ ଯୁବକ ଖଣ୍ଡା ଓ ଭୁଜାଲି ରେ ରକ୍ତାକ୍ତ ଆକ୍ରମଣ କରି ଫେରାର ହୋଇଯାଇଥିବା ଖବର ପୋଲିସର ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ ବାଚା ସୃଷ୍ଟି କରିଛି। ଘଟଣାରୁ ପ୍ରକାଶ ଆକ୍ରମଣର ପୂର୍ବ ଦିନ ରବିବାର ସନ୍ଧ୍ୟାରେ ଖଇରବଣୀ ନିକଟସ୍ଥ ରୟାଲ ଢାବାରେ ଅମିତ ଓ ସାଙ୍ଗମାନେ ମିଶି ଖାଇଥିବା ସମୟ ଆକ୍ରମଣକାରୀ ଏହି ଯୁବକ ମାନଙ୍କ ସହିତ ଝଗଡ଼ା ହୋଇଥିଲା। ପରେ ସେହି ଯୁବକ ମାନଙ୍କୁ ଯୁଗୁପୁରା ନେଇ ଯାଇ ବିଚାର ବିମର୍ଷ ପରେ ସମାଧାନ ହୋଇ ଯାଇଥିଲା। ମାତ୍ର ଏହି ଯୁବକ ମାନଙ୍କର ପ୍ରତିଶୋଧ ବହ୍ନି ମନରୁ ଲିଭି ନି ଥିଲା। ତହିଁ ପରଦିନ ସୋମବାର ସନ୍ଧ୍ୟା ପରେ ଏହି ଯୁବକ ମାନେ ୫/୬ ଟି ବାଇକ ରେ ଆସି ପାଇଁତରା ମାରୁଥିଲେ। ଅମିତ ଏକୁଟିଆ ନିଜ ସ୍କୁଟିରେ ବୈଶିଙ୍ଗା ଆସୁଥିବା ବେଳେ ମଝି ରାସ୍ତାରେ ତାଙ୍କ ଗାଡିକୁ ଅଟକାଇ ଏହି ଅସାମାଜିକ ଯୁବକ ମାନେ ଅନ୍ଧାଧୁନ ମାରଣାସ୍ତ୍ର ରେ ଆକ୍ରମଣ କରିଥିଲେ। ଅମିତ ନିଜକୁ ବଞ୍ଚାଇବାକୁ ଯାଇ ନିକଟସ୍ଥ ଏକ ଘର ଭିତରକୁ ଦୌଡି ପଳାଇ ଯିବାରୁ ଆକ୍ରମଣକାରୀ ମାନେ ବୈଶିଙ୍ଗା ରୁ ମାଣତ୍ରା ଦିଗରେ ପଳାଇ ଯାଇଥିଲେ। ଏମାନଙ୍କ ସହିତ ବାହାରୁ ଭଡାଟିଆ ଗୁଣ୍ଡା ଆସିଥିବାର ଆଲୋଚନା ହେଉଛି।

ଦୁର୍ଗା ପୂଜା ରାବଣ ପୋଡ଼ି ମହାସମାରୋହରେ ପାଳିତ

ସୁବର୍ଣ୍ଣପୁର,୨୨।୧୦ (ସଂଚାର ବ୍ୟୁରୋ): ଚଳିତବର୍ଷ ବ୍ଲକଛକ ଦୁର୍ଗାପୂଜା କମିଟି ପକ୍ଷରୁ ଏବର୍ଷ ଆକର୍ଷଣୀୟ ସାଜସଜ୍ଜା ସହ ହୋଇଛି। ଗତ ରାତିରେ ଅନୁଷ୍ଠିତ ରାବଣ ପୋଡି ଉତ୍ସବ ରେ ପ୍ରାୟ ୨୦ହଜାର ଦର୍ଶକଙ୍କ ଭିଡ ଜମି ଥିଲା। ଏ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ରାବଣ ଦରବାରରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଦେବାଶିଷ ସିଂହ ଓ ସମ୍ମାନିତ ଅତିଥି ଭାବରେ ଏସପି ନାରାୟଣ ନାଏକ ଯୋଗ ଦେଇ ଅନ୍ୟାୟ ଉପରେ ନ୍ୟାୟ, ଓ ଅଧର୍ମ ଉପରେ ଧର୍ମର ବିଜୟ ର ପ୍ରତୀକ ଏ ରାବଣ ପୋଡ଼ି ମହୋତ୍ସବ ବୋଲି କହିଥିଲେ। ସଭାପତି ଅରବିନ୍ଦ ବାରିକ ସଂପାଦକ ନିଶାନ୍ତ ମହାନ୍ତି, ବିଲ୍ଲୀପ ପାତ୍ର ବଳଦେବ ବେଦବାକ, ଶରତ ମହାପାତ୍ର, ଡଃ ଜ୍ୟୋତି ରଞ୍ଜନ ବହିଦାର ପ୍ରମୁଖ ମଞ୍ଚାସିନ ଥିବାବେଳେ ପୂଜା କମିଟିର ସ୍ମରଣିକା ଶାକମ୍ବରୀ ଅତିଥି ଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ରାବଣ ଭୂମିକାରେ ନାଟ୍ୟଶ୍ରୀ ଦେବରାଜ ଛତ୍ରୀଆ ଙ୍କ ଅଭିନୟ ଖୁବ ଉଚ୍ଚକୋଟୀର ଥିଲା। ଏ ଅବସରରେ ମଞ୍ଚ ଉପରେ ନାଚଗୀତ ର ଆସରକୁ ଅନେକ ରାତିଯାଏ ଦର୍ଶକ ମନଭରି ଉପଭୋଗ କରିଥିଲେ। ଶେଷରେ ଅତିଥି ଙ୍କ ଦ୍ୱାରା ରାବଣ ଙ୍କ ଦେହରେ ଅଗ୍ନି ସଂଯୋଗ କରାଯାଇଥିଲା। ପିପିଲି ରୁ ଆସିଥିବା ବିଭିନ୍ନ ଆତସବାଜୀର ପ୍ରଦର୍ଶନ କୁ ଦର୍ଶକ ଖୁବ ପ୍ରଶଂସା କରିଥିଲେ।

ସାର୍ବଜନୀନ ଦୁର୍ଗାପୂଜା ରାବଣ ପୋଡ଼ି ସହ ସମ୍ପନ୍ନ

ଲାଞ୍ଜିଗଡ଼,୨୨।୧୦ (ସଂଚାର ବ୍ୟୁରୋ): ଲାଞ୍ଜିଗଡ଼ ବ୍ଲକ ଶିଳ୍ପାଞ୍ଚଳ ଲାଞ୍ଜିଗଡ଼ ଠାରେ ସାର୍ବଜନୀନ ଦୁର୍ଗାପୂଜା ମହା ଆଡମ୍ବରରେ ରାବଣ ପୋଡ଼ି ସହ ସମ୍ପୂର୍ଣ୍ଣ ହୋଇଯାଇଛି।ଏ ବର୍ଷ ଲାଞ୍ଜିଗଡ଼ ଦୁର୍ଗାପୂଜା ୬୧ ବର୍ଷରେ ପଦାର୍ପଣ କରିଥିବା ବେଳେ ଏକ ଗୌରବମୟ ଅତୀତକୁ ମନେ ପକାଇବା ସହିତ ନୂତନ ପ୍ରକାର ସାଜସଜ୍ଜାରେ ସଜେଇ ଏହି ପୂଜାକୁ ଆକର୍ଷଣୀୟ ଓ ଉତ୍ସବ ମୁଖର କରିବା ପାଇଁ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲେ।ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ସହିତ ମେଲୋଡ଼ି ପରିବେଷଣ ସହିତ ଦୋକାନ ବଜାର ଆଦି ଯୋଜନା ଓ ଶେଷ ଦିବସରେ ରାବଣ ପୋଡ଼ି ବ୍ୟବସ୍ଥା ରହିଥିବା ବେଳେ ଭକ୍ତ, ଶ୍ରଦ୍ଧାଳୁ ଓ କଳାପ୍ରେମୀ ଜନସାଧାରଣଙ୍କୁ ଅଭିଭୂତ ପୂଜାଛୁଟିର ଉପଭୋଗ ମାତ୍ରାକୁ ଦ୍ୱିଗୁଣିତ କରିଦେଇଥିଲା।ଏହି ଅବସରରେ ଗୁରୁବାର ଅପରାହ୍ନରେ ଦୁର୍ଗା ପୂଜା କମିଟି ପକ୍ଷରୁ ଲାଞ୍ଜିଗଡ଼ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଏକ ବିରାଟ କଳସ ଯାତ୍ରାରେ ବାହାରି ନିକଟସ୍ଥ ବଂଶୀଧାରା ନଦୀରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଶୁକ୍ରବାର ଠାରୁ ଦେବୀ ଦୁର୍ଗାଙ୍କ ଷଷ୍ଠୀ ପୂଜା ଆରମ୍ଭ ହୋଇଥିବା ବେଳେ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ଏଥର ଆକର୍ଷଣୀୟ ମୂର୍ତ୍ତି ସହିତ ମେଢ଼ ଓ ମଣ୍ଡପ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା।ପାଞ୍ଚଦିନ ଧରି ଚାଲିଥିବା ଏହି ପୂଜାରେ କର୍ତ୍ତା ଭାବେ ପିତାମ୍ବର ଡ଼ମବିଶି ଓ ତାଙ୍କ ଧର୍ମ ପତ୍ନୀ ଦେବକୀ ଡ଼ମବିଶି ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ଡ.ରୋହିତ କୁମାର ଆଚାର୍ଯ୍ୟ ରହିଥିବା ବେଳେ ତାଙ୍କ ସହିତ ଡ଼.ମୋହନ ପୁରୋହିତ, ଅଭିଷେକ ଦେବତା, ଦେବାଶିଷ ଦେବତା, ସୁରେନ୍ଦ୍ର ମିଶ୍ର, ପ୍ରବିନ ତ୍ରିପାଠୀ ଓ ସତ୍ୟବ୍ରତ ପଣ୍ଡା ରହିଥିଲେ।

ତପୋବନ ମେଳାର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୨୨।୧୦(ସଂଚାର ବ୍ୟୁରୋ): ଆଜି ମଧ୍ୟାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ କପିଳାସ ମହିମା ତପୋବନ ପୀଠ ସ୍ଥଳୀରେ ବାର୍ଷିକ ମେଳାର ଆୟୋଜନ ଓ ସୁପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୨୦ ତାରିଖ ଶୁକ୍ରବାର ଦିନ ଏହି ମେଳା ଅନୁଷ୍ଠିତ ହେବ। ମେଳା ଆୟୋଜନ ନିମନ୍ତେ ରାସ୍ତାଘାଟର ଆବଶ୍ୟକ ମରାମତି, ପାନୀୟ ଜଳ ଯୋଗାଣ, ଆଶୁ ଚିକିତ୍ସା ବ୍ୟବସ୍ଥା, ମେଳା ପରିସର ପରିଷ୍କାର ପରିଚ୍ଛନ୍ନତା ଓ ବିଶୋଧନ ବ୍ୟବସ୍ଥା, ଡ଼ି.ଜି. ମାଧ୍ୟମରେ ଆଲୋକିକରଣ, ଅସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ, ଭକ୍ତମାନଙ୍କ ଯାତାୟତ ପାଇଁ ଗାଡ଼ି ବ୍ୟବସ୍ଥା ସଂପର୍କରେ ଆଲୋଚନା ହୋଇଥିଲା। ସଂପୃକ୍

SANCHAR
ସଂଚାର
ଶୁକ୍ରବାର ୨୩ ଅକ୍ଟୋବର ୨୦୨୬

ସ୍ୱାସ୍ଥ୍ୟ

ସକାଳେ ଖାଲି ପେଟରେ ଆପଲ୍ ଭିନେଗାର ସ୍ୱାସ୍ଥ୍ୟ ପାଇଁ ହିତକର

ବର୍ତ୍ତମାନ ସମୟରେ ଖରାପ ଖାଦ୍ୟପେୟ ପାଇଁ ମୋଟାପଣ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏବେ କିଛୁ କିଛି ଲୋକ ଫିଟ୍ ରହିବାକୁ ଗୁରୁତ୍ୱ ଦେଉଛନ୍ତି। ଓଜନ କମାଇବା ପାଇଁ ଅନେକ ଲୋକ ଜିମ ଯାଉଛନ୍ତି ତ ଆଉ ପୁଣି ଏକ୍ସରସାଇଜ୍ ଏବଂ ଡାଏଟ୍ କରୁଛନ୍ତି। ଆଉ କିଛି ଲୋକ ବ୍ୟସ୍ତବହୁଳ ଜୀବନ ପାଇଁ ସର୍ଟକଟ ଉପାୟରେ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି। ତେଣୁ ସକାଳେ ଖାଲି ପେଟରେ ଆପଲ୍ ସାଇଡର୍ ଭିନେଗାର ପିଇଥାଆନ୍ତି। ହେଲେ ଆମ ଶରୀରରେ ଉପରେ କ'ଣ ପ୍ରଭାବ ପଡ଼େ ଆପଣ ଜାଣିଛନ୍ତି କି ? ତେବେ ଏହାକୁ ଖାଲିପେଟରେ ଉଷୁମ ପାଣି ସହିତ ପିଇଲେ କ'ଣ ହୁଏ ସେ ସମ୍ପର୍କରେ ଆମେ ଆଜି ଆପଣଙ୍କୁ ଜଣାଇବୁ।

ହଜମ ପ୍ରକ୍ରିୟାକୁ ଉନ୍ନତ କରେ: ଅନେକ ଲୋକ ସକାଳେ କୋଷ୍ଠକାଠିନ୍ୟ ଏବଂ ହଜମ ପ୍ରକ୍ରିୟା ଭଳି ସମସ୍ୟା ଦେଖାଦେଇଥାଏ। ଏହି ସମସ୍ୟାକୁ ରୋକିବାରେ ଆପଲ୍ ସାଇଡର ଭିନେଗାର ସାହାଯ୍ୟ କରିଥାଏ। କିନ୍ତୁ ଏହା ସମସ୍ତଙ୍କ ପାଇଁ ଲାଭକାରୀ ହୋଇନଥାଏ।

ଓଜନ ହ୍ରାସ କରେ: ଅନେକ ଅଧ୍ୟୟନରୁ ଜଣାପଡିଛି ଯେ ଆସେଟିକ୍ ଏସିଡ୍ ମେଟାବୋଲେଜିମକୁ ବୃଦ୍ଧି କରିଥାଏ। ତେଣୁ ଏହାକୁ ପିଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ। ଏହା ଆପଣଙ୍କୁ ସାରା ଦିନ କମ୍ କ୍ୟାଲୋରୀ ଗ୍ରହଣ କରିବାରେ ସାହାଯ୍ୟ କରେ, ଯାହା ଓଜନ ଏବଂ ପେଟର ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିପାରେ। କିନ୍ତୁ କେବଳ ଭିନେଗାର ପିଇ ଓଜନ କମାଇବା ସମ୍ଭବ ନୁହେଁ। ଏଥିପାଇଁ ସୁସ୍ଥ ଖାଦ୍ୟ, ବ୍ୟାୟାମ ଏବଂ ଭଲ ଜୀବନଶୈଳୀ ମଧ୍ୟ ଆବଶ୍ୟକ।

ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣ କରେ: ଏହା ମଧୁମେହ କିମ୍ବା ଇନସୁଲିନ୍ ପ୍ରତିରୋଧକତା ଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। କେତେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଆପଲ୍ ସାଇଡର୍ ଭିନେଗାର ଶରୀରର ଇନସୁଲିନ୍ ପ୍ରତିକ୍ରିୟାରେ ସାମାନ୍ୟ ସୁଧାର ଆଣିପାରେ। ସକାଳେ ଖାଲି ପେଟରେ ACV ପିଇବା ଦ୍ୱାରା ଶରୀରର ଇନସୁଲିନ୍ ସମ୍ବେଦନଶୀଳତା ଉନ୍ନତ ହୁଏ, ଯାହା ଖାଇବା ପରେ ରକ୍ତ ଶର୍କରା ସ୍ପାଇକ୍ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ତଥାପି ଯେଉଁମାନଙ୍କର ଡାଇବେଟିସ୍ ସମସ୍ୟା ରହିଛି ସେମାନେ ଏହାକୁ ପିଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍।

ହାର୍ଟ ସମସ୍ୟାକୁ ଦୂର କରେ: ଆପଲସାଇଡ଼ର ଭିନେଗାରରେ ଅଧିକ ଲିପୋପ୍ରୋଟିନ ରହିଥାଏ। ଏଥିରେ ଟ୍ରାଇଗ୍ଲିସେରାଇଡ ମଧ୍ୟ ରହିଥାଏ। ଏହି ସବୁ ଉପାଦାନ ହାର୍ଟ ପାଇଁ ଅତ୍ୟନ୍ତ ହିତକର ବୋଲି ପ୍ରମାଣିତ ହୋଇ ଆସୁଛି। ତେଣୁ ଏହାକୁ ପିଇବା ଦ୍ୱାରା କୋଲେଷ୍ଟ୍ରୋଲର ମାତ୍ରାକୁ କମ୍ କରିଥାଏ। ଫଳରେ ହାର୍ଟ ଜନିତ ସମସ୍ୟାର ଆଶଙ୍କାକୁ କମ୍ କରିଥାଏ।

ତ୍ୱଚା ସମସ୍ୟାକୁ ଦୂର କରେ: ଶୁଷ୍କ ତ୍ୱଚା ଓ ଏକଜିମା ଭଳି ଚର୍ମ ରୋଗ ପାଇଁ ଆପଲ ସାଇଡ଼ର ଭିନେଗାରକୁ ବ୍ୟବହାର କରାଯାଇଥାଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଆପଲ ସାଇଡର ଭିନେଗାରକୁ ପାଣିରେ ମିଶାଇ ତ୍ୱଚାରେ ଲଗାନ୍ତୁ। ଯାହା ଆମ ଶରୀରର ନ୍ୟାଚୁରାଲ PHସ୍ତରକୁ ଠିକ ରଖିଥାଏ। କିନ୍ତୁ ଏହା ସମସ୍ତଙ୍କ କ୍ଷେତ୍ରରେ ସମାନ ହୋଇ ନଥାଏ। ତେଣୁ ପ୍ରଥମେ ଆପଣ ଏହାକୁ ପ୍ୟାଚ ଟେଷ୍ଟ କରି ହିଁ ବ୍ୟବହାର କରିବା ଆବଶ୍ୟକ ଏବଂ ଏହି ଭିନେଗାରକୁ ପାଣିରେ ମିଶାଇ ବ୍ୟବହାର କରିବା ଆବଶ୍ୟକ।

ବର୍ଷା ଦିନେ କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ହୋଇଥାଏ ହାନିକାରକ

ବର୍ଷା ଦିନେ କ୍ଷୀର ପିଇବା ପାଇଁ ଘରର ବୟସ୍କ ବ୍ୟକ୍ତିମାନେ ମନା କରିଥାନ୍ତି। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏଭଳି କାହିଁକି କୁହାଯାଇଥାଏ। ବର୍ଷା ଦିନେ କ୍ଷୀର ପିଇବା ଦ୍ୱାରା ପେଟ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଯାଇଥାଏ। ଏହା ବ୍ୟତୀତ କ୍ଷୀର ଆପଣଙ୍କ ଡାଇଜେଷ୍ଟିଭ ସିଷ୍ଟମକୁ ଖରାପ କରିଥାଏ। କ୍ଷୀର ଫୁଡ ପଏଜନିଙ୍ଗର କାରଣ ହୋଇପାରେ। କ୍ଷୀର ପିଇବା ଦ୍ୱାରା ଏସିଡିଟି ଏବଂ ପେଟ ଖରାପ ହେବାର ସମ୍ଭାବନା ଥାଏ। ଏହି ବର୍ଷା ଦିନରେ କ୍ଷୀର ପିଇବା ଦ୍ୱାରା ଶରୀରକୁ ଅନେକ କ୍ଷତି ପହଞ୍ଚିଥାଏ। ଆୟୁର୍ବେଦ ଅନୁଯାୟୀ, ବର୍ଷା ଋତୁରେ କ୍ଷୀର ପିଇବା ଉଚିତ ନୁହେଁ କାରଣ ଏହା ଶରୀରକୁ ଅନେକ ପ୍ରକାରର କ୍ଷତି ପହଞ୍ଚାଏ। ତେବେ ବର୍ଷା ଋତୁରେ କୀଟ ପତଙ୍ଗମାନଙ୍କର ମାତ୍ରା ଅଧିକ ବଢିଯାଏ। ଏପରି ପରିସ୍ଥିତିରେ ଗାଈ ଏବଂ ମଇଁଷି ମାନଙ୍କ ଘାସରେ ବିଷାକ୍ତ କୀଟ ପତଙ୍ଗ ରହିଥାନ୍ତି। ପଶୁ ମାନେ ସେହି ଘାସ ଖାଇବା ପରେ ସେମାନେ ସଂକ୍ରମିତ ହୋଇପାରନ୍ତି। ଯାହା ପରେ ଆପଣ କ୍ଷୀର ପିଇବା ଦ୍ୱାରା ଫୁଡ ପଏଜନିଙ୍ଗର ଶିକାର ହୋଇପାରନ୍ତି।

ଏହି ଋତୁରେ କ୍ଷୀର ପିଇବା ଦ୍ୱାରା ଆପଣଙ୍କ ହଜମ ପ୍ରକ୍ରିୟାରେ ସମସ୍ୟା ଦେଖାଯାଇ ପାରେ ଏବଂ ଡାଇଜେଷ୍ଟିଭ ଏନଜାଇମ୍ କୁ କ୍ଷତି ପହଞ୍ଚିଥାଏ। ଏହା ବ୍ୟତୀତ ଶରୀରରେ ଅନେକ ପ୍ରକାରର ପ୍ରତିକ୍ରିୟା ମଧ୍ୟ ହୋଇପାରେ। ଯଦି ଆପଣ କୌଣସି ଜିନିଷ ଖାଉଛନ୍ତି , ତେବେ ଏହା ହଜମ ହେବା ପାଇଁ ସମୟ ଲାଗିଥାଏ ଏବଂ ଏହା ଦ୍ୱାରା ସ୍ଲୋ ମେଟାବୋଲିଜିମ୍ ହୋଇଥାଏ |

ବର୍ଷା ଦିନରେ ପଶୁ ମାନଙ୍କୁ ରୋଗ ହେବାର ଆଶଙ୍କା ଅଧିକ ଥାଏ। ଏପରିସ୍ଥିତିରେ କ୍ଷୀର ପିଇବା ଆପଣଙ୍କ ଶରୀର ପାଇଁ ହାନିକାରକ ହୋଇପାରେ। ତେଣୁ ଏହି ଦିନରେ କ୍ଷୀର ପିଇବା ଠାରୁ ଦୂରେଇ ରୁହନ୍ତୁ। କ୍ଷୀର ପିଇବାକୁ ଚାହୁଁଥିଲେ ଏହାକୁ ଭଲ ଭାବେ ଫୁଟାଇବା ପରେ ଏଥିରେ ଅଳ୍ପ ହଳଦୀ ମିଶାଇ ପିଇ ପାରିବେ। ଏହି କ୍ଷୀର ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବ ନାହିଁ।

ହାଡ଼କୁ ଦୁର୍ବଳ କରୁଛି ଅଧିକ ଲୁଣ

ସୁସ୍ଥ ରହିବାକୁ ସମସ୍ତେ ଚାହାଁନ୍ତି। ସେଥିପାଇଁ ଅନେକ କିଛି କରିଥାଆନ୍ତି। ନିଜକୁ ଫିଟ୍ ଏବଂ ହେଲଦି ରଖିବା ପାଇଁ ଡାଏଟ କରନ୍ତି ତ ଆଉ କିଏ ମର୍ଣ୍ଣିଂୱାକ୍ କରନ୍ତି ତ ଆଉ ପୁଣି କେହି କେହି ଜିମରେ ଜଏନ୍ ହୁଅନ୍ତି। ଏହା ସତ୍ତ୍ୱେ ମଧ୍ୟ ବେଳେ ବେଳେ ଆମ ହାଡ଼ ଦୁର୍ବଳ ହେବା ଭଳି ଅନୁଭବ ହୋଇଥାଏ। ଆମ ଜାଣତ ଅଜାଣତରେ ଆମ ଖରାପ ଖାଦ୍ୟପେୟ ଏହି ସବୁ ସମସ୍ୟାର କାରଣ ହୋଇଥାଏ। ଏମିତି କିଛି ଜିନିଷ ଅଛି ଯାହା ପାଟିକୁ ତ ସ୍ୱାଦ ଦେଇଥାଏ କିନ୍ତୁ ଆମକୁ ଅନେକ କ୍ଷତି ଆଡକୁ ଟାଣି ନେଇଥାଏ। ଦିନକୁ ଦିନ ବଦଳୁଥିବା ଖାଦ୍ୟ ପାନୀୟର ଭୁଲ୍ ଅଭ୍ୟାସ ଯୋଗୁଁ ଆଜି ପ୍ରତି ୫ ଜଣରେ ଜଣେ ବ୍ୟକ୍ତି କୌଣସି ନା କୌଣସି ସ୍ୱାସ୍ଥ୍ୟ ସମସ୍ୟାରେ ଶିକାର ହୋଇଥାନ୍ତି। ଯେପରି କି ଆଣ୍ଠୁ ଗଣ୍ଠି ଦରଜ। ପ୍ରଥମେ ଏଭଳି ସମସ୍ୟା କେବଳ ବୟସ୍କ ଲୋକଙ୍କ ନିକଟରେ ଦେଖିବାକୁ ମିଳୁଥିଲା। କିନ୍ତୁ ଆଜି ଅଳ୍ପ ବୟସରେ ମଧ୍ୟ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ଏମିତିରେ ଆବଶ୍ୟକ ଏଭଳି ଖାଦ୍ୟ ଖାଇବେ ଯେଉଁଥିରେ ସାରା ଜୀବନ ହାଡ ମଜଭୁତ ରହିବ। ଆଉ ହାଡକୁ ମଜଭୁତ କରିବା ପାଇଁ ଅତ୍ୟନ୍ତ ଜରୁରୀ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି। ଯଦି ଏହି ଦୁଇ ତତ୍ୱ ମଧ୍ୟରୁ ଯେ କୌଣସି ଗୋଟିଏର ମାତ୍ରା କମ୍ ହୁଏ ତେବେ ଆଣ୍ଠୁ ଗଣ୍ଠି ଦରଜ ଭଳି ସମସ୍ୟା ଦେଖାଦେଇଥାଏ। ହେଲେ କଣ ଆପଣ ଜାଣନ୍ତି ଆମେ ଦୈନନ୍ଦିନ ଜୀବନରେ ଏଭଳି କିଛି ଖାଦ୍ୟ ଖାଇଥାଉ ଯାହା ଦିନକୁ ଦିନ ଆମ ହାଡକୁ ଦୁର୍ବଳ କରିଥାଏ। ଆଜି ଆମେ ଆପଣଙ୍କୁ ସେ ସମ୍ପର୍କରେ ଜଣାଇବୁ।

ଅଧିକ ଲୁଣ: ଖାଦ୍ୟର ସ୍ୱାଦ ବଢାଇଥାଏ ଲୁଣ। କିନ୍ତୁ ଅଧିକ ଲୁଣ ଖାଇଲେ ହାଡ ଦୁର୍ବଳ ହୋଇଯାଇଥାଏ। ଲୁଣରେ ସୋଡିୟମର ମାତ୍ରା ଅଧିକ ଥାଏ। ଯାହା ଶରୀରରୁ ଯିବା ପରେ କ୍ୟାଲସିୟମକୁ ୟୁରିନ୍ ମାଧ୍ୟମରେ ବାହାରକୁ ବାହାର କରିଦେଇଥାଏ। ଯାହା ଫଳରେ ଶରୀରରେ କ୍ୟାଲସିୟମ ମାତ୍ରା କମିଯିବା ସହ ହାଡ ଦୁର୍ବଳ ହୋଇଯାଇଥାଏ।

ଚକଲେଟ୍: ଛୋଟ ହେଉ ବା ବଡ , ଚକଲେଟ୍ ସମସ୍ତଙ୍କ ପସନ୍ଦ। ଏହା ନା କେବଳ ମୁଡକୁ ଫ୍ରେସ୍ କରିଥାଏ ବରଂ ମୁହଁର ସ୍ୱାଦ ମଧ୍ୟ ବଢାଇଥାଏ। କିନ୍ତୁ ଆବଶ୍ୟକତାଠାରୁ ଅଧିକ ଚକଲେଟ୍ ଖାଇଲେ ଏହାର ସିଧା ପ୍ରଭାବ ହାଡ ଉପରେ ପଡିଥାଏ। ଅଧିକ ଚକଲେଟ୍ ଖାଇଲେ ଶରୀରରେ ସୁଗାର ଏବଂ ଓକ୍ସାଲେଟର ମାତ୍ରା ବଢିଯାଇଥାଏ। ଯାହା ଫଳରେ ଶରୀରରେ କ୍ୟାଲସିୟମ ପ୍ରବେଶ କରି ପାରିନଥାଏ ଏବଂ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ।

କୋଲ୍ଡ ଡ୍ରିଙ୍କ୍ସ: ଖରାଦିନେ କୋଲ୍ଡ ଡ୍ରିଙ୍କ୍ସ ପ୍ରାୟ ସମସ୍ତଙ୍କର ଡାଏଟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଏ। କିନ୍ତୁ ମନେ ରଖନ୍ତୁ କୋଲ୍ଡ ଡ୍ରିଙ୍କ୍ସରେ କାର୍ବ ଡାଇଅକ୍ସାଇଡ୍ ଏବଂ ଫସଫରସ୍ ଥାଏ। ଯାହା ଶରୀର ମଧ୍ୟକୁ ପ୍ରବେଶ କରି ହାଡକୁ ଦୁର୍ବଳ କରିଦେଇଥାଏ।

ଚା ଏବଂ କଫି: ଚା ହେଉ ବା କଫି, ଅଧିକାଂଶ ଲୋକ ନିଜ ଦିନର ଆରମ୍ଭ ଏଥିରୁ ହିଁ କରିଥାନ୍ତି। କିନ୍ତୁ ଏସବୁ ପିଇବା ପୂର୍ବରୁ ଏହାର କ୍ଷତି ବିଷୟରେ ଜାଣିବା ଆବଶ୍ୟକ। ଚା ଏବଂ କଫିରେ କଫିନ୍ ଭରପୁର ମାତ୍ରାରେ ଥାଏ। ଯଦି ଏହା ଅଧିକ ମାତ୍ରାରେ ଶରୀର ମଧ୍ୟକୁ ପ୍ରବେଶ କରେ ତେବେ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ।

ରାମବାଣ ହେଉଛି ଭୂସି

ଆଧୁନିକ ଜୀବନଶୈଳୀ ଏବଂ ଖାଦ୍ୟପେୟ ଆମ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଥାଏ। ଆମ ଖାଦ୍ୟରେ ପୁଷ୍ଟିକରତା , ଫାଇବରର ଅଭାବ ଏବଂ ଫାଷ୍ଟ , ଜଙ୍କ୍ ଫୁଡ୍ ଭଳି ଖାଇବା, ଆମ ପାଚନ ପ୍ରକ୍ରିୟାକୁ ବହୁତ କ୍ଷତି ପହଞ୍ଚାଇଛି। ଫଳସ୍ୱରୂପ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି, ବଦହଜମୀ ଏବଂ ପେଟ ଭାରୀ ହେବା ଭଳି ସମସ୍ୟା ସାଧାରଣ ହୋଇଗଲାଣି। ଏପରି ସମସ୍ୟା ଦେଖାଦେବା ମାତ୍ରେ ତୁରନ୍ତ ଆମେ ମେଡିସିନ୍ ଖାଇ ଦେଇଥାଉ। କିନ୍ତୁ ବାରମ୍ବାର ମେଡିସିନ୍ ଖାଇବା କ୍ଷତିକାରକ ହୋଇଥାଏ। ହେଲେ ଆମେ ଆଜି ଆପଣଙ୍କୁ ଗୋଟିଏ ଘରୋଇ ଉପଚାର ସମ୍ପର୍କରେ ଜଣାଇବୁ, ଯାହା ପେଟ ଥଣ୍ଡା ରଖିବା ସହ ଅନେକ ସମସ୍ୟାରୁ ମୁକ୍ତି ଦେବ।

ଭୂସି ନାଁ ବୋଧେ ସମସ୍ତେ ଶୁଣିଥିବେ ନିଶ୍ଚୟ। ଯାହାକୁ ପାଣିରେ ବତୁରାଇଦେବା ମାତ୍ରେ ଜେଲ ଭଳି ହୋଇଯାଇଥାଏ। କବ୍ଜ ଭଳି ସମସ୍ୟା ପାଇଁ ଭୂସି ପିଇବାକୁ ପରାମର୍ଶ ଦିଆଯାଇଥାଏ। ଯାହାକୁ ଆୟୁର୍ବେଦର ଏକ ଔଷଧ ଭାବେ ବିବେଚନା କରାଯାଏ। ଏଥିରେ ପ୍ରଚୁର ମାତ୍ରାରେ ଫାଇବର ରହିଛି। ଯାହା କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ତେବେ କେବଳ କୋଷ୍ଠକାଠିନ୍ୟ ନୁହେଁ ଆହୁରି ଅନେକ ସମସ୍ୟାକୁ ମଧ୍ୟ ଦୂର କରିଥାଏ। ତେବେ ଆସନ୍ତୁ ଭୂସିର ଫାଇଦା ବିଷୟରେ ଜାଣିବା ।

ଭୂସିରେ ହାଇଗ୍ରୋସ୍କୋପିକ୍ ଗୁଣ ରହିଛି। ଯାହା ଡାଇଜେଷ୍ଟିବ ସିଷ୍ଟମ୍‌ରୁ ଅଧିକରୁ ଅଧିକ ଜଳ ଶୋଷିବାରେ ସାହାଯ୍ୟ କରେ। ଏଥିରେ ଥିବା ଫାଇବର କବ୍ଜକୁ ଶୀଘ୍ର ଭଲ କରିଥାଏ। ପେଟ ସମସ୍ୟା ଥିଲେ କ୍ଷୀର ସହ ୨ ଚାମଚ ଭୂସି ମିଶାଇ ପିଇପାରିବେ।

ଭୂସି ଅନ୍ତନଳୀକୁ ପରିଷ୍କାର କରେ। ଫଳରେ ପେଟରେ ହେଉଥିବା ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରେ। ଡାଇରିଆ ବେଳେ ଆପଣ ଭୂସିକୁ ଦହିରେ ମିଶାଇ ଖାଇବା ଦ୍ୱାରା ଏହି ସମସ୍ୟାରୁ ରକ୍ଷା ମିଳିଥାଏ। ଉଭୟ ଦହି ଓ ଭୂସି ଡାଇରିଆକୁ ରୋକିବାରେ ସହାୟକ କରିଥାଆନ୍ତି।

ବ୍ଲଡ୍ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ଭୂସି ସାହାଯ୍ୟ କରେ। କାରଣ ଏହା ଗ୍ଲୁକୋଜ୍‌କୁ ଅବଶୋଷଣ କରିଥାଏ। ଏହା ବ୍ୟତୀତ ଏଥିରେ ଥିବା ଜିଲୋଟିନ୍ ଆପଣଙ୍କି ବ୍ଲଡ୍ ସୁଗାରକୁ ମଧ୍ୟ କମ୍ କରିବାରେ ସାହାଯ୍ୟ କରେ।

ଭୂସି ପିତ୍ତ ଏସିଡ୍‌କୁ ବାନ୍ଧିଥାଏ ଓ ଏଲଡିଏଲ ଅର୍ଥାତ୍ ଖରାପ କୋଲୋଷ୍ଟ୍ରୋଲର ସ୍ତରକୁ କମ୍ କରିବାରେ ସାହାଯ୍ୟ କରେ। ଏହା ଏଚ୍‌ଡିଏଲ ଅର୍ଥାତ୍ ଉତ୍ତମ କୋଲୋଷ୍ଟ୍ରୋଲର ସ୍ତରକୁ ମଧ୍ୟ ବଢ଼ାଏ।

ଭୂସି ଶରୀରରେ ଟ୍ରାଇଗ୍ଲିସରାଇଡ୍ ଲେବଲକୁ କମ୍ କରେ। ଫଳରେ ହାର୍ଟ ସୁସ୍ଥ ରହେ। ଏହା ହାର୍ଟର ମାଂସପେଶୀକୁ ମଜଭୁତ କରେ, ଲିପିଡ୍ ସ୍ତରକୁ ବଢ଼ାଏ ଓ ବ୍ଲଡ୍ ପ୍ରେସରକୁ କମ୍ କରିଥାଏ।

ଭୂସି ଓଜନ କମ୍ କରିବାରେ ମଧ୍ୟ ସାହାଯ୍ୟ କରେ। ଏହାକୁ ୧ ଗ୍ଲାସ ପାଣିରେ କିମ୍ବା ଜୁସ୍‌ରେ ମିଶାଇ ପିଅନ୍ତୁ। ଆପଣ ଚାହିଲେ ଲେମ୍ବୁ ପାଣିରେ ମଧ୍ୟ ଭୂସି ମିଶାଇ ପିଇପାରିବେ। ଏହା ପେଟକୁ ଥଣ୍ଡା ରଖିବା ସହ ଓଜନ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ।

ଚାଉଳ କ୍ଷୀରି ଶରୀରକୁ ଯୋଗାଇଥାଏ ପୋଷଣ

ଚାଉଳ କ୍ଷୀରି ଓଡ଼ିଶା ସହିତ ଭାରତର ବିଭିନ୍ନ ଅଞ୍ଚଳରେ ଅତ୍ୟନ୍ତ ପ୍ରିୟ ଏକ ପାରମ୍ପରିକ ମିଠା ଖାଦ୍ୟ। ଏହା ଚାଉଳ, କ୍ଷୀର, ଚିନି କିମ୍ବା ଗୁଡ଼ ଏବଂ ବିଭିନ୍ନ ଡ୍ରାଏଫ୍ରୁଟ୍ସ ମିଶାଇ ପ୍ରସ୍ତୁତ କରାଯାଏ। ସ୍ୱାଦିଷ୍ଟ ହେବା ସହିତ ଏହା ଅନେକ ପୋଷକତତ୍ତ୍ୱରେ ଭରପୂର ଥିବାରୁ ଶରୀର ପାଇଁ ବହୁତ ଉପକାରୀ ହୋଇଥାଏ। ପ୍ରଥମେ, ଚାଉଳ କ୍ଷୀରି ଶରୀରକୁ ଶକ୍ତି ପ୍ରଦାନ କରେ। ଚାଉଳରେ ପ୍ରଚୁର ପରିମାଣର କାର୍ବୋହାଇଡ୍ରେଟ ଥାଏ, ଯାହା ଶରୀରର ପ୍ରମୁଖ ଶକ୍ତିର ଉତ୍ସ। କ୍ଷୀରି ଖାଇଲେ ଶରୀରକୁ ତୁରନ୍ତ ଶକ୍ତି ମିଳେ ଏବଂ ଦୁର୍ବଳତା କମିଯାଏ। ବିଶେଷକରି ଶିଶୁ, ଛାତ୍ରଛାତ୍ରୀ ଏବଂ ଶାରୀରିକ ପରିଶ୍ରମ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ବେଷ୍ଟ।

କ୍ଷୀରରେ ଥିବା କ୍ୟାଲସିୟମ୍ ହାଡ଼ ଏବଂ ଦାନ୍ତକୁ ମଜବୁତ କରେ। ଚାଉଳ କ୍ଷୀରିର ପ୍ରମୁଖ ଉପାଦାନ ହେଉଛି କ୍ଷୀର, ଯେଉଁଥିରେ କ୍ୟାଲସିୟମ୍, ପ୍ରୋଟିନ୍, ଭିଟାମିନ୍—ଡି ଓ ଅନ୍ୟାନ୍ୟ ଖଣିଜ ତତ୍ତ୍ୱ ରହିଥାଏ। ଏହି ସମସ୍ତ ପୋଷକତତ୍ତ୍ୱ ଶରୀରର ବୃଦ୍ଧି ଓ ବିକାଶରେ ସାହାଯ୍ୟ କରେ। ନିୟମିତ ଭାବେ ସୀମିତ ପରିମାଣରେ କ୍ଷୀରି ଖାଇଲେ ହାଡ଼ ଶକ୍ତିଶାଳୀ ହୁଏ। ଚାଉଳ କ୍ଷୀରି ଶରୀରକୁ ପୋଷଣ ଯୋଗାଇଥାଏ। ଏଥିରେ କାଜୁ, କିସମିସ, ବାଦାମ ଭଳି ଉପାଦାନ ମିଶାଇଲେ ଏହାର ପୋଷକମୂଲ୍ୟ ଆହୁରି ବଢ଼ିଯାଏ। ଏହି ଶୁଖିଲା ଫଳଗୁଡ଼ିକରେ ଭିଟାମିନ୍, ଖଣିଜ ଲବଣ ଓ ଆଣ୍ଟିଅକ୍ସିଡେଣ୍ଟ ଥାଏ, ଯାହା ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହା ମନକୁ ଶାନ୍ତି ଏବଂ ଖୁସି ଦେଇଥାଏ। ମିଠା ଖାଦ୍ୟ ସାଧାରଣତଃ ମନକୁ ପ୍ରସନ୍ନ କରେ। ପର୍ବପର୍ବାଣୀ, ପୂଜାପାଠ ଓ ପାରିବାରିକ ଉତ୍ସବରେ ଚାଉଳ କ୍ଷୀରି ନିଶ୍ଚିତ ଭାବରେ ହୋଇଥାଏ। ଏହା ପରିବାର ସଦସ୍ୟମାନଙ୍କ ମଧ୍ୟରେ ସ୍ନେହ ଓ ଏକତା ବଢ଼ାଇବାରେ ମଧ୍ୟ ସହାୟକ ହୁଏ।

ଚାଉଳ କ୍ଷୀରି ସହଜପାଚ୍ୟ ଖାଦ୍ୟ ଭାବେ ମଧ୍ୟ ପରିଚିତ। ନରମ ଏବଂ ତରଳ ପ୍ରକୃତିର ହୋଇଥିବାରୁ ଏହାକୁ ଶିଶୁ ଓ ବୃଦ୍ଧମାନେ ସହଜରେ ଖାଇପାରନ୍ତି। ଅସୁସ୍ଥତା ପରେ ଶରୀରକୁ ଶକ୍ତି ଫେରାଇବା ପାଇଁ ମଧ୍ୟ କ୍ଷୀରି ଏକ ଭଲ ବିକଳ୍ପ ହୋଇପାରେ। ତେବେ ଏକଥା ମନେ ରଖିବା ଆବଶ୍ୟକ ଯେ, ଅତ୍ୟଧିକ ଚିନି ମିଶାଇ ଅଧିକ ପରିମାଣରେ କ୍ଷୀରି ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ମଧୁମେହ ରୋଗୀ ଏବଂ ଓଜନ ନିୟନ୍ତ୍ରଣ କରୁଥିବା ବ୍ୟକ୍ତିମାନେ ସୀମିତ ପରିମାଣରେ ଏହା ସେବନ କରିବା ଉଚିତ।

ଚାଉଳ କ୍ଷୀରି ଏକ ସ୍ୱାଦିଷ୍ଟ, ପୌଷ୍ଟିକ ଓ ଶକ୍ତିବର୍ଦ୍ଧକ ଖାଦ୍ୟ। ଏହା ଶରୀରକୁ ଶକ୍ତି ଦେବା, ହାଡ଼କୁ ମଜବୁତ କରିବା, ପୋଷଣ ଯୋଗାଇବା ଓ ମାନସିକ ସନ୍ତୁଷ୍ଟି ପ୍ରଦାନ କରିବାରେ ସହାୟକ। ତେଣୁ ସନ୍ତୁଳିତ ପରିମାଣରେ ଚାଉଳ କ୍ଷୀରି ସେବନ କଲେ ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ପ୍ରମାଣିତ ହୋଇପାରେ।

କାଠ ପୋଲରେ ବିପଦସଙ୍କୁଳ ଯାତ୍ରା

ବାଜିରେ ଲାଗିଛି ୧୦ରୁ ଊର୍ଦ୍ଧ୍ୱ ଗାଁର ଭବିଷ୍ୟତ

କନ୍ଧମାଳ,୨୨।୧୦ (ସଂଚାର ବ୍ୟୁରୋ): ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଦେଶ ଯେତେବେଳେ ବିକାଶର ନୂଆ ନୂଆ ସୋପାନ ଅତିକ୍ରମ କରିବାର ଡିଣ୍ଡିମ୍ ପିଟୁଛି, ସେତେବେଳେ କନ୍ଧମାଳ ଜିଲ୍ଲାର ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକଙ୍କ ଭାଗ୍ୟ ଅଟକି ରହିଛି ଗୋଟିଏ କାଠ ପୋଲ ଉପରେ। ସରକାରଙ୍କ ବିକାଶର ଚକ ରାଜପଥରେ ପଡୁଥିବା ବେଳେ ଡୁମୁଡ଼ିବନ୍ଧ ବ୍ଲକ ଓ କୋଟଗଡ଼ ବ୍ଲକର ସୀମାନ୍ତରେ ରହିଥିବା ଦୁର୍ଗାପଙ୍ଗା ଓ ଗୁମା ପଞ୍ଚାୟତ ଅନ୍ତର୍ଗତ ଡ଼ିମିଲି, ଭାଲୁଗୁଡ଼ା, ବାଡ଼ିପାଙ୍ଗା, ଲିଡ଼ାଙ୍ଗ, କାଣିବାରୁ, ଗୋଲାମ ପଙ୍ଗା ୧୦ରୁ ଊର୍ଦ୍ଧ୍ୱ ଗାଁର ଲୋକେ ଆଜି ବି ନାଳ ଉପରେ କାଠ ପକାଇ ଜୀବନ ର ରାସ୍ତା ଖୋଜୁଛନ୍ତି।ଏମିତି ଅନେକ ଆଦିବାସୀ ଅଧ୍ୟୁଷିତ ଗାଁ ରହିଛି। ପାହାଡ଼ ପର୍ବତ ଘେରା ହାତୀ, ବାଘ, ଭାଲୁ, ହିଂସ୍ରଜନ୍ତୁ ଶରୀସୃପ ରହୁଥିବା ଜଙ୍ଗଲ ରେ ୮୦୦ ରୁ ଊର୍ଦ୍ଧ୍ୱ ଆଦିବାସୀ ଅଧ୍ୟୁଷିତ ପରିବାର ବସବାସ କରୁଥିବା ଦେଖିବାକୁ ମିଳିଛି। କେନ୍ଦ୍ର ଓ ରାଜ୍ୟ ସରକାର ସହିତ ପ୍ରଶାସନ ଜାଣି, ଶୁଣି ଚୁପ୍ କାହିଁକି, ନା ଅଛି ବିଶୁଦ୍ଧ ପାନୀୟ ଜଳ, ନା ଅଛି ବିଜୁଳି ଆଲୁଅ, ନା ଅଛି ଭଲ ରାସ୍ତା।ବୋଧହୁଏ ଏହି ଅଞ୍ଚଳର ବିକାଶ ପାଇଁ ସରକାରୀ ଯୋଜନାରେ ପୋଲ ବଦଳରେ କାଠ ଗଣ୍ଡିକୁ ହିଁ ଯୋଗ୍ୟ ମନେ କରା ଯାଇଛି। ନଚେତ୍ ବର୍ଷ ବର୍ଷ ଧରି ଲୋକଙ୍କ ଦୁର୍ଦ୍ଦଶା ଜାଣି ମଧ୍ୟ କାହିଁକି ନିରବ ପ୍ରଶାସନ ? ନିର୍ବାଚନ ଆସିଲେ ଗାଁ ଗାଁ ରେ ପ୍ରତିଶ୍ରୁତିର ବର୍ଷା ହୁଏ, କିନ୍ତୁ ବାସ୍ତବ ବର୍ଷା ହେଲେ ଲୋକଙ୍କ ଦୁଃଖ ଦୁଇଗୁଣ ହୋଇଯାଏ। ନାଳରେ ପାଣି ବଢ଼ିଲେ ଯୋଗାଯୋଗ ବିଚ୍ଛିନ୍ନ, ଆଉ ଜୀବନ ର ଗତିପଥ ଅନ୍ଧକାରମୟ। ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ ଓ ପଞ୍ଚାୟତ କାର୍ଯ୍ୟାଳୟ ଯିବା ପାଇଁ ଛୋଟ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ବିପଦସଙ୍କୁଳ ନାଳ ପାର ହେବାକୁ ପଡୁଛି। ଏହା କେବଳ ଯାତାୟାତର ସମସ୍ୟା ନୁହେଁ। ଏହା ମଣିଷର ମୌଳିକ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ସମ୍ମାନର ସହ ବଞ୍ଚିବାର ପ୍ରଶ୍ନ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ନହେବାରୁ ଅଞ୍ଚଳବାସୀ ଧୌର୍ଯ୍ୟର ବନ୍ଧ ଭାଙ୍ଗିବାକୁ ବସିଛି। ଏବେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଭୋଟ ବର୍ଜନ କରିବାର କଡ଼ା ଚେତାବନୀ ଦେଇଛନ୍ତି। ପ୍ରଶ୍ନ ଉଠୁଛି ଜନତାଙ୍କ ଭୋଟରେ କ୍ଷମତାର ସିଂହାସନ ମଜବୁତ ହେଉଥିବା ବେଳେ ସେହି ଜନତାଙ୍କ ଦୁଃଖ ଉପରେ ପ୍ରଶାସନର ଦୃଷ୍ଟି କାହିଁକି ପଡୁନାହିଁ। ଲୋକଙ୍କୁ ଆଉ ପ୍ରତିଶ୍ରୁତିର ପୋଲ ନୁହେଁ, ନାଳ ଉପରେ ଦରକାର ଏକ ସ୍ଥାୟୀ ପୋଲ ଓ ଗାଁ କୁ ଭଲ ରାସ୍ତା। ନଚେତ୍ ବିକାଶର ନାରା କେବଳ ଭାଷଣରେ ସୀମିତ ରହିବ, ଆଉ ଆଦିବାସୀ ଙ୍କ ଜୀବନ କାଠ ପୋଲର ବିପଦ ଉପରେ ଝୁଲୁଥିବ ? ଏବେ ଦେଖିବାକୁ ବାକି ରହିଲା, ଲୋକଙ୍କ ଦୁଃଖ ପ୍ରଶାସନର କାନରେ ପହଞ୍ଚୁଛି ନା ପୁଣି ଥରେ କାଠ ପୋଲ ହିଁ ଏହି ଅଞ୍ଚଳର ବିକାଶର ଏକମାତ୍ର ସାକ୍ଷୀ ହୋଇ ରହିବ।

ଗଣେଶ ପଡ଼ିଆ ନିକଟରୁ ବ୍ରାଉନସୁଗର ଜବତ: ଅଭିଯୁକ୍ତ କୋର୍ଟ ଚାଲାଣ

ଧାମନଗର,୨୨।୧୦ (ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଓ ଥାନା ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ଅଧିନ ଗଣେଶ ପଡ଼ିଆ ନିକଟରୁ ୧୦.୩୦ଗ୍ରାମ ବ୍ରାଉନସୁଗର, ମୋବାଇଲ ସହ ବାଇକ ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ଧାମନଗର ପୋଲିସ। ସୂଚନା ଅନୁଯାୟୀ ଭଞ୍ଜ।ରି ୧ପ।ଖ ର।ବ୍ଲକ ଅନ୍ତର୍ଗତ ମଣିନାଥପୁର ଅଞ୍ଚଳର ଗଦାଧର ଥାଟୋଇ ନାମକ ଜଣେ ଯୁବକ ବାଇକରେ ନିଶାଦ୍ରବ୍ୟ ଦେବା ଉଦ୍ଦେଶ୍ୟରେ ଆସିଥିବା ସନ୍ଦେହ କରି ଗ୍ରାମବାସୀ ତାଙ୍କୁ ଅଟକ ରଖିଥିଲେ। ପୋଲିସକୁ ଖବର ଦେବା ପରେ ଆଇଆଇସି ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏଏସଆଇ ନରେନ୍ଦ୍ର ରାଉତ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଅଟକ ଯୁବକଙ୍କ ସହ ତାଙ୍କ ନିକଟରୁ ପାଖାପାଖି ୫୦ରୁ ଉର୍ଦ୍ଧ ଛୋଟ ଛୋଟ ପୁଡ଼ିଆ ୧୦.୩୦ଗ୍ରାମ ବ୍ରାଉନସୁଗର ଜବତ କରିଥିଲେ। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ଏଥିସହିତ ଏକ ବାଇକ, ମୋବାଇଲ, ମନିପର୍ସ କିଛି ନଗଦ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଥାନା କେସ ନଂ ୪୫୪/୨୬ ୟୁ/ଏସ ୨୧(ବି)/୨୯(୧) ଏନ.ଡି.ପି.ଏସ ଧାରାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗଦାଧରକୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

■ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

ନୀଳଗିରି,୨୨।୧୦(ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ୍ ବରହମପୁର ଥାନା ଗରଡିହି ପଞ୍ଚାୟତ ଅନ୍ତର୍ଗତ ଟିଆକଟା ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ। ଗତ ୧୮ ତାରିଖ ରବିବାର ସନ୍ଧ୍ୟାରେ ବରହମପୁର ଥାନା ଗରଡିହି ପଞ୍ଚାୟତ ଅଧିନ ଟିଆକଟା ଗ୍ରାମର ଚନ୍ଦନ ସିଂଙ୍କ ସ୍ତ୍ରୀ ସୁଜାକ୍ତି ସିଂ (୩୮) ବାରିପଦାରୁ ଫେରି କଳାକାଦ ହାଟରେ ସଉଦାପତ୍ର କିଣାକିଣି କରୁଥିବାବେଳେ ଉକ୍ତ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜିବଣିଆ ଗ୍ରାମର ଲିଟୁ ଓରଫ ଅଭିଜିତ ସିଂ (୨୩) ଏବଂ ସିପୁନ ସିଂ (୨୦) ଉଭୟ କୁଞ୍ଜିବଣିଆ ଗ୍ରାମର ଏହି ଦୁଇଅଭିଯୁକ୍ତଙ୍କ ସହ ଭେଟ ହୋଇଥିଲା। ଘରେ ଛାଡିଦେବା ବାହାନାରେ ସେମାନେ ତାଙ୍କୁ ମୋଟରସାଇକେଲରେ ଏକ ନିଛାଟିଆ ଖାଦାନଅଞ୍ଚଳକୁ ନେଇ ଜୋରଜବରଦସ୍ତି ଦୁଷ୍କର୍ମକରି ଛାଡିଦେଇ ପଳାଇଥିବା ଅଭିଯୋଗ ହୋଇଛି। ପରେ ପୀଡ଼ିତା ସୁଜାକ୍ତି ସିଂ ନିଜ ପରିବାର ଲୋକଙ୍କୁ କହିବାସହ ନିଜେ ବରହମପୁର ଥାନାରେ ଗତ ସୋମବାର ୧୯ତାରିଖ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବରହମପୁର ପୋଲିସ ଘଟଣାକୁ ଗୁରୁତ୍ୱଦେଇ କେସ୍ ନମ୍ବର ୧୨୭/୨୬ ମାମଲା ରୁଜୁ କରିବାସହ ଘଟଣାସ୍ଥଳ ପରିଦର୍ଶନକରି ତଦନ୍ତ କରି ଦୁଇଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମଙ୍ଗଳବାର ତାଙ୍କର ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିଲା। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

● ସ୍କୁଲରୁ ଦୁଇ ଦଶମ ଶ୍ରେଣୀ ଛାତ୍ର ନିଖୋଜ

ଫଟୋ ଦେଖାଇ ଖୋଜୁଛନ୍ତି ଦୁଇ ମାଆ

ନୀଳଗିରି,୨୨।୧୦(ସଂଚାର ବ୍ୟୁରୋ): ଘରୁ ଖାଇ ପିଇ ଆନନ୍ଦରେ ଆସିଥିଲେ ସ୍କୁଲକୁ। ଦିନ ପ୍ରାୟ ୧.୩୦ଟା ସମୟରେ ଦୁଇ ଛାତ୍ର ଙ୍କୁ ଦଶମ ଶ୍ରେଣୀ ରେ ଦେଖିବାକୁ ପାଇ ନ ଥିଲେ ଶିକ୍ଷକ। ଶିକ୍ଷକ ଙ୍କର ସନ୍ଦେହ ହେବାରୁ ଘଟଣା ବାବଦରେ ଦୁଇ ପିଲାଙ୍କ ଅଭିଭାବକଙ୍କୁ ଛାତ୍ର ମାନେ ସ୍କୁଲକୁ ଆସିନଥିବା ସୂଚନା ଦେଇଥିଲେ। ଦୁଇ ଛାତ୍ରଙ୍କ ମାଆ ଦୁଇ ପିଲାଙ୍କ ଖବର ଶିକ୍ଷକ ଙ୍କଠାରୁ ପାଇ ଖୋଜାଖୋଜି କରି ନ ପାଇବାରୁ ବ୍ୟସ୍ତ ହୋଇ ନୀଳଗିରୀ ଥାନାରେ ପୃଥକ ପୃଥକ ଭାବେ ନିଖୋଜ ମାମଲା ଅଭିଯୋଗ କରିଛନ୍ତି। ଦୁଇ ପିଲାଙ୍କୁ ପାଇବା ଆଶାନେଇ ମୋବାଇଲ୍ ରେ ଫଟୋ ଦେଖାଇ ଦୁଇଜଣ ମାଆ ଖୋଜୁଥିବାର ଦେଖିବାକୁ ମିଳିଛି। ସୁତନାଅନୁସାରେ ନୀଳଗିରି ସହରର ଏକ ହାଇସ୍କୁଲର ଦଶମଶ୍ରେଣୀରେ ପଢୁଥିବା ବାଲିଗୋହିରୀ ଗ୍ରାମର ବବିତା ମହାପାତ୍ର ଙ୍କ ର ପୁଅ ଆୟୁଷ କୁମାର ପତି ଓ ଖନ୍ତପଡ଼ା ଥାନା ଅନ୍ତର୍ଗତ ଆମ୍ବଡିଆ ଗ୍ରାମର ମିନି ସିଂ ର ପୁଅ ଆକାଶ ସିଂ ଗତ ୧୫ତାରିଖରେ ସ୍କୁଲକୁ ଆସିଥିବା ବେଳେ ଦିନ ପ୍ରାୟ ସାଢେ ଗୋଟାଏ ରେ ଦୁଇ ଛାତ୍ର ସ୍କୁଲରେ ନ ଥିବାର ଦେଖି ସ୍କୁଲ ପକ୍ଷରୁ ଅଭିଭାବକ ଙ୍କୁ ଜଣାଇ ଦିଆ ଯାଇଥିଲା। ପରେ ଦୁଇ ପିଲାଙ୍କ ମାଆ ନିଳଗିରି ଥାନାରେ ନିଖୋଜ (ମିସିଂ) ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଜାରି ରଖିଛନ୍ତି। ଏ ନେଇ ଥାନରେ ୪୭୧/୨୬ ଓ ୪୭୨/୨୬ରେ ମାମଲା ରୁଜୁ ହୋଇଛି।

ଜୁଆ ଆଡ୍ଡା ଚଢ଼ାଉ, ୬ ଗିରଫ

ହିଞ୍ଜିଳିକାଟୁ,୨୨।୧୦(ସଂଚାର ବ୍ୟୁରୋ): ପରଖରା ନାଁ ରେ ଜୁଆ ଖେଳ।ପାର୍ବଣ ଋତୁରେ ହିଞ୍ଜିଳିକାଟୁ ଥାନା ଗିରିଆ ଗ୍ରାମରେ ଏକ ଜୁଆ ଆଡ୍ଡା ଚାଲିଥିବା ବେଳେ ହିଞ୍ଜିଳି ପୋଲିସ କୌଣସି ସୂତ୍ରରୁ ଖବର ପାଇଁ ମଙ୍ଗଳବାର ରାତିରେ ଅତର୍କିତ ଚଢ଼ଉ କରି ୬ ଜଣଙ୍କୁ କାବୁ କରିଛି।ସେମାନଙ୍କ ପାଖରୁ ୧୮ ହଜାର ୫୨୫ ଟଙ୍କା, ୪ ଟି ମୋବାଇଲ ଓ ୨ଟି ତାସ କାର୍ଡ ଜବତ ହୋଇଥିବା ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

ପୁଲିସ ପକ୍ଷରୁ ଶହୀଦ ସ୍ମୃତି ଦିବସ ପାଳିତ

ସୁବର୍ଣ୍ଣପୁର,୨୨।୧୦(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ରିଜର୍ଭ ପୋଲିସ ପଡିଆ ଠାରେ ୬୭ ତମ ଶହୀଦ ସ୍ମୃତି ଦିବସ ପାଳିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଏସପି ଶ୍ରୀ ନାରାୟଣ ନାୟକ ଯୋଗ ଦେଇ ଦେଶ ତଥା ବିଦେଶ ରେ ବିଭିନ୍ନ ଜରୁରୀ କାଳୀନ ସମୟରେ ମାତୃଭୂମି ଓ ଦେଶର ସୁରକ୍ଷା ପାଇଁ ଶହୀଦ୍ ହୋଇଥିବା ଆମ ଜିଲ୍ଲା, ରାଜ୍ୟ ତଥା ଦେଶର ପୋଲିସଙ୍କ ସ୍ମୃତି ଚାରଣ କରିବା ସହ ମହାମାନ୍ୟ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ବାର୍ତ୍ତା ପଠନ କରିଥିଲେ । ଏହି ଅବସରରେ ପ୍ୟାରେଡ୍ ମାଧ୍ୟମ ରେ ଶହୀଦ୍ ଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରା ଯାଇଥିଲା । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡ. ଦୁର୍ଗାଦତ୍ତ ଦାଶ ଯୋଗ ଦେଇ ଏସପି ଶ୍ରୀ ନାରାୟଣ ନାୟକ ଙ୍କ ସହିତ ଶହୀଦ୍ ପୋଲିସ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ୨୦୦୯ ମସିହାରେ ସମ୍ବଲପୁର ଜିଲ୍ଲା ରେ ସହିଦ ହୋଇଥିବା ଆମ ଜିଲ୍ଲା ର ପୋଲିସ ଅଫିସର ନରସିଂହ ମହାକୁଡଙ୍କ ପତ୍ନୀଙ୍କୁ ଏବଂ କୋରାପୁଟରେ ସହିଦ ହୋଇଥିବା ଆମ ଜିଲ୍ଲା ପୋଲିସ ବିଭୀଷଣ ସାହୁ ଙ୍କ ପରିବାର କୁ ଆଜି ଏହି ଉତ୍ସବରେ ଜିଲ୍ଲାପାଳ ଓ ଏସପି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

ବାଇକକୁ ଧକ୍କାଦେଲା ବାଇକ: ଜଣେ ମୃତ, ଜଣେ ଆହତ

ଧାମନଗର,୨୨।୧୦ (ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅଧିନସ୍ଥ ଅନହରପୁର ବଜାରରେ ଦୁଇଟି ବାଇକ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତିଙ୍କ ଘର ଧାମନଗର ବ୍ଲକ ମୁସ୍ତାଫାପୁର ପଞ୍ଚାୟତ ଅଧିନ ନୂଆପଡା ଗ୍ରାମର ନିରଞ୍ଜନ ବେହେରା(୫୬) ଜଣାପଡ଼ିଛି। ସେ ତାଙ୍କ ଝିଅ ଘର ଇଛଦାରୁ ବାଇକରେ ଫେରୁ ଥିବା ବେଳେ ଅନହରପୁର ଗ୍ରାମର ଅଖିଳ ସ୍ୱାଇଁଙ୍କ ପୁଅ ସତ୍ୟ ଜିତ ସ୍ୱାଇଁ ଦୃତ ଗତିରେ ଆସି ନିଜ ବାଇକ ଆଣି ନିରଞ୍ଜନଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ନିରଞ୍ଜନ ବେହେରାଙ୍କ ମୃତୁ ଘଟିଥିଲା ଓ ସତ୍ୟଜିତ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଧାମନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମେଡିକାଲକୁ ପଠାଇ ଥିବା ସୂଚନା ଦିଆଯାଇଛି। ନିରଞ୍ଜନଙ୍କ ପୁତୁରା ରତିକାନ୍ତ ବେହେରା ଅଭିଯୋଗ କ୍ରମେ ଥାନା କେସ ନଂ ୪୫୩/୧୯/୧୦/୨୬ରେ ଏକ ମାମଲା ରୁଜୁ କରି ଆଇଆଇସି ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ନାରାୟଣ ନାୟକ ଅଧିକ ତଦନ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ଉଭୟଙ୍କ ଦୁଇଟି ବାଇକକୁ ଜବତ କରି ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

ଚାନ୍ଦାକରି ରାସ୍ତା ମରାମତି କଲେ କପୁଗୁଡ଼ା ଗ୍ରାମବାସୀ

କନ୍ଧମାଳ,୨୨।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡା ପଞ୍ଚାୟତ ୫ ନମ୍ବର ୱାର୍ଡ କପୁଗୁଡ଼ା ଡଲାବାଲି କଟାବାଲି ବେସେଙ୍ଗିନାକୁ ମାହାଗୁଡ଼ା ସୁଣ୍ଡିସାହି ବରସାହି ଗାଁକୁ ଗମନାଗମନ ପାଇଁ ମଗଡ଼ିଙ୍ଗିଆ ସ୍କୁଲ ଛକ ଠାରୁ ଆରମ୍ଭ କରି ଉପର କଙ୍ଗେରିକିଆ ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଦାବି କରି ଆସୁଥିଲେ ମଧ୍ୟ ସରକାର ଙ୍କ ତରଫରୁ କୌଣସି ସୁବିଧା ମିଳିଲା ନାହିଁ। ଯାହା ଫଳରେ ବର୍ଷା ଦିନେ ଗମନାଗମନ ପାଇଁ ଜରୁରୀକାଳୀନ ସେବାରୁ ବଞ୍ଚିତ ହେଉଛନ୍ତି କପୁଗୁଡ଼ା ଅଞ୍ଚଳବାସୀ। ଅଞ୍ଚଳବାସୀ ଏକତ୍ରିତ ହୋଇ ଚାନ୍ଦା କରି ରାସ୍ତା ମରାମତି କରିଛନ୍ତି। ଏହି ଭଳି ପ୍ରତ୍ୟେକ ବର୍ଷ ଚାନ୍ଦା ଆଦାୟ କରି ଗ୍ରାମ ବାସୀ ଙ୍କ ସହଯୋଗ ରାସ୍ତା ନିର୍ମାଣ କରୁଥିବା ଦେଖିବାକୁ ମିଳିଛି। ରାସ୍ତା ମରାମତି ପାଇଁ ଗ୍ରାମ ବାସୀ ପ୍ରଶାସନ ଠାରୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତାହା କୌଣସି ଫଳପ୍ରଦ ହୋଇନଥିଲା ଶେଷରେ ନିଜ କାମକୁ ନିଜେ କରିବା ପାଇଁ ନିଷ୍ପତ୍ତି ନେଇ ଚାନ୍ଦା ଆଦାୟ କରି ମଗଡ଼ିଙ୍ଗିଆ ସ୍କୁଲ ଛକ ଠାରୁ ଘାଟି ପର୍ଯ୍ୟନ୍ତ ମରାମତି କରିଛନ୍ତି ଅଞ୍ଚଳବାସୀ। ଗାଁ ର ଯୁବକ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏଥିରେ ସାମିଲ ହୋଇଥିଲେ। ରାସ୍ତା ନିର୍ମାଣ ପାଇଁ ପ୍ରଶାସନ କୁ ବାରମ୍ବାର ଦାବି କରାଯାଇଥିଲା ବୋଲି କହିଛନ୍ତି ଯାଦବ ପ୍ରଧାନ,ବିରୂପାକ୍ଷ ପ୍ରଧାନ, ମନଜ ପ୍ରଧାନ,ରିଙ୍କୁ ପ୍ରଧାନ, ଜନ୍ତା ପ୍ରଧାନ,ବିଜୟ ଚନ୍ଦ୍ର ପ୍ରଧାନ, ଟଙ୍କଧର ପ୍ରଧାନ, ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

ଖୁଣ୍ଟାପୁର ଓ ମେର୍ଦ୍ଦାରେ ରାବଣ ପୋଡ଼ି ଉତ୍ସବ, ଓ ଭସାଣି ଶୋଭାଯାତ୍ରା

ବୈଶିଙ୍ଗା,୨୨।୧୦ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ଖୁଣ୍ଟାପୁର ଠାରେ ୨୭ ତମ ରାବଣ ପୋଡି ଉତ୍ସବ ଖୁବ୍ ଧୂମ୍ ଧାମରେ ପାଳିତ ହୋଇଥିବାର ଜଣାଯାଇଛି। ସନ୍ଧ୍ୟା ୬ ଘଟିକା ସମୟରେ ଉତ୍ସବ କମିଟିର ସଭାପତି ସଞ୍ଜୟ କୁମାର ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅକ୍ଷୟ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ହରେକୃଷ୍ଣ ପରିଡା, ସଞ୍ଜୟ କୁମାର ମିଶ୍ର, ବୃନ୍ଦାବନ ଦାସ, ଅକ୍ଷୟ କୁମାର ମିଶ୍ର, ପୂଜା କମିଟିର ସମ୍ପାଦକ ଜୀତେନ୍ଦ୍ର କୁମାର ନାଥ ପ୍ରମୁଖ ଉପସ୍ଥିତ ରହିଥିଲେ। ପୂର୍ବ ତନ ଖେଳ ଶିକ୍ଷକ ହରିଶ ଚନ୍ଦ୍ର ରାଉତ ସୁନ୍ଦର ଭାବରେ ଧାରା ବିବରଣୀ ମାଧ୍ୟମରେ ରାବଣ ପୋଡ଼ିର ପୌରାଣିକ ତଥ୍ୟ ପ୍ରଦାନ କରି ଦର୍ଶକ ଙ୍କ ମନ ମୁଗ୍ଧ କରିଦେଇଥିଲେ। ପାଖ ଆଖ ୨୦/୨୫ ଖଣ୍ଡ ଗ୍ରାମର ପଚାଶ ହଜାର ଦର୍ଶକ ଉପସ୍ଥିତ ରହି ଆତସବାଜି କୁ ମନଭରି ଉପଭୋଗ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ବୈଶିଙ୍ଗା ଥାନାଧିକାରୀ ବାବା ଶଙ୍କର ସରାଫ୍ ଏବଂ ପୋଲିସ ପ୍ଲାଟୁନ ସହଯୋଗ କରିଥିଲେ। ରାତି ଘ.୮.୩୦ମି. ସମୟରେ ମୁଖ୍ୟ ଅତିଥିଙ୍କ ସହିତ ଅନ୍ୟ ଅତିଥି ମାନେ ରାବଣ ଙ୍କ ପିତୁଳାରେ ଅଗ୍ନି ସଂଯୋଗ କରିଥିଲେ। ସେହିପରି ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦ୍ଦା ହାଇସ୍କୁଲ ପଡ଼ିଆରେ ଏହି ରାବଣ ପୋଡି ଉତ୍ସବ ହର୍ଷ ଉଲ୍ଲାସ ର ସହ ଅନୁଷ୍ଠିତ ହୋଇଥିବାର ଜଣାଯାଇଛି।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ' ଅନୁଷ୍ଠିତ

ସୁବର୍ଣ୍ଣପୁର,୨୨।୧୦ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଶିଶୁ ଯତ୍ନ ଅନୁଷ୍ଠାନ ରେ ରହୁଥିବା ଅନ୍ତେବାସୀ ମାନଙ୍କୁ ନେଇ କ୍ରୀଡ଼ା ଉତ୍ସବ 'ଉତ୍ସାହ'-୨୦୨୬ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମ୍ ରେ ଅନୁଷ୍ଠିତ ଉତ୍ସାହ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଦେବାଶିଷ ସିଂ ଶିଶୁ ମାନଙ୍କୁ କ୍ରୀଡ଼ା ପ୍ରତି ରୁଚି ରଖିବାକ